ବର୍ଷ-୨୫, ସଂଖ୍ୟା-୬୯
ଭୁବନେଶ୍ୱର
୧୧, ମାର୍ଚ୍ଚ, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 69
Bhubaneswar
11, March, 2025, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



୩ ମାସ ପରେ ଝିଅର ଫଟୋ ଛାଡ଼ିଲେ ରାଧିକା

# ବିରୋଧୀଙ୍କ ହଙ୍ଗାମା, ବିଧାନସଭା ଅଚଳ

**ଭୁବନେଶ୍ୱର, ୧୦।୩(ମହାଭାରତ):** ବିଧାନସଭାରେ ବିଜୁ ବାବୁଙ୍କୁ ଅସମ୍ମାନ, ମହିଳାଙ୍କୁ ସୁରକ୍ଷା ପ୍ରସଙ୍ଗରେ ହୋ ହଲ୍ଲା ପରେ ସୋମବାର ପର୍ଯ୍ୟନ୍ତ ଗୃହ ମୁଲତବୀ ହୋଇଥିଲା। ଲାଗୁଥିଲା ଆଜିଠୁ ପୁଣି ଥରେ ଗୃହ ସ୍ୱାଭାବିକ ସ୍ଥିତିକୁ ଫେରିବ। ହେଲେ ଆଜି ଗୃହ ଆରମ୍ଭ ହେବାମାତ୍ରେ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ଦ୍ୱାରା ଦିଆଯାଇଥିବା ବିବୃତିକୁ ନେଇ ଝଡ଼ ସୃଷ୍ଟି ହୋଇଥିଲା। ବିରୋଧୀ ବିଜେଡି ଓ କଂଗ୍ରେସ ଦଳର ବିଧାୟକ ମାନଙ୍କର ଭିନ୍ନ ଭିନ୍ନ ପ୍ରସଙ୍ଗରେ ହଙ୍ଗାମା ଓ ନାରାବାଜୀ କାରଣରୁ ଆଜି ବିଧାନସଭାରେ ପ୍ରଥମାର୍ଦ୍ଧ ବୈଠକରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସମେତ ଅନ୍ୟ କାର୍ଯ୍ୟକ୍ରମ ହୋଇ ପାରି ନାହିଁ। ବାଚସ୍ପତି ସୁରମା ପାଢ଼ୀ ବାରମ୍ବାର ବିରୋଧୀ ଦଳର ବିଧାୟକ ମାନଙ୍କୁ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ନିବେଦନ କଲା ପରେ ମଧ୍ୟ ବିରୋଧୀ ବିଧାୟକ ମାନେ ହଙ୍ଗାମା କରି ଥିଲେ।ଏହି କାରଣରୁ ପ୍ରଥମାର୍ଦ୍ଧରେ ବାଚସ୍ପତି ଗୃହକୁ ତିନିଥର ମୁଲତବୀ ଘୋଷଣା କରିଛନ୍ତି। ଗୃହ ଚଳାଇବା ସମ୍ଭବ ହୋଇନପାରିବାରୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ।

ଆଜି ଗୃହ କାର୍ଯ୍ୟ ନିର୍ଦ୍ଧାରିତ ୧୦.୩୦ ମିନିଟରେ ଆରମ୍ଭ ହୋଇଥିଲା। ପ୍ରଥମେ ଦିବଙ୍ଗତ ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସଙ୍କ ପାଇଁ ଶୋକ ପ୍ରସ୍ତାବ ପାରିତ ହୋଇଥିଲା। ଶୋକ ପ୍ରସ୍ତାବ ପାରିତ ହେବା ପରେ ବାଚସ୍ପତି ସୁରମା ପାଢ଼ୀ ପ୍ରଶ୍ନୋତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚାହିଁଥିଲେ। ତେବେ ବିରୋଧୀ ବିଜେଡି ଓ କଂଗ୍ରେସ ଦଳର ବିଧାୟକ ମାନେ ଭିନ୍ନ ଭିନ୍ନ ପ୍ରସଙ୍ଗରେ ଗୃହର ମଧ୍ୟ ଭାଗକୁ ଚାଲି ଆସି ନାରାବାଜୀ କରିଥିବା ଦେଖିବାକୁ ମିଳିଥିଲା। ବିରୋଧୀ ବିଧାୟକ ମାନଙ୍କ ହାତରେ ପ୍ଲାକାର୍ଡ ଥିଲା । ବିଜେପି ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ଦ୍ୱାରା ଦିଆଯାଇଥିବା ବକ୍ତବ୍ୟକୁ ବିରୋଧ କରି ବିଜେଡି ବିଧାୟକ ମାନେ ହାତରେ ପ୍ଲାକାର୍ଡ ଧରି ଗୃହର ମଧ୍ୟ ଭାଗକୁ ଆସି ନାରାବାଜୀ କରିଥିଲେ । ସେମାନେ ବିଭାଜନକାରୀ ଶକ୍ତି ମାନେ ସାବଧାନ ହୁଅ ପରି ଅନେକ ସ୍ଲୋଗାନ ପ୍ଲାକାର୍ଡରେ ଲେଖିଥିବା ଦେଖିବାକୁ ମିଳିଥିଲା।



ସେହିପରି ରାଜ୍ୟରେ ମହିଳା ମାନଙ୍କର ସୁରକ୍ଷା ପ୍ରସଙ୍ଗରେ ହାତରେ ପ୍ଲାକାର୍ଡ ଧରି କଂଗ୍ରେସ ବିଧାୟକ ମାନେ ଗୃହର ମଧ୍ୟ ଭାଗକୁ ଆସି ନାରାବାଜୀ କରିଥିଲେ । ମୁଖ୍ୟମନ୍ତ୍ରୀ ତାଙ୍କ ଜିଲ୍ଲାର ଆଦିବାସୀ ମହିଳା ମାନଙ୍କୁ ସୁରକ୍ଷା ଦେଇ ପାରିବେ ତ ଭଳି ଅନ୍ୟ ସ୍ଲୋଗାନ ଲେଖାଥିବା ପ୍ଲାକାର୍ଡ କଂଗ୍ରେସ ବିଧାୟକ ମାନେ ଧରି ଥିଲେ । କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ବାଚସ୍ପତିଙ୍କ ପୋଡିୟମ ଉପରକୁ ବାରମ୍ବାର ଚଢୁଥିବା ଓ ସୁରକ୍ଷା କର୍ମୀ ମାନେ ତାଙ୍କୁ ଅଟକାଉଥିବା ଦେଖିବାକୁ ମିଳିଥିଲା । ବାଚସ୍ପତି ସୁରମା ପାଢ଼ୀ ବାରମ୍ବାର ବିରୋଧୀ ବିଧାୟକ ମାନଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ନିବେଦନ କରୁଥିଲେ । ହେଲେ ବିରୋଧୀ ବିଧାୟକ ମାନଙ୍କ ଉପରେ କୌଣସି ପ୍ରଭାବ ଦେଖା ଦେଇ ନ ଥିଲା । ଶେଷରେ ବାଧ୍. ହୋଇ ବାଚସ୍ପତି ସୁରମା ପାଢ଼ୀ ଦିନ ୧୦.୪୩ରୁ ୧୨.୦୯ ଯାଏ ଗୃହ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ। ଏହା ପରେ ୧୨.୦୯ରେ ପୁଣି ଥରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ସେତେବେଳେ ମଧ୍ୟ ବିରୋଧୀ ବିଧାୟକ ମାନେ ସମାନ ପ୍ରସଙ୍ଗରେ ଗୃହର ମଧ୍ୟ ଭାଗକୁ ଆସି ହଙ୍ଗାମା କରିଥିଲେ । ବାଚସ୍ପତି ଗୃହକୁ ଗୋଟାଏ ଯାଏ ମୁଲତବୀ ରଖିଥିଲେ । ଏହା ପରେ ମଧ୍ୟ ସେହି ସମାନ ସ୍ଥିତି ଦେଖିବାକୁ ମିଳିଥିଲା । ଫଳରେ ବାଚସ୍ପତି ଅପରାହ୍ନ ୪ଟାଯାଏ ଗୃହକୁ ମୁଲତବୀ ରଖିଥିଲେ।

# ପାନ ମସଲା, ଗୁଟ୍‌ଖାରୁ ୬,୫୯୫ କୋଟି ଟିକସ ଆଦାୟ

**ଭୁବନେଶ୍ୱର, ୧୦।୩(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ପ୍ରକାଶ କରିଛନ୍ତି ଯେ, ଦଶ ବର୍ଷ ମଧ୍ୟରେ ରାଜ୍ୟରେ ପାନ ମସଲା, ଗୁଟଖା ଏବଂ ତମାଖୁରୁ ୬,୫୯୫ କୋଟି ଟଙ୍କା ଟିକସ ଆଦାୟ ହୋଇଛି। ବୃଦ୍ଧି ପାଉଥିବା ରାଜସ୍ୱ ପାନ ମସଲା, ଗୁଟଖା ଏବଂ ତମାଖୁର ଅଧିକ ବ୍ୟବହାରକୁ ସୂଚିତ କରୁଛି, ଯାହା ସ୍ୱାସ୍ଥ୍ୟ ଚିନ୍ତାକୁ ବୃଦ୍ଧି କରୁଛି।

ବିଧାୟକ ଟଙ୍କଧର ତ୍ରିପାଠୀଙ୍କର ଏକ ପ୍ରଶ୍ନର ଉତ୍ତର ଦେଇ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ତଥ୍ୟ ଉପସ୍ଥାପନ କରିଛନ୍ତି। ରାଜ୍ୟରେ ପାନ ମସଲା ଏବଂ ଗୁଟଖା ଉତ୍ପାଦରୁ ଟିକସ ସଂଗ୍ରହରେ ବାର୍ଷିକ ହାରରେ ନିରନ୍ତର ବୃଦ୍ଧି ଘଟୁଛି। କେବଳ ୨୦୨୪-୨୫ ଆର୍ଥିକ ବର୍ଷରେ, ୧,୦୪୭ କୋଟି ଟଙ୍କା ସଂଗ୍ରହ କରାଯାଇଛି। ଓଡ଼ିଶାକୁ ଭାରତର ୧୬ଟି ରାଜ୍ୟରୁ ପାନ ମସଲା, ଗୁଟଖା ଏବଂ ତମାଖୁ ଆସିଥାଏ। ବର୍ଦ୍ଧିତ ରାଜସ୍ୱ ରାଜ୍ୟରେ ଏହି ଉତ୍ପାଦଗୁଡ଼ିକର ଅଧିକ ବ୍ୟବହାରକୁ ସ୍ପଷ୍ଟ କରୁଛି, ଯାହା ଅର୍ଥିକ ଲାଭ ସତ୍ତ୍ୱେ ଜନସ୍ୱାସ୍ଥ୍ୟ ପ୍ରତି ଚିନ୍ତା ସୃଷ୍ଟି କରୁଛି ସରକାର। ତମାଖୁ ସେବନ ଏବଂ ଏହାର ସମ୍ବନ୍ଧିତ ସ୍ୱାସ୍ଥ୍ୟ ବିପଦକୁ ରୋକିବା ପାଇଁ ନିୟାମକ ପଦକ୍ଷେପ ସହିତ ରାଜସ୍ୱ ଉତ୍ପାଦନକୁ ସନ୍ତୁଳିତ କରିବାକୁ ଯୋଜନା କରୁଥିବା ମୁଖ୍ୟମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ସରକାରୀ ଅଧିକାରୀମାନେ ଦୁର୍ନୀତିରେ ମାତିଛନ୍ତି ଗତ ୫ ବର୍ଷରେ ଦୁର୍ନୀତି ଅଭିଯୋଗରେ ୮୨୭ ସରକାରୀ ଅଧିକାରୀ ଗିରଫ ହୋଇଛନ୍ତି ବୋଲି ବିଧାନସଭାରେ ଏକ ପ୍ରଶ୍ନ ନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସୂଚନା ପ୍ରଦାନ କରିଛନ୍ତି। ପୂର୍ତ୍ତ, ପଞ୍ଚାୟତିରାଜ, ରାଜସ୍ୱ, ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ, ଗୃହ, ଗଣଶିକ୍ଷା ଓ ଉଚ୍ଚଶିକ୍ଷା ବିଭାଗରେ ସର୍ବାଧିକ ଦୁର୍ନୀତି ହୋଇଛି।

ଗତ ୫ ବର୍ଷରେ ଦୁର୍ନୀତି ଅଭିଯୋଗରେ ଗିରଫ ହୋଇଥିବା ସରକାରୀ ଅଧିକାରୀଙ୍କ ମଧ୍ୟରୁ ୪୩୬ ଅଧିକାରୀ ଦଣ୍ଡିତ ହୋଇଛନ୍ତି। ୧୧୩୧ ଅଧିକାରୀଙ୍କ ବିରୁଦ୍ଧରେ ଭିଜିଲାନ୍ସ ଚାର୍ଜ ସିଟ ଦାଖଲ କରାଯାଇ ବିଚାର ପ୍ରକ୍ରିୟା ଚାଲିଛି। ସେହିପରି ରାଜ୍ୟରେ ଦୁର୍ନୀତି ନିବାରଣ ସଂସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ନୂତନ ଭାବେ ୪୮ ପଦବୀ ସୃଷ୍ଟି କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

# ୫ ବର୍ଷରେ ଜୀବନ ହାରିଛନ୍ତି ୭୨ ଛାତ୍ରଛାତ୍ରୀ

**ଭୁବନେଶ୍ୱର, ୧୦।୩(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ସୂଚନା ଦେଇଛନ୍ତି ଯେ, ପାଞ୍ଚ ବର୍ଷ ମଧ୍ୟରେ ୭୨ ଜଣ ଛାତ୍ରଛାତ୍ରୀ ନିଜ ଜୀବନ ହାରିଛନ୍ତି। ଏହାର କାରଣଗୁଡ଼ିକ ହେଉଛି ଶିକ୍ଷାଗତ ଚାପ, ହଇରାଣ ଏବଂ ପାରିବାରିକ ବିବାଦ୍ୟ ମାନସିକ ସ୍ୱାସ୍ଥ୍ୟ ସହାୟତା ପାଇଁ କର୍ତ୍ତୃପକ୍ଷ ଗୁରୁତ୍ୱାରୋପ କରୁଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ସୂଚନା ଦେଇଛନ୍ତି ଯେ, ଗତ ପାଞ୍ଚ ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ସରକାରୀ ଏବଂ ବେସରକାରୀ ସ୍କୁଲ ଏବଂ କଲେଜର ୭୨ ଜଣ ଛାତ୍ରଛାତ୍ରୀ ନିଜ ଜୀବନ ହାରିଛନ୍ତି। କଂଗ୍ରେସ ବିଧାୟକ ସୋଫିଆ ଫିରଦୌସଙ୍କ ଦ୍ୱାରା ଉଠାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଏଭଳି ଉତ୍ତର ଦେଇଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ, ୨୦୨୦ ରୁ ୨୦୨୫ ପର୍ଯ୍ୟନ୍ତ, ଏହି ଦୁଃଖଦ ଘଟଣାଗୁଡ଼ିକ ପାଇଁ ବହୁବିଧ କାରଣ ଦାୟୀ ଥିଲା।

ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସମ୍ଭାବ୍ୟ କାରଣଗୁଡ଼ିକ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ, ମାନସିକ ଚାପ, ଅଭିଯୁକ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ହଇରାଣ, ମାନସିକ ଅସନ୍ତୁଳନ, ସ୍କୁଲ ହଷ୍ଟେଲରେ ଫୋନ୍ ବ୍ୟବହାର ଉପରେ କଟକଣା, ଶିକ୍ଷାଗତ ଚାପ, ବନ୍ଧୁମାନଙ୍କ ସହିତ ଭୁଲ ବୁଝାମଣା, ପାରିବାରିକ ବିବାଦ, ପ୍ରେମ ସମ୍ପର୍କ ଏବଂ ପରୀକ୍ଷା ସମ୍ବନ୍ଧୀୟ ଅବସାଦ ଭଳି ସମସ୍ୟାଗୁଡ଼ିକୁ ଆଲୋକପାତ କରିଥିଲେ। ଏହି ତଥ୍ୟ ନୀତି ନିର୍ଦ୍ଧାରକ, ଶିକ୍ଷକ ଏବଂ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି, ଯାହା ଭବିଷ୍ୟତରେ ଏପରି ଘଟଣାଗୁଡ଼ିକୁ ହ୍ରାସ କରିବା ପାଇଁ ଉନ୍ନତ ଛାତ୍ର ସହାୟତା ବ୍ୟବସ୍ଥା, ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଏବଂ ନୀତିଗତ ହସ୍ତକ୍ଷେପର ଆବଶ୍ୟକତା ଉପରେ ଆଲୋଚନା ଆରମ୍ଭ କରିଛି। କର୍ତ୍ତୃପକ୍ଷ ଏହି ଚିନ୍ତାଜନକ ଧାରା ସମାଧାନ କରିବା ଏବଂ ଛାତ୍ରମାନଙ୍କ ପାଇଁ ଏକ ସୁରକ୍ଷିତ, ଅଧିକ ସହାୟକ ପରିବେଶ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାର ଆଶା କରାଯାଉଛି। ମାନସିକ ସୁସ୍ଥତା ଜଣେ ଛାତ୍ରର ଶୈକ୍ଷିକ ପ୍ରଦର୍ଶନ, ଭାବପ୍ରବଣ ସ୍ଥିରତା ଏବଂ ସାମଗ୍ରିକ ସୁସ୍ଥତା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଆଜିର ଦ୍ରୁତ ଏବଂ ପ୍ରତିଯୋଗିତାମୂଳକ ଦୁନିଆରେ, ଛାତ୍ରଛାତ୍ରୀମାନେ ଶିକ୍ଷା, ସାମାଜିକ ଆଶା ଏବଂ ବ୍ୟକ୍ତିଗତ ଚ୍ୟାଲେଞ୍ଜରୁ ପ୍ରଚୁର ଚାପର ସମ୍ମୁଖୀନ ହୁଅନ୍ତି। ଉପଯୁକ୍ତ ମାନସିକ ସ୍ୱାସ୍ଥ୍ୟ ସହାୟତା ବିନା, ସେମାନେ ଚିନ୍ତା, ଅବସାଦ ଏବଂ ନିରାଶାର ଭାବନା ଅନୁଭବ କରିପାରନ୍ତି, ଯାହା ଜୀବନ ନେବା ଭଳି ଚରମ ପରିଣାମ ସୃଷ୍ଟି କରୁଛି।



ଶିକ୍ଷାନୁଷ୍ଠାନଗୁଡ଼ିକରେ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ଏକ ସହାୟକ ଏବଂ ପୋଷଣୀୟ ପରିବେଶ ସୃଷ୍ଟି କରିବା ପାଇଁ ଅତ୍ୟନ୍ତ ଜରୁରୀ। ସ୍କୁଲ ଏବଂ କଲେଜଗୁଡ଼ିକ ଛାତ୍ରଛାତ୍ରୀମାନଙ୍କୁ ଚାପ ସହ ମୁକାବିଲା କରିବାରେ ସାହାଯ୍ୟ କରିବା ପାଇଁ ପରାମର୍ଶ ସେବା, ଚାପ ପରିଚାଳନା କାର୍ଯ୍ୟକ୍ରମ ଏବଂ ସହକର୍ମୀ ସମର୍ଥନ ଗୋଷ୍ଠୀ କାର୍ଯ୍ୟକାରୀ କରିବା ଉଚିତ। ମାନସିକ ସ୍ୱାସ୍ଥ୍ୟ ବିଷୟରେ ଖୋଲା ଆଲୋଚନାକୁ ଉତ୍ସାହିତ କରିବା ଏବଂ ଅପମାନ ହ୍ରାସ କରିବା ଦ୍ୱାରା ଛାତ୍ରଛାତ୍ରୀମାନେ ବିଚାରର ଭୟ ବିନା ସାହାଯ୍ୟ ଲୋଡ଼ିପାରିବେ। ଏଭଳି ଘଟଣାର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ଚିହ୍ନଟ କରିବା ଏବଂ ଆଶ୍ୱାସନା ପ୍ରଦାନ କରିବାରେ ପିତାମାତାଙ୍କ ସମ୍ପୃକ୍ତି ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଯତ୍ନ, ବୁଝାମଣା ଏବଂ ବୃତ୍ତିଗତ ସମର୍ଥନର ସଂସ୍କୃତିକୁ ପ୍ରୋତ୍ସାହିତ କରି, ଆମେ ସୁନିଶ୍ଚିତ କରିପାରିବା ଯେ, ଛାତ୍ରଛାତ୍ରୀମାନେ କ୍ଷତିକାରକ ନିଷ୍ପତ୍ତି ନ ନେଇ ମୂଲ୍ୟବାନ, ଶୁଣାଯାଇଥିବା ଏବଂ ଚ୍ୟାଲେଞ୍ଜଗୁଡ଼ିକୁ ମୁକାବିଲା କରିବା ପାଇଁ ସଶକ୍ତ ଅନୁଭବ କରିବେ ବୋଲି ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

## ଭାରତରେ ଧିମା ହେଲା 'ଏକ୍ସ'

**ନୂଆଦିଲ୍ଲୀ, ୧୦।୩(ଏଜେନ୍ସି):** ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଆଜି ଏକ ବଡ଼ ଧରଣର ବିଭ୍ରାଟ ଦେଖିବାକୁ ମିଳିଥିଲା। କିଛି ସମୟ ପାଇଁ ଏକ୍ସର ସେବା ଅଚଳ ହୋଇଯାଇଥିଲା, ଯାହା ଫଳରେ ଆପ୍ ବ୍ୟବହାର କରୁଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଆଜି ଅପରାହ୍ନ ପ୍ରାୟ ୩ଟା ୧୫ ମିନିଟରେ ଉପଭୋକ୍ତାମାନେ ଏକ୍ସ ୱେବସାଇଟ୍ ଏବଂ ଆପ୍ ଲଗ୍ ଇନ୍ କରିବାରେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ତେବେ ସୂଚନା ଅନୁସାରେ କିଛି ସମୟପରେ ସେବା ସ୍ୱାଭାବିକ ହୋଇଥିଲା। ସେବା ଆରମ୍ଭ ହେବା ପରେ ଲକ୍ଷ ଲକ୍ଷ ଉପଭୋକ୍ତା ଆଶ୍ୱସ୍ତିର ନିଶ୍ୱାସ ନେଇଛନ୍ତି ଏଲନ ମସ୍କଙ୍କ ମାଇକ୍ରୋବ୍ଲଗିଂ ପ୍ଲାଟଫର୍ମର ସାରା ବିଶ୍ୱରେ ଲକ୍ଷ ଲକ୍ଷ ଉପଭୋକ୍ତା ଅଛନ୍ତି। ଏପରିକି ଆପ୍ କିମ୍ବା ୱେବସାଇଟରେ ସାମାନ୍ୟ ସମସ୍ୟା ମଧ୍ୟ ଲକ୍ଷ ଲକ୍ଷ ଉପଭୋକ୍ତାଙ୍କୁ ପ୍ରଭାବିତ କରିଥାଏ।

# 'ସାଇବର ଫ୍ରଡଙ୍କଠୁ ୩.୫ କୋଟି ଜବତ'

**ଭୁବନେଶ୍ୱର, ୧୦।୩(ମହାଭାରତ):** ଗତ ଦୁଇ ବର୍ଷ ମଧ୍ୟରେ, ଜାନୁଆରି ୨୦୨୫ ସୁଦ୍ଧା, ଆର୍ଥିକ ଠକେଇ ମାମଲାରେ ଜଡ଼ିତ ସାଇବର ଠକମାନଙ୍କଠାରୁ ଓଡ଼ିଶାରେ ୩.୫ କୋଟିରୁ ଅଧିକ ଟଙ୍କା ଜବତ କରାଯାଇଛି । ସୋମବାର ଦିନ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ପ୍ରଦାନ କରିଛନ୍ତି।



ଏକ ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୨୩ ମସିହାରେ ୧.୩୬୨ ସାଇବର ଅପରାଧ ମାମଲା ରିପୋର୍ଟ ହୋଇଥିଲା। ଗିରଫ ହୋଇଥିବା ଲୋକଙ୍କ ମଧ୍ୟରେ ୧୫୫ ଜଣ ପୁରୁଷ ଏବଂ ୮ ଜଣ ମହିଳା ଥିଲେ ଚୋରି ହୋଇଥିବା ମୋଟ ପରିମାଣ ୪୭.୭୬ କୋଟି ଟଙ୍କା ଥିଲା। ସେଥିମଧ୍ୟରୁ ୧.୫୩ କୋଟି ଟଙ୍କା ଜବତ କରାଯାଇଥିଲା ଏବଂ ୨.୨୮ କୋଟି ଟଙ୍କା ଫ୍ରିଜ୍ କରାଯାଇଥିଲା।

ସେହିପରି, ୨୦୨୪ ମସିହାରେ ମାମଲା ସଂଖ୍ୟା ୧,୫୫୩କୁ ବୃଦ୍ଧି ପାଇଥିଲା। ୧୮୯ ପୁରୁଷ ଏବଂ ୨ ଜଣ ମହିଳାଙ୍କୁ ଗିରଫ କରାଯାଇଥିଲା।ଚୋରି ହୋଇଥିବା ପରିମାଣ ୧୫୩.୧୬ କୋଟି ଟଙ୍କା ଥିଲା। ସେଥିମଧ୍ୟରୁ ୧.୯୯କୋଟି ଟଙ୍କା ଉଦ୍ଧାର କରାଯାଇଥିଲା ଏବଂ ୮.୫୩ କୋଟି ଟଙ୍କା ଫ୍ରିଜ୍ କରାଯାଇଥିଲା। ଜାନୁଆରି ୨୦୨୫ ସୁଦ୍ଧା ୧୧୫ ଟି ସାଇବର ଅପରାଧ ମାମଲା ରିପୋର୍ଟ କରାଯାଇଥିଲା, ଯେଉଁଥିରେ ୭ ଜଣଙ୍କୁ ଗିରଫ କରାଯାଇଥିଲା।

ଆଠଗଡ଼ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରଶ୍ନ କରିଥିଲେ ଯେ, ଗତ ଦୁଇବର୍ଷ ଠାରୁ ଅଦ୍ୟାବଧି ଚଳିତ ବର୍ଷରେ ରାଜ୍ୟ ସଂଗଠିତ ହୋଇଥିବା ବ୍ୟାଙ୍କ ଜାଲିଆତି ଡିଜିଟାଲ ଠକେଇର ଏକ ସୁବିସ୍ତୃତ ବିବରଣୀ ଉପସ୍ଥାପନା କରିବେ କି ? ଏହା କେତେ ପ୍ରତିଶତ ବଢ଼ିଛି ନା କମିଛି ଏବଂ ଏଭଳି ଡିଜିଟାଲ ଠକେଇକୁ ନିୟନ୍ତ୍ରଣ କରିବାକୁ ସରକାର କି କି ଟେକ୍ନୋଲୋଜି ଓ ପଦ୍ଧତିମାନ ପ୍ରୟୋଗ କରୁଛନ୍ତି ତାହାର ଏକ ବିବରଣୀ ଉପସ୍ଥାପନା କରିବେ କି? ଏହି ଠକେଇରେ ସମୁଦାୟ କେତେ ପରିମାଣ ଟଙ୍କାର ଜଡ଼ିତ ଅଛି ତାହାର ଏକ ବର୍ଷାରୀ ବିବରଣୀ ଦେବେ କି?

ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଚୋରି ହୋଇଥିବା ପରିମାଣ ୨୦.୭୫ କୋଟି ଟଙ୍କା ଥିଲା, ଯେଉଁଥିରୁ ୩୦,୬୦୦ ଟଙ୍କା ଉଦ୍ଧାର କରାଯାଇଥିଲା ଏବଂ ୫୯.୬୧ ଲକ୍ଷ ଟଙ୍କା ଫ୍ରିଜ୍ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ୨୦୨୩ ତୁଳନାରେ ୨୦୨୪ ମସିହାରେ ଓଡ଼ିଶାରେ ଆର୍ଥିକ ଠକେଇ ସମ୍ପର୍କିତ ସାଇବର ମାମଲା ୧୪.୦୨% ବୃଦ୍ଧି ପାଇଛି।ସେହିପରି, ମୁଖ୍ୟମନ୍ତ୍ରୀ ୨୦୨୩, ୨୦୨୪ ଏବଂ ୨୦୨୫ (ଜାନୁଆରି ୩୧, ୨୦୨୫ ପର୍ଯ୍ୟନ୍ତ) ପାଇଁ ସାଇବର ହେଲ୍ପଲାଇନ୍ ୧୯୩୦ ରେ ମିଳିଥିବା ମୋଟ ଆର୍ଥିକ ଠକେଇ ଅଭିଯୋଗ ସଂଖ୍ୟା ଉପରେ ଏକ ବିବୃତି ପ୍ରଦାନ କରିଥିଲେ।

# ୩ ବର୍ଷରେ ପାଣିରେ ବୁଡ଼ି ୨୦୬୪ ମୃତ

**ଭୁବନେଶ୍ୱର, ୧୦।୩(ମହାଭାରତ) :** ଗତ ତିନି ବର୍ଷ ଭିତରେ ବୁଡ଼ି କରି ଗଲାଣି ୨୦୬୪ ଜଣଙ୍କର ମୃତ୍ୟୁ । ଏନେଇ ଆଜି ଗୃହରେ ତଥ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ।ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ନଦୀ, ପୋଖରୀ ଏବଂ ସମୁଦ୍ରରେ ବୁଡ଼ି ୨୦୬୪ ମୃତ୍ୟୁ ହୋଇଛି। ବିଜେପି ବିଧାୟକ ଓମ ପ୍ରକାଶ ମିଶ୍ରଙ୍କ ପ୍ରଶ୍ନର ଉତ୍ତରରେ ଏହି ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ। ତଥ୍ୟ ଅନୁଯାୟୀ, ନଦୀ, ସମୁଦ୍ର ଏବଂ ପୋଖରୀ ସମେତ ଜଳଭଣ୍ଡାରରେ ଗତ ତିନି ବର୍ଷରେ ୨୦୬୪ ଜଣ ବୁଡ଼ି ପରଲୋକ ହୋଇଛନ୍ତି। ଏଥିମଧ୍ୟରୁ କଟକରେ ୨୫୨ ଜଣଙ୍କ ମୃତ୍ୟୁ ସହିତ ସର୍ବାଧିକ ସ୍ଥାନରେ ରହିଛି, ଏହା ପରେ ମୟୂରଭଞ୍ଜ ୨୫୧, କୋରାପୁଟ ୨୦୭, ନବରଙ୍ଗପୁର ୧୦୨ ଏବଂ ବାଲେଶ୍ୱର ୯୯ଟି ମୃତ୍ୟୁ ହୋଇଛି। ସୋନପୁର ଏବଂ ବୌଦ୍ଧରେ ଯଥାକ୍ରମେ ୯ ଏବଂ ୮ ଜଣଙ୍କ ମୃତ୍ୟୁ ହୋଇଛି।ତେବେ ଏଥିରୁ ବର୍ତ୍ତିବା ପାଇଁ ପଦକ୍ଷେପ ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଭିନ୍ନ ଜଳଭଣ୍ଡାରରେ ବୁଡ଼ି କରି ମୃତ୍ୟୁର କାରଣ ଯୋଗୁଁ, ସରକାର ଜିଲ୍ଲାଗୁଡ଼ିକରେ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରିବା ଏବଂ ବିପଦପୂର୍ଣ୍ଣ ଅଞ୍ଚଳରେ ସୁରକ୍ଷା ନିର୍ଦ୍ଦେଶାବଳୀ ସହିତ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ସମନ୍ୱିତ ପ୍ରୟାସ କରୁଛନ୍ତି। ଏହାବ୍ୟତୀତ, ସରକାରଙ୍କ ପକ୍ଷରୁ ପୁରୀର ରାମଚଣ୍ଡୀରେ ଏକ ଉତ୍ସର୍ଗୀକୃତ କେନ୍ଦ୍ର, ଓଡ଼ିଶା ରାଜ୍ୟ ଜଳକର୍ମୀ ଏବଂ ଜୀବନରକ୍ଷକ ପ୍ରତିଷ୍ଠାନ ଓସ୍ୱାଲି ରହିଛି, ଯେଉଁଠାରେ ବୁଡ଼ିଯିବା କ୍ଷେତ୍ରରେ ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା କର୍ମଚାରୀ ଏବଂ ହୋମଗାର୍ଡମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଏ।

## ଜଙ୍ଗଲ ନିଆଁରେ ଓଡ଼ିଶା ଦେଶରେ ଦ୍ୱିତୀୟ

**ଭୁବନେଶ୍ୱର, ୧୦।୩ (ମହାଭାରତ):** ରାଜ୍ୟର ବିଭିନ୍ନ ଜିଲ୍ଲାର ପ୍ରାୟ ୩୦୦ରୁ ଅଧିକ ସ୍ଥାନରେ ବନାଗ୍ନି ସରକାରଙ୍କ ମୁଣ୍ଡ ବିନ୍ଧାର କାରଣ ହୋଇଛି। ଏହି ଘଟଣା ସୂଚାଇଦେଇଛି ଯେ ସରକାରଙ୍କ ଜଙ୍ଗଲ ନିଆଁ ମୁକାବିଲା ପ୍ରସ୍ତୁତି ଫେଲ୍ ମାରିଛି। ନିଆଁର ଆଁରେ ଜଙ୍ଗଲ ଓଡ଼ିଶାର ଜଙ୍ଗଲ। ଖରା ଆରମ୍ଭରୁ ଜଳିଲାଣି । ମୟୂରଭଞ୍ଜ, ସୁନ୍ଦରଗଡ଼, ରାୟଗଡ଼ା, ବୌଦ୍ଧର ଜାମୁଖୋଲ ବନାଞ୍ଚଳ ଜଳୁଛି। ଧୀରେ ଧୀରେ ଉଗ୍ର ରୂପ ଧାରଣ କରୁଛି। ଜନବସତି ଆଡ଼କୁ ମୁହାଇଲାଣି। ହେକ୍ଟର ହେକ୍ଟର ଅଞ୍ଚଳ ଜଳି ପୋଡ଼ି ପାଉଁଶ।

# ୯ ମାସରେ ୨୧ ହଜାର କୋଟି ଋଣ କରିଛନ୍ତି ସରକାର

**ଭୁବନେଶ୍ୱର, ୧୦।୩(ମହାଭାରତ):** ନୂଆ ସରକାର ଗଠନ ହେବା ଦିନଠୁ ଅର୍ଥାତ ଗତ ୯ ମାସ ମଧ୍ୟରେ ୨୧ହଜାର କୋଟିରୁ ଅଧିକ ଟଙ୍କା ଋଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଜି ବିଧାନସଭାରେ ସୂଚନା ଦେଇଛନ୍ତି।

ଓଡ଼ିଶାରେ ନୂତନ ସରକାର ଦାୟିତ୍ୱ ନେବା ପରଠାରୁ ମୋଟ କେତେ ଟଙ୍କା ଋଣ କରିଛନ୍ତି ଏବଂ କେଉଁ କାରଣ ପାଇଁ ଋଣ କରିଛନ୍ତି; ଋଣ ହୋଇଥିବା ଅର୍ଥ କେତେ ପରିମାଣ ଖୋଲା ବଜାରରୁ କରାଯାଇଛି ବୋଲି ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ପ୍ରଶ୍ନ କରିଥିଲେ ।



ଏହାର ଉତ୍ତରରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ଗତ ୯ ମାସ ମଧ୍ୟରେ ୨୧ହଜାର କୋଟିରୁ ଅଧିକ ଟଙ୍କା ଋଣ କରିଛନ୍ତି। ବିଧାନସଭାରେ ଲିଖିତ ଉତ୍ତର ଦେଇ ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ୨୦୨୪ ଜୁନ ମାସରୁ ଫେବ୍ରୁଆରି ୨୦୨୫ ମଧ୍ୟରେ ୨୧ ହଜାର ୧୭୭ କୋଟି ୯୭ ଲକ୍ଷ ଟଙ୍କା ଋଣ କରିଛନ୍ତି।ନୂଆ ସରକାର ବିଭିନ୍ନ ସୂତ୍ରରୁ ଏହି ଋଣ ଉଠାଇଛନ୍ତି ଖୋଲାବଜାରରୁ ସର୍ବାଧିକ ୯ ହଜାର କୋଟି ଟଙ୍କାର ଋଣ ଉଠାଇଛନ୍ତି ମୋହନ ସରକାର ଭାରତ ସରକାରଙ୍କ ଠାରୁ ଋଣ ଆଣିଛନ୍ତି ୭ ହଜାର ୧୪୯ କୋଟି ଟଙ୍କା। ସେହିପରି ଓ୍ୱାଡସି ଠାରୁ ୨ହଜାର ୭୫୦ କୋଟି ଓ କାମ୍ପାଠୁ ୨୩୭୦ କୋଟି ଟଙ୍କା ଋଣ କରିଛନ୍ତି। ବିଭିନ୍ନ ସୂତ୍ରରୁ ଆଣିଥିବା ଏହି ଋଣ ଟଙ୍କାକୁ ସରକାର ସଂପୂର୍ଣ୍ଣ ଭାବେ ପୁଞ୍ଜିନିବେଶ ଓ ବିଭିନ୍ନ ଉନ୍ନୟନମୂଳକ କାମରେ ଲଗାଇଛନ୍ତି।ଜଳସେଚନ, ଶକ୍ତି, ସଡକ, ବିପର୍ଯ୍ୟୟ ପରିଚାଳନା, ସହରାଞ୍ଚଳ ଭିତ୍ତିଭୂମି ଭଳି ଯୋଜନାରେ ଟଙ୍କା ଲଗାଇଛନ୍ତି ସରକାର। ତେବେ ଏହାରି ମଧ୍ୟରେ ରାଜ୍ୟ ସରକାର ୧୪ ହଜାର ୯୭୦ କୋଟି ଟଙ୍କା ଋଣ ପରିଶୋଧ କରିଛନ୍ତି।

# ଭୁବନେଶ୍ୱରରେ ବାଂଲାଦେଶୀ ଅନୁପ୍ରବେଶକାରୀ ଗିରଫ

**ଭୁବନେଶ୍ୱର, ୧୦।୩(ମହାଭାରତ):** ରାଜଧାନୀ ଭୁବନେଶ୍ୱର ଏବେ ବାଂଲାଦେଶୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି। କିଛି ନାମ ବଦଳା ଆଧାର କାର୍ଡ ଓ ପାସପୋର୍ଟ ବି ତିଆରି କରି ସାରିଲେଣି। ତେବେ ସନ୍ଦେହ ବଢ଼ାଇଥିବା ବାଂଲାଦେଶୀ ଏବଂ ରାଜ୍ୟ ଭିତରେ ରହିଯାଇଥିବା ଏହି ଗୋଷ୍ଠୀଙ୍କୁ ତଡିପାର କରାଇବାକୁ ତିଆରି ହୋଇଛି। ଏସଟିଏଫର ସ୍ୱତନ୍ତ୍ର ଟିମ୍ ଦ୍ୱାରା ଗତକାଲି ୧୦ ଜଣ ବାଂଲାଦେଶୀ ବନ୍ଧା ହେବା ପରେ, ଏବେ ଅନେକ ଦିଗକୁ ନେଇ ତଦନ୍ତ କରୁଛି ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ)।

ରାଜଧାନୀରୁ ଗିରଫ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ରିମାଣ୍ଡରେ ଆଣିବ କ୍ରାଇମବ୍ରାଞ୍ଚ ସ୍ପେଶାଲ ଟାସ୍କ ଫୋର୍ସ। ଏମାନଙ୍କୁ କେଉଁ ଦଲାଲ ଭାରତ ବର୍ଡର ପାସ୍ କରାଉଥିଲା ତାକୁ ଧରିବାକୁ ଉଦ୍ୟମ କରିବ ଏସଟିଏଫ୍। ଭୁବନେଶ୍ୱର ରେଳ ଷ୍ଟେସନରୁ କ୍ରାଇମବ୍ରାଞ୍ଚ ଏସଟିଏଫ୍ ୧୦ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଗିରଫ କରିଛି । ସେମାନଙ୍କ ମଧ୍ୟରେ ୬ ପୁରୁଷ, ୩ ମହିଳା ଓ ଜଣେ ନାବାଳକ ଅଛନ୍ତି। ଆସାମ ଧୁବୁରୀ ସୀମା ଦେଇ ସେମାନେ ଟ୍ରେନରେ ଆସି ଭୁବନେଶ୍ୱରରେ ଓହ୍ଲାଇଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସଟିଏଫ୍ ଟିମ୍ ସେମାନଙ୍କୁ ଗିରଫ କରିଥିଲା।



ଉଲ୍ଲେଖଯୋଗ୍ୟ ଯେ, ଏହି ୧୦ ଜଣ ବାଂଲାଦେଶରୁ ଦଲାଲଙ୍କ ଜରିଆରେ ଆସାମ ସୀମା ଦେଇ ଭାରତରେ ପ୍ରବେଶ କରିଥିଲେ। ଆସାମରୁ ଟ୍ରେନ୍ ଯୋଗେ ଆସି ରବିବାର ସକାଳେ ଭୁବନେଶ୍ୱର ରେଳ ଷ୍ଟେସନରେ ଓହ୍ଲାଇଥିଲେ। ଏସଟିଏଫର ଏକ ଟିମ୍ ରେଳଷ୍ଟେସନରୁ ସେମାନଙ୍କୁ ଧରିଥିଲା। ସେମାନେ କୌଣସି ପାସ୍ପୋର୍ଟ, ଭିସା କିମ୍ବା ବୈଧ କାଗଜପତ୍ର ଦେଖାଇ ପାରିନଥିଲେ। ସେମାନେ ହେଲେ ବାଂଲାଦେଶ ଭାଲୁକା ଥାନା ଗଙ୍ଗାଟିଆର ଏମଡି. ହାସିମ୍, ବାଗେରହାଟର ସୋଜିବ ଖାନ୍ ଓରଫ ଏମଡି ସୋଜିବ, ମୋରେଲଗଞ୍ଜର ଆଲାମ ଶାଇକା, ବାଗେରହାଟର ଏମଡି. ଆଜିମ, ଅଲତାଫ ଓରଫ ଦିଲାର ଶେକ୍, ଏମଡି. ସୋହା ତାଲୁକଦାର, କରିମା ବେଗମ, ମୋନିରା ବେଗମ, ସାହାନା ବେଗମ୍ ଓ ଜଣେ ୧୪ ବର୍ଷର ନାବାଳକ। ସେମାନଙ୍କ ଠାରୁ ୭ଟି ମୋବାଇଲ ଫୋନ୍, କିଛି ବାଂଲାଦେଶୀ ମୁଦ୍ରା ଓ କିଛି ଭାରତୀୟ ମୁଦ୍ରା ଜବତ ହୋଇଥିଲା। କେଉଁ ଦଲାଲ ସହାୟତାରେ ଭାରତରେ ପ୍ରବେଶ କରିଥିଲେ, ସେ ନେଇ ମୁହଁ ଖୋଲି ନଥିଲେ। ବେଆଇନ ଅନୁପ୍ରବେଶ ଅଭିଯୋଗରେ ଏସଟିଏଫ୍ ୬ ପୁରୁଷ ଓ ୩ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିଲା। ନାବାଳକକୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଥିଲା।

## 'କେନ୍ଦ୍ରାପଡ଼ାରେ ସର୍ବାଧିକ ଚିହ୍ନଟ'

**ଭୁବନେଶ୍ୱର, ୧୦।୩(ମହାଭାରତ):** ସାରା ରାଜ୍ୟରେ ୩,୭୩୮ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ଦେଶାନ୍ତର କରାଯିବା ବିଚାରାଧୀନ ଅଛି ବୋଲି ଆଜି ରାଜ୍ୟ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି।ବିଜେପି ବିଧାୟକ ମାନସ କୁମାର ଦତ୍ତଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଏହି ଉତ୍ତର ଦେଇଛନ୍ତି। ମାନସ କୁମାର ଦତ୍ତ ଜାଣିବାକୁ ଚାହିଁଥିଲେ ଯେ ଓଡିଶା ସରକାର ଓଡିଶାରେ ଅବୈଧ ଭାବରେ ରହୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଦେଶାନ୍ତର କରିବା ପାଇଁ କ'ଣ ପଦକ୍ଷେପ ନେଇଛନ୍ତି। ଦତ୍ତଙ୍କ ପ୍ରଶ୍ନ ନେଇ ମୁଖ୍ୟମନ୍ତ୍ରୀ ଉତ୍ତର ଦେଇଥିଲେ ଯେ, ଓଡ଼ିଶା ସରକାର ରାଜ୍ୟରେ ରହୁଥିବା ୩,୭୩୮ ବାଂଲାଦେଶୀ ନାଗରିକଙ୍କୁ ଚିହ୍ନଟ କରିଛନ୍ତି।

ସେମାନଙ୍କର ସର୍ବାଧିକ ସଂଖ୍ୟା ଚାରୋଟି ଜିଲ୍ଲାରେଦେଖିବାକୁ ମିଳିଛି। କେନ୍ଦ୍ରାପଡ଼ାରେ ସର୍ବାଧିକ ୧,୬୪୯ ଜଣଙ୍କୁ ଚିହ୍ନଟ କରାଯାଇଛି। ସେହିପରି ଜଗତସିଂହପୁରରେ ୧,୧୧୨ ଜଣ, ମାଲକାନଗିରିରେ ୬୫୫ ଜଣ, ଏବଂ ନବରଙ୍ଗପୁରରେ ୧୦୬ ଜଣଙ୍କୁ ଚିହ୍ନଟ କରାଯାଇଛି। ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଗୃହକୁ ଏହା ମଧ୍ୟ ଜଣାଇଥିଲେ ଯେ, ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ୪୧ ଜଣ ବାଂଲାଦେଶୀ ନାଗରିକ ବିଭିନ୍ନ ଅପରାଧିକ ମାମଲାରେ ଜଡିତ ଥିବା ଜଣାପଡ଼ିଛି। ସମସ୍ତ ଜିଲ୍ଲାପାଳ ଏବଂ ପୁଲିସ ଅଧୀକ୍ଷକ (ଏସପି)ଙ୍କୁ ସେମାନଙ୍କ କ୍ଷେତ୍ରରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ୪୮ ଲକ୍ଷ ଟଙ୍କାର ଲୁଟ୍ ସୁନା ଜବତ

**କଟକ, ୧୦।୩ (ମହାଭାରତ) :** କଟକର ଏକ ଜୁଏଲାରୀ ଦୋକାନରେ କାମ କରୁଥିବା ବେଳେ ପ୍ରତିଦିନ ଅଳ୍ପ ଅଳ୍ପ ସୁନା ଚୋରି କରୁଥିଲେ ଜଣେ କର୍ମଚାରୀ। ଦୋକାନୀ ମାଲିକ ଏହା ଜାଣିବା ପରେ କଟକ ପୁରୀଘାଟ ଥାନାରେ ଅଭିଯୋଗ କରିଥିଲେ। କଟକ ପୁରୀଘାଟ ଥାନା ପୋଲିସ ଜଣକୁ ଗିରଫ କରିଛିୟ ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଲାଲବାଗ ଅଞ୍ଚଳର ସତ୍ୟନାରାୟଣ ସାହୁ। ଅଭିଯୁକ୍ତ ନିକଟରୁ ପୋଲିସ ୪୮ ଲକ୍ଷ ଟଙ୍କାର ସୁନା ଜବତ କରିଛି। ସତ୍ୟ ନାରାୟଣ ଦୀର୍ଘ ବର୍ଷ ଧରି ନୟାସଡ଼କ ଅଞ୍ଚଳରେ ଥିବା ସୁରଜ୍ ଜୁଏଲାରୀରେ କାର୍ଯ୍ୟ କରୁଥିଲେ। ତେବେ ସେ ପ୍ରତିଦିନ ଦୋକାନରୁ ଅଳ୍ପ ଅଳ୍ପ ସୁନା ଚୋରି କରୁଥିଲେ। ଦୋକାନ ମାଲିକ ସୁକୁମାର ବୋଇତାଳ ଏହା ଜାଣିବା ପରେ ପୁରୀଘାଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ସତ୍ୟନାରାୟଣ ସାହୁଙ୍କୁ ଗିରଫ କରିଥିଲା। ଏଥି ସହ ସତ୍ୟନାରାୟଣଙ୍କ ଠାରୁ ୪୮ ଲକ୍ଷ ଟଙ୍କା ସୁନା ଜବତ କରିଛି।

## ରୋଗ ଦୂର କରେ ଶୁଣ୍ଠି

ଶୁଖିଲା ଅଦା ବା ଶୁଣ୍ଠି କେବଳ କବଳ ଖାଦ୍ୟର ସ୍ୱାଦ ବଢ଼ାଇ ନ ଥାଏ, ଏହାର ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି। ବିଶେଷକରି ଶୀତଦିନେ ଶୁଣ୍ଠିର ବ୍ୟବହାର ଦ୍ୱାରା ଅନେକ ସମସ୍ୟାରୁ ମୁକ୍ତି ମିଳିଥାଏ। ଜାଣନ୍ତୁ ଏ ସମ୍ପର୍କରେ

■ ଆଣ୍ଠୁ ଗଣ୍ଠି ଯନ୍ତ୍ରଣା ପାଇଁ ଶୁଣ୍ଠି ଖୁବ୍ ଲାଭଦାୟକ। ଶୁଣ୍ଠି ଏବଂ ଜାଇଫଳକୁ ଗୁଣ୍ଡ କରି ରାଶି ତେଲରେ ମିଶାଇ ଯନ୍ତ୍ରଣା ସ୍ଥାନରେ ଲଗାଇବା ଦ୍ୱାରା ଉପଶମ ମିଳିଥାଏ।

■ ଶୁଣ୍ଠି ପାଚନ କ୍ରିୟାକୁ ଠିକ୍ କରିବା ସହ ଓଜନ କମାଇବାରେ ସାହାଯ୍ୟ କରିଥାଏ।

■ ଗର୍ଭବତୀ ମହିଳାମାନଙ୍କ ପାଇଁ ଶୁଣ୍ଠି ସର୍ବୋତ୍କୃଷ୍ଟ।

■ ଶୁଣ୍ଠିରେ କର୍କଟ ନିରୋଧୀ ଗୁଣ ରହିଥାଏ, ଯାହା କର୍କଟ କୋଷିକାକୁ ନଷ୍ଟ କରିଦିଏ।



..... ପରଦା ଖବର ......

## ନୂଆ ଓଡ଼ିଆ ସିନେମା 'ଆଫା'ର ଅଡ଼ିଓ ରିଲିଜ




ମକ୍ତିଲାଭ କରିଛି ନୂଆ ଓଡ଼ିଆ ସିନେମା ଆଫା ର ଅଡିଓ । ଏକ ସାମ୍ବାଦିକ ସମ୍ମିଳନୀ କରି ର୍ନିମାତା ଏହାର ଅଡିଓ ରିଲିଜ୍ କରିଛନ୍ତି । ଏହା ଏକ ଭିନ୍ନ ଧରଣର ଚଳଚ୍ଚିତ୍ର । ଜୀବନ ମୃତ୍ୟୁର ସଂଘର୍ଷର କାହାଣୀ କହେ ଓଡ଼ିଆ ସିନେମା ଆଫା । ଏହା ସମ୍ପୂର୍ଣ୍ଣ ପାରିବାରିକ କାହାଣୀ ଉପରେ ଆଧାରିତ। କାହାଣୀରେ ନିର୍ଦ୍ଦେଶନା ରାଜେନ୍ଦ୍ର ମାହନ୍ତ ଦେଇଥିବାବେଳେ , ପ୍ରଯୋଜନା କରିଛନ୍ତି ନୈନା ଦାସ ଓ ପ୍ରୀତିରାଜ ଶତପଥୀୟ ସଂଳାପରେ କୁନା ତ୍ରିପାଠୀ ଥିବାବେଳେ ସଙ୍ଗୀତ ଭାର ପ୍ରେମାନନ୍ଦ ସମ୍ଭାଳିଛନ୍ତି। ମିଷ୍ଟିକ କ୍ଲାସ୍ ପ୍ରେ ଜେଣ୍ଟସ ବ୍ୟାନର ରେ ଏହି ସିନେମା ର୍ନିମିତ ହୋଇଛି। ଏଥିରେ ମୁଖ୍ୟ ଭୂମିକାରେ ଋଷି ପଟ୍ଟନାୟକ , ପ୍ରୀତିରାଜ ଶତପଥି , ନୈନା ଦାସ ,କୁନା ତ୍ରିପାଠୀ , ଜୀବନ ପଣ୍ଡା , ହର ରଥ , ଧରିତ୍ରୀ ଖଣ୍ଡୁଆଳ ,ରବି ମିଶ୍ର ପ୍ରମୁଖ ନଜର ଆସିବେ।

## ପିମ୍ପୁଡି ଠାରୁ ରକ୍ଷା ପାଇବେ କେମିତି ?



ବର୍ଷାଦିନେ ଲୋକେ ନିଜ ଘର ଏବଂ ଅଗଣାରେ ଜନ୍ଦା ଓ ପିମ୍ପୁଡି ହେଉଥିବାରୁ ସମସ୍ୟାରେ ପଡିଥାନ୍ତି । ଘରେ ପିମ୍ପୁଡି ଅଧିକ ହେଲେ ଆପଣଙ୍କ ରୋଷେଇ ଘରେ ଥିବା ମିଠା ଓ ଅନ୍ୟାନ୍ୟ ଖାଦ୍ୟ ମଧ୍ୟ ଖରାପ ହୋଇଥାଏ । ଏହି ସମ୍ୟାରୁ ରକ୍ଷା ପାଇଁ କିଛି ଘରୋଇ ଉପାୟ ରହିଛି,ଯାହାକୁ ପ୍ରୟୋଗ କଲେ ଘରକୁ ଜନ୍ଦା, ପିମ୍ପୁଡି ଆସିବେ ନାହିଁ । ଆସନ୍ତୁ ଜାଣିବା ସେଗୁଡିକ କ'ଣ ?

ଲେମ୍ବୁ : ପିମ୍ପୁଡିଙ୍କୁ ଘରୁ ବାହାର କରିବା ପାଇଁ ଘରର ଯେଉଁ ସ୍ଥାନରେ ପିମ୍ପୁଡି ହେଉଛନ୍ତି,ସେଠାରେ ଲେମ୍ବୁ ଚୋପା ରଖନ୍ତୁ । ଏପରି କରିବା ଦ୍ୱାରା ଘରେ ପିମ୍ପୁଡି ପଶିବେ ନାହିଁ ।

ତେଜପତ୍ର: ତେଜପତ୍ରର ବାସ୍ନା ପିମ୍ପୁଡିଙ୍କୁ ଭଲ ଲାଗେ ନାହିଁ । ଏହାର ବ୍ୟବହାର ଆପଣ ପିମ୍ପୁଡି ହେଉଥିବା ସ୍ଥାନରେ କରିପାରିବେ।

ଭିନେଗାର: ଘରର ଚଟାଣକୁ ପାଣିରେ ଭିନେଗାର ମିଶାଇ ପୋଛନ୍ତୁ । ଏପରି କଲେ ପିମ୍ପୁଡି ରହିବେ ନାହିଁ ।

ପୋଦିନା ପତ୍ର: ଯଦି ଆପଣଙ୍କ ଚିନି ଡବାରେ ପିମ୍ପୁଡି ହେଉଛନ୍ତି,ତେବେ ସେଥିରେ ଶୁଖିଲା ପୋଦିନା ପତ୍ର ଏବଂ ଲବଙ୍ଗ ରଖନ୍ତୁ । ଦେଖିବେ ପିମ୍ପୁଡି ହେବେ ନାହିଁ ।

ହଳଦୀ: ପିମ୍ପୁଡିଙ୍କୁ ବାହାର କରିବା ପାଇଁ ଆପଣ ହଳଦୀର ବ୍ୟବହାର ମଧ୍ୟ କରିପାରିବେ । ଯେଉଁଠି ପିମ୍ପୁଡି ହେଉଛନ୍ତି,ସେଠାରେ ହଳଦୀ ପାଉଡର ଛିଞ୍ଚି ଦିଅନ୍ତୁ ।

କଫି ପାଉଡର: ପିମ୍ପୁଡି ହେଉଥିବା ସ୍ଥାନରେ କଫି ପାଉଡର ପକାନ୍ତୁ । ପିମ୍ପୁଡି ରହିବେ ନାହିଁ ।

ସାବୁନ: ସାବୁନକୁ ଫେଣ କରି ପିମ୍ପୁଡି ହେଉଥିବା ସ୍ଥାନରେ ରଖନ୍ତୁ କିମ୍ବା ସ୍ପ୍ରେ କରନ୍ତୁ । ଘରେ ପିମ୍ପୁଡି ରହିବେ ନାହିଁ ।

ଚକ ଖଡି: ଯେଉଁଠାରେ ପିମ୍ପୁଡି ହେଉଛନ୍ତି, ଚକ ଖଡିରେ ସେଠାରେ ଏକ ଗୋଲ ତିଆରି କରନ୍ତୁ । ଦେଖିବେ ପିମ୍ପୁଡି ଗୋଲ ବାହାରକୁ ଯିବେ ନାହିଁ ।

## ରକ୍ତଚାପ ନିୟନ୍ତ୍ରଣ କରେ କପର୍ ବ୍ରେସଲେଟ୍

ତମ୍ବା ବା କପରରେ ଅନେକ ପ୍ରକାରର ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି । ତେଣୁ ତମ୍ବା ପାତ୍ରରେ ପାଣି ରଖି ସକାଳେ ଖାଲି ପେଟରେ ପିଇବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଥାନ୍ତି । କେବଳ ତମ୍ବା ପାତ୍ରର ପାଣି ନୁହେଁ,ଏହାର ବ୍ରେସଲେଟ ଓ ମୁଦିରେ ମଧ୍ୟ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି ।

ତମ୍ବା ଏପରି ଏକ ଧାତୁ ଯେଉଁଥିରେ ଆଣ୍ଟି ବ୍ୟାକ୍ଟେରିଆଲ୍ ଓ ମାଇକ୍ରୋ ବ୍ୟାକ୍ଟେରିଆଲ୍ ତତ୍ତ୍ୱ ରହିଛି । ଏହି ତତ୍ତ୍ୱ ବ୍ୟାକ୍ଟେରିଆଙ୍କ ସହିତ ଲଢେଇ କରିବା ପାଇଁ ସାହାଯ୍ୟ କରିଥାଏ । ତା'ହେଲେ ଆସନ୍ତୁ ଜାଣିବା ତମ୍ବା ବ୍ରେସଲେଟ ହାତରେ ପିନ୍ଧିଲେ ଶରୀରକୁ କେଉଁସବୁ ଲାଭ ମିଳିଥାଏ ।



୧- ତମ୍ବା ବା କପର ରକ୍ତକୁ ସଫା କରିଥାଏ ।

୨- ହିମୋଗ୍ଲୋବିନକୁ ଠିକ୍ ରଖି ରକ୍ତ ସଞ୍ଚାଳନକୁ ଠିକ୍ ରଖିଥାଏ ।

୩- ଶରୀରକୁ ବିଷାକ୍ତ ଧାତୁର ପ୍ରଭାବରୁ ରକ୍ଷା କରିଥାଏ ।

୪- କପର ବ୍ରେସଲେଟ ପିନ୍ଧିଲେ ହାର୍ଟ ସୁସ୍ଥ ରହିଥାଏ । ତେଣୁ ହାର୍ଟ ଆଟାକର ଆଶଙ୍କା କମ୍ ରହିଥାଏ ।

୫- ତମ୍ବାର ମୁଦି କିମ୍ବା ବ୍ରେସଲେଟ ପିନ୍ଧିଲେ ରକ୍ତଚାପ ନିୟନ୍ତ୍ରିତ ହୋଇଥାଏ ।

୬- କପରରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଛି,ଯାହା କୋଷରେ ଫ୍ରୀ ରାଡିକ୍ସ ହେବାକୁ ଦେଇନଥାଏ ।

୭- ତମ୍ବା ମୁଦି ଶରୀରର ବିଭିନ୍ନ ଅଙ୍ଗ ଯେପରିକି ହାତ,ପାଦ ଓ ଆଙ୍ଗୁଳିରୁ ଆର୍ଲିଜ କମ୍ କରିଥାଏ ।

୮- ଯଦି ପେଟ ସମ୍ବନ୍ଧୀୟ କୌଣସି ସମସ୍ୟା ରହିଛି କିମ୍ବା ଏସିଡିଟିକୁ ନେଇ ଚିନ୍ତାରେ ରହୁଛନ୍ତି, ତେବେ କପର ବ୍ରେସଲେଟ ପିନ୍ଧନ୍ତୁ ।

## କେମିତି ବ୍ୟବହାର କରିବେ ଫେସ୍ ପାଉଡର୍

ବ୍ୟୁଟିସିଆନ୍ ମେକ୍‌ଅପ୍ କରିବା ସମୟରେ ପ୍ରାଇମର୍, କନ୍‌ସିଲର୍ ପରେ ପାଉଡର୍ ଲଗାଇଥାଆନ୍ତି। ପାଉଡର୍‌ର ବ୍ୟବହାର ମେକ୍‌ଅପ୍‌କୁ କିଛି ଘଣ୍ଟା ପର୍ଯ୍ୟନ୍ତ ସିଲ୍ କରି ଅତ୍ୟଧିକ ଗ୍ଲୋଇଙ୍ଗ୍ ଇଫେକ୍ଟ ଦିଏ, ସେହିଭଳି ଫାଉଣ୍ଡେସନ୍‌ର ଫାଇନାଲ୍ ଟଚ୍ ମେକ୍‌ଅପ୍‌କୁ ଫିନିଶ୍ ଦେବାରେ ସହାୟକ। କିନ୍ତୁ ଆମେ ଜାଣତରେ ହେଉ ବା ଅଜାଣତରେ ଏହାକୁ ନେଇ ଭୁଲ୍ କରିବସୁ। ଯେଉଁ କାରଣରୁ ଲୁକ୍ ପୁରା ଖରାପ ହୋଇଯାଏ। ଫେସ୍ ପାଉଡର୍‌କୁ କିଭଳି ବ୍ୟବହାର କରିବା ଦରକାର ତାହା ଜାଣିଯିବା ଉଚିତ୍।



- ମେକ୍‌ଅପ୍ ସେତେବେଳେ ଭଲ ଦିଶିବ ଯେତେବେଳେ ଏହାକୁ ଭଲ ଭାବେ ଆପ୍ଲାଏ କରାଯିବ। ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ହେଉଛି ସଠିକ୍ ମେକ୍‌ଅପ୍ ଟୁଲ୍ସ। ଏହା ଫେସ୍ ପାଉଡର୍ ସହ ଥାଏ। ଯଦି ଆପଣଙ୍କ ସ୍କିନ୍ ତୈଳାକ୍ତ ହୋଇଥାଏ ତେବେ ପାଉଡର୍ ପପ୍ ବ୍ୟବହାର କରନ୍ତୁ, ଅତ୍ୟଧିକ ତୈଳାକ୍ତ ଶୁଖି ମ୍ୟାଟ୍ ଫିନିଶ୍ ଲୁକ୍ ଦେଇପାରିବ। ସାଧାରଣ କିମ୍ବା ରୁକ୍ଷ ତ୍ୱଚା ହୋଇଥିଲେ ପାଉଡର୍ ବ୍ରଶ୍ ବ୍ୟବହାର କରାଯାଇପାରେ।
- ପ୍ରଡକ୍ଟ କିଣିବା ସମୟରେ ସ୍କିନ୍‌ଟୋନ୍ ଯଥେଷ୍ଟ ନୁହେଁ। ଏଥିପାଇଁ ସ୍କିନ୍ ଟାଇପ୍‌କୁ ଧ୍ୟାନରେ ରଖିବା ଜରୁରୀ। ଯଦି ଆପଣଙ୍କ ତ୍ୱଚା ତୈଳାକ୍ତ ହୋଇଥାଏ ତେବେ ଫେସ୍ ପାଉଡର୍ ଏଭଳି ବାଛନ୍ତୁ ଯେଉଁଥିରେ କେବଳ ଟ୍ୟାଲ୍‌କମ୍ ଥିବ। କାରଣ ଏହା ଚେହେରାରୁ ତୈଳାକ୍ତକୁ ପୋଛି ପରଫେକ୍ଟ ଫିନିଶ୍ ଦେବ। ସେହିଭଳି ଶୁଷ୍କ ତ୍ୱଚା ଥିଲେ ହାଇଡ୍ରୋନିକ୍ ଏସିଡ୍ ଓ ହାଇଡ୍ରେଟିଙ୍ଗ୍ ପ୍ରପର୍ଟି ଥିବା ଫେସ୍ ପାଉଡର୍ ବାହାର କରନ୍ତୁ।
- ମାର୍କେଟ୍‌ରୁ ଫାଉଣ୍ଡେସନ୍ କିଣନ୍ତୁ ବା କନ୍‌ସିଲର୍ କିମ୍ବା ଫେସ୍ ପାଉଡର୍, ତିନିଟି ମଧ୍ୟରେ ଗୋଟିଏ ହି ଫର୍ମୁଲା ଆପଣାନ୍ତୁ। ତ୍ୱଚା ଅନୁସାରେ ଏକ ସେଡ୍ ଲାଇଟ୍ ପାଉଡର୍ କିଣନ୍ତୁ।
- ଫେସ୍ ପାଉଡର୍ କେବଳ ତ୍ୱଚା ଓ ବେକର ଆଖପାଖରେ ଲଗାଯାଏ ତା ନୁହେଁ। ପାଉଡର୍ ସବୁବେଳେ ମଥା, ନାକ ଓ ଚିବୁକ ଉପରେ ଲଗାନ୍ତୁ। କାରଣ ତ୍ୱଚାର ଏହି ଭାଗ ହିଁ ସବୁବେଳେ ଅଧିକ ତୈଳାକ୍ତ ଜଣାପଡ଼େ। ମଥାରେ ଲଗାଇବା ସମୟରେ ପାଉଡର୍ ଯେପରି କେଶ ଆଡ଼କୁ ନଯାଏ ସେଥିପ୍ରତି ଧ୍ୟାନ ଦେବେ। ନଚେତ୍ ଆପଣଙ୍କ କେଶ ବିନ୍ୟାସ ମଧ୍ୟ ବିଗିଡ଼ିଯିବ ଓ ପାଉଡର୍ ଲିଭାଇବା ବି ମୁସ୍କିଲ ହେବ।
- ମେକ୍‌ଅପ୍ କରିବା ପୂର୍ବରୁ ତ୍ୱଚାକୁ ମଶ୍ଚରାଇଜ୍ କରିବା ଦରକାର। ଏଥିସହ ମେକ୍‌ଅପ୍ ପାଇଁ ନରମ ଆବରଣ ପ୍ରସ୍ତୁତ କରନ୍ତୁ। ଫେସ୍ ପାଉଡର୍‌କୁ ପରଫେକ୍ଟ ଫିନିଶ୍ ଦେବା ପାଇଁ ଏହା ବ୍ୟବହାର କରିବା ଜରୁରୀ। ଏହାଦ୍ୱାରା ମେକ୍‌ଅପ୍ ଅଧିକ ସମୟ ପର୍ଯ୍ୟନ୍ତ ସତେଜ ରହିବ।
- କୌଣସି ବି ପ୍ରଡ଼କ୍ଟକୁ ଦରକାର ଠାରୁ ଅଧିକ ବ୍ୟବହାର କରନ୍ତୁ ନାହିଁ। ଏହା ମଧ ଫେସ୍ ପାଉଡର୍ ପାଇଁ ଦରକାର। ଅଧିକ ମାତ୍ରାରେ ଲଗାଇବା ବଦଳରେ ଏହାର ଗୋଟିଏ ମାତ୍ର କୋଟ୍ ଲଗାଇ ଶେଷରେ ଅତ୍ୟଧିକ ପାଉଡର୍‌କୁ ବ୍ରଶ୍‌ରେ ହଟାନ୍ତୁ।

## ବେଡ଼ରୁମର ସୌନ୍ଦର୍ଯ୍ୟ ବୃଦ୍ଧି କରେ ବେଡ଼ସିଟ

ପୂରା ଦିନ ଘର କାମ, ଅଫିସ କାମ କରି ଥକି ଗଲା ପରେ ଆପଣଙ୍କର ଆରାମ କରିବାକୁ ନିଶ୍ଚିତ ଇଚ୍ଛା ହେବ। ଆଉ ଏହି ଆରାମ ଆପଣଙ୍କ ନିଜ ବେଡ଼ରୁମରେ ହିଁ ପାଇ ପାରିବେ। ତେବେ ଆପଣଙ୍କ ବେଡ଼ସିଟ ଏହି ଆରାମ ଦେବାରେ ଅନେକ ଭୂମିକା ନେଇଥାଏ। କାରଣ ସବୁ ଥକାପଣକୁ ଆପଣ ବେଡ଼ରେ ହିଁ ଦୂର କରିଥାନ୍ତି। ଅନେକ ଲୋକ ଅଛନ୍ତି ବେଡ଼ସିଟ କିଣିବା ବେଳେ ବହୁତ କନଫ୍ୟୁଜନ ହୋଇଥାନ୍ତି। କାରଣ ସେମାନଙ୍କର ବେଡ଼ିସିଟ କିଣିବାରେ କିଛି ବି ଜ୍ଞାନ ନଥାଏ। କିଭଳି ବେଡ଼ସିଟ କିଣିଲେ ବେଡ଼ରୁମରେ ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ଆରାମ ମିଳିବ , ଆସନ୍ତୁ ଜାଣିବା।



ଆପଣ ସିଜିନ ଅନୁସାରେ ବେଡ଼ସିଟ କିଣନ୍ତୁ। ଏଠି ଭାବନ୍ତୁ ନାହିଁ ଯେ ଆପଣଙ୍କ ପଡ଼ିଶା ର ମହିଳାଙ୍କ ଘରେ କିଭଳି ବେଡ଼ସିଟ ପଡ଼ିଛି ଆଉ ଆପଣଙ୍କର ତାହା ନାହିଁ। ଏହା ମଧ୍ୟ ଜାଣିବା ଜରୁରୀ ଯେ ଆପଣ ନିଜେ କେଉଁ ପ୍ରକାର ବେଡ଼ସିଟରେ ଆରାମ ଅନୁଭବ କରିପାରିବେ। ଗରମ ଦିନରେ ଆପଣ କଟନର ବେଡ଼ସିଟ କିଣନ୍ତୁ। ଏହା ଆପଣଙ୍କୁ ଖରା ଦିନରେ ଆରାମ ଦେବ ଏବଂ ବେଡ଼ରୁମ ମଧ୍ୟ ଫ୍ରେସ ରହିବ। ପ୍ରତିଦିନ ବ୍ୟବହାର କରିବା ପାଇଁ ଆପଣ ବେଡ଼ସିଟ କିଣୁଥିଲେ ପ୍ଲେନ ବା ସାଧା ବେଡ଼ସିଟ କିଣନ୍ତୁ। ଏହା ଆପଣଙ୍କ ବେଡ଼ରୁମକୁ ଏକ ଅଲଗା ଲୁକ ଦେବ।ଯଦି ଆପଣ କଟନ ବେଡ଼ସିଟ କିଣୁଛନ୍ତି ତାହାହେଲ ବେଡ଼ସିଟରେ ସାଇଜ ଉପରେ ଧ୍ୟାଦ ଦିଅନ୍ତୁ। କାରଣ କଟନ ବେଡ଼ସିଟ ଧୋଇଲା ପରେ ତାହା ଅଳ୍ପ ଛୋଟ ହୋଇଯାଏ। ବେଡ଼ସିଟରେ ଏପରି କିଣନ୍ତୁ ଯାହା ଆପଣଙ୍କ ବେଡ଼ର ଗଦିକୁ ପୂରା ଲୁଚାଉ ଥିବା ନ ନ ହେଲେ ଆପଣଙ୍କ ବେଡ଼ ସୁନ୍ଦର ଦେଖା ନଯିବା ସହ ଶୋଇଲା ବେଳେ ତାହା ବେଡ଼ରୁମକୁ ସୁନ୍ଦର କରିବାକୁ ଚାହୁଁଥିଲେ ଆପଣଙ୍କର କାନ୍ଥ ସହ ବେଡ଼ର ରଙ୍ଗକୁ ଦେଖି ବେଡ଼ସିଟ କିଣନ୍ତୁ। ଏହା ଆପଣଙ୍କ ରୁମକୁ ଏକ ଫ୍ରେସ ଲୁକ ଦେବ।



ମହାଭାରତ
ନଗରନକ୍ସା ମହାନଗରର ନିଜ ଭାଷା


# କର୍ପୋରେଟ୍ ସାମାଜିକ ଦାୟିତ୍ୱ ପରିଷଦ ବୈଠକ




ଭୁବନେଶ୍ୱର,୧୦।୩ (ମହାଭାରତ): ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ୩ୟ କର୍ପୋରେଟ୍ ସାମାଜିକ ଦାୟିତ୍ୱ ପରିଷଦ (ସିଏସ୍ଆର୍) ବୈଠକ ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ଶିଳ୍ପ ସଂସ୍ଥାମାନଙ୍କ ଦ୍ୱାରା ସିଏସ୍ଆର୍ ପାଣ୍ଠି ଉପଯୋଗ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବିଗତ ୨୦୧୪ ରୁ ୨୦୨୪ ପର୍ଯ୍ୟନ୍ତ ୧୦ ବର୍ଷ ମଧ୍ୟରେ ବିଭିନ୍ନ ଶିଳ୍ପ ସଂସ୍ଥା ପକ୍ଷରୁ କରାଯାଇଥିବା ସିଏସଆର ପାଣ୍ଠି ଖର୍ଚ୍ଚ ସଂପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ସିଏସଆର ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକ୍ରମର ସୂଚନା ପାଇଁ ବ୍ୟବହୃତ ଗୋ-କେୟାର ପୋର୍ଟାଲରେ ସଦ୍ୟତମ ସ୍ଥିତି ଅନୁସାରେ ବିଗତ ଆର୍ଥିକ ୧୦ ବର୍ଷରେ ବିଭିନ୍ନ ଶିଳ୍ପ ସଂସ୍ଥା ତରଫରୁ ୧୩,୫୯୯ ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ୪୩୧୨.୨୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ଜଣାଯାଇଛି। ଏହି ବର୍ଷ ମଧ୍ୟରେ ପ୍ରମୁଖ ୧୦ କମ୍ପାନୀ କେତେ ସିଆର ପାଣ୍ଠି ଖର୍ଚ୍ଚ କରିଛନ୍ତି, ତାହାର ଅନୁଧ୍ୟାନ କରାଯାଇଥିଲା। ରାଜ୍ୟରେ ବିଭିନ୍ନ ଶିଳ୍ପ ସଂସ୍ଥା ମଧ୍ୟରେ ମହାନଦୀ କୋଲଫିଲ୍ଡ ଲିମିଟେଡ, ଟାଟା ଷ୍ଟିଲ ଲିଃ., ରୁଙ୍ଗଟା, ନାଲକୋ, ଓଏମସି, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଲିଃ., ହିନ୍ଦୁସ୍ତାନ ଏରୋନଟିକ୍ ଲିଃ., ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ, ରାଉରକେଲା, ବେଦାନ୍ତ ଲିଃ, ଜେକେ ପେପର ଲିଃ. ସବୁଠାରୁ ଅଧିକ ସିଏସଆର ପାଣ୍ଠି ଉପଯୋଗ କରିଥିବା ବୈଠକରୁ ଜଣାଯାଇଛି ଶିକ୍ଷା ଓ ଦକ୍ଷତା ବିକାଶ, ସ୍ୱାସ୍ଥ୍ୟସେବା, ଗ୍ରାମ୍ୟ ଉନ୍ନୟନ, ସ୍ୱଚ୍ଛ ଭାରତ, ପରିବେଶ, କ୍ରୀଡା, ବିପର୍ଯ୍ୟୟ ପରିଚାଳନା, ଜାତୀୟ ଐତିହ୍ୟ ସ୍ଥଳର ସୁରକ୍ଷା, ବସ୍ତି ଅଂଚଳ ଉନ୍ନୟନ, ଲିଙ୍ଗଗତ ସମାନତା ଓ ସଶକ୍ତିକରଣ, ରିଲିଫ ପାଣ୍ଠିକୁ ସହାୟତା, ସାମରିକ ବାହିନୀକୁ ସହାୟତା, ବୈଷୟିକ ଜ୍ଞାନ କୌଶଳ ଆଦି କ୍ଷେତ୍ରରେ ଖର୍ଚ୍ଚ କରାଯାଇଛି ଜିଲ୍ଲାସ୍ତରରେ ବିଭିନ୍ନ ସମୟରେ ଅନୁଷ୍ଠିତ ହେଉଥିବା ସିଏସଆର୍ ବୈଠକ ଏବଂ ବିଭିନ୍ନ ବିଭାଗ ତରଫରୁ ଦିଆଯାଉଥିବା ପ୍ରସ୍ତାବ କାର୍ଯ୍ୟକାରୀ କରାଯାଉଛି ଉପସ୍ଥିତ ଶିଳ୍ପ ସଂସ୍ଥାମାନଙ୍କ ତରଫରୁ ବିଭିନ୍ନ କ୍ଷେତ୍ରରେ ନିଜ ନିଜର ସିଏସଆର ପାଣ୍ଠି ଉପଯୋଗ ସଂପର୍କରେ ଉପସ୍ଥାପନ କରିଥିଲେ।

ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ ଯୋଗଦେଇ କହିଥିଲେ ଯେ, ରାଜ୍ୟର ପ୍ରଗତିକୁ ଶକ୍ତି ଯୋଗାଇବାରେ ସିଏସଆର ପାଣ୍ଠିର ଉତ୍ତମ ବ୍ୟବହାର ଗୁରୁତ୍ୱ ବହନ କରୁଛି। ଏ କ୍ଷେତ୍ରରେ ଶିଳ୍ପ ସଂସ୍ଥାମାନେ ନିଜ ନିଜର ଉତ୍ତମ ଅଭ୍ୟାସ (ବେଷ୍ଟ ପ୍ରାକ୍ଟିସେସ୍) କାର୍ଯ୍ୟକାରୀ କରିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତଥା ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଶିଳ୍ପ ଏବଂ ଏମଏସଏମଇ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ଓଡ଼ିଶା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲଙ୍କ ସମେତ ପ୍ରମୁଖ ଶିଳ୍ପ ଅନୁଷ୍ଠାନର ଓଡ଼ିଶା ରାଜ୍ୟ ମୁଖ୍ୟ, ରାଜ୍ୟ ଶିଳ୍ପ ବିଭାଗ ଏବଂ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୧୨୩ ବାଲି ମାଫିଆ ଗିରଫ



ଭୁବନେଶ୍ୱର,୧୦।୩ (ମହାଭାରତ): ଚୋରା ବାଲି ଚାଲାଣ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାର କଡା ଆଭିମୁଖ୍ୟ ନେବା ପରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଚୋରା ବାଲି ପରିବହନ କରୁଥିବା ୧୩୬ ଟି ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ, ଟିପର ଓ ହାଇଓ୍ୱା ଜବତ କରାଯାଇଛି। ଏହା ସହ ୧୧୯ ଟି ମାମଲା ରୁଜୁ କରାଯାଇ ୧୨୩ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି।

ରାଜ୍ୟରେ ଚୋରା ବାଲି ମାଫିଆଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ମଧ୍ୟ ରାଜ୍ୟ ତମାମ ପୋଲିସ ପକ୍ଷରୁ ଚଢ଼ାଉ ଜାରି ରହିଛି। ରାଜ୍ୟର ସମସ୍ତ ଜିଲ୍ଲା ପୋଲିସ ବାଲି ମାଫିଆଙ୍କ ବିରୋଧରେ ଚଢ଼ାଉ ଅଭିଯାନ ଜାରି ରଖିଛନ୍ତି। ଏହି କ୍ରମରେ ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ, ଟିପର ଓ ହାଇଓ୍ୱା ଜବତ କରାଯାଇଛି। ରବିବାର ସକାଳୁ ରାତି ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାର ପୋଲିସର ସ୍ୱତନ୍ତ୍ର ଟିମ ବିଭିନ୍ନ ଚୋରା ବାଲିଘାଟ ଉପରେ ଚଢାଉ କରି ୧୩୬ ଟି ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ, ଟିପର ଓ ହାଇଓ୍ୱା ଜବତ କରାଯାଇଛି। ଏହା ସହ ୧୧୯ ଟି ମାମଲା ରୁଜୁ କରାଯାଇଥିବା ବେଳେ ୧୨୩ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏହି ଧରପଗଡ଼ ଲଗାତାର ଭାବେ ଚାଲିବ। ବାଲି, ମୋରମ ଚୋରା କାରବାର ସମ୍ପର୍କରେ ସ୍ଥାନୀୟ ବ୍ୟକ୍ତି ବିଶେଷ ପୋଲିସକୁ ସୂଚନା ମଧ୍ୟ ଦେଇପାରିବେ। ରାଜ୍ୟରେ ଚୋରା ବାଲି ଚାଲାଣ ରୋକିବାକୁ ଆଗାମୀ ଦିନରେ ମଧ୍ୟ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିବ।

# ଏପ୍ରିଲ ୧୭ ଓ ୧୮ରେ ପ୍ରଜ୍ଞାମନ୍ଥନ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୦।୩ (ମହାଭାରତ): ପ୍ରଜ୍ଞାପ୍ରବାହ ସଙ୍ଗଠନ ତରଫରୁ ଆସନ୍ତା ମାସ ଏପ୍ରିଲ ୧୭ ଓ ୧୮ ତାରିଖରେ ଭୁବନେଶ୍ୱର ରେ ଆୟୋଜିତ ହେବ ରାଜ୍ୟସ୍ତରୀୟ ପ୍ରଜ୍ଞାମନ୍ଥନ କାର୍ଯ୍ୟକ୍ରମ। "ଭାରତୀୟ ସମ୍ବିଧାନ ଓ ହିନ୍ଦୁତ୍ୱ " ଉପରେ ପର୍ଯ୍ୟବେଶିତ ହେବ ଏହି କାର୍ଯ୍ୟକ୍ରମ । ରାଜ୍ୟ ର ବିଭିନ୍ନ ଅଂଚଳରେ ରହୁଥିବା ରାଷ୍ଟ୍ରବାଦୀ ବିଦ୍ୱାନ୍ ଗବେଷକ ତଥା ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଏକତ୍ରିତ କରି ଏକ ବୈଚାରିକ କର୍ମଶାଳାର ଆୟୋଜନ କରାଯିବ। ଭୁବନେଶ୍ୱର ୟୁନିଟ ୮ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ରେ ସଙ୍ଗଠନ ର ଓଡ଼ିଶା ପୂର୍ବପ୍ରାନ୍ତ ସଂଯୋଜକ ରବି ନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏନେଇ ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକରେ ଏହି କାର୍ଯ୍ୟକ୍ରମ ବାବଦରେ ଆଲୋଚନା କରାଯାଇଛି। ଏଥିରେ ପ୍ରଜ୍ଞାପ୍ରବାହ ସହ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତଥା ବିବିଧ କ୍ଷେତ୍ରର କାର୍ଯ୍ୟକର୍ତ୍ତା ମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରାଇବାକୁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଏହି ରାଜ୍ୟସ୍ତରୀୟ ସମ୍ମିଳନୀ ଅବସରରେ ଏକ ସ୍ମରଣିକା ପ୍ରକାଶନ କରାଯିବା ସହ ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟ ସ୍ତରରେ ଭାରତୀୟ ସମ୍ବିଧାନ ତଥା ହିନ୍ଦୁତ୍ୱ ବିଷୟ ଉପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିମର୍ଷ ତର୍ଥିତର୍କର ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି।

ଏହି ପ୍ରସ୍ତୁତି ବୈଠକ ରେ ପ୍ରଜ୍ଞାପ୍ରବାହ ର ଓଡ଼ିଶା ପୂର୍ବପ୍ରାନ୍ତ ସଂଯୋଜକ ଶ୍ରୀ ପଣ୍ଡାଙ୍କ ସହ-ସଂଯୋଜକ ଇଞ୍ଜିନିୟର ଶିବ ନାରାୟଣ ବାରିକ, ଭୁବନେଶ୍ୱର ଜିଲ୍ଲା ସହ-ସଂଯୋଜକ ଗୌରୀ ପ୍ରସାଦ ତ୍ରିପାଠୀ, ଦୁର୍ଯ୍ୟୋଧନ କାଠୁଆ, ସୁଶ୍ରୀ ସଂଗୀତା ସାହୁ, ଡଃ ଭିୟତପ୍ରଜ୍ଞା ଆଚାର୍ଯ୍ୟ, ସୁବ୍ରତ କୁମାର ନାୟକ,, ବିଭୁ ପ୍ରସାଦ ନାୟକ, ରଘୁ ନାଥ ଦାଶ, ରାଣା ପୃଥ୍ୱୀରାଜ ସିଂ ହ ପ୍ରମୁଖ ଯୋଗ ଦେଇଥିଲେ।

# ଶିଳ୍ପ ପ୍ରଗତି ସହିତ ପରିବେଶଗତ ସନ୍ତୁଳନ ଏକାନ୍ତ ଆବଶ୍ୟକ




ଭୁବନେଶ୍ୱର,୧୦।୩ (ମହାଭାରତ): ଶିଳ୍ପ ପ୍ରଗତି ସହିତ ପରିବେଶଗତ ସନ୍ତୁଳନ ଏକାନ୍ତ ଆବଶ୍ୟକ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଆଜି ବିଜୁ ପଟ୍ଟନାୟକ ପ୍ରଦର୍ଶନୀ ପଡ଼ିଆ, ବରମୁଣ୍ଡାଠାରେ ଆୟୋଜିତ ଓଡ଼ିଶା ମାଇନିଂ ଏକ୍ସପୋ ଏବଂ କନକ୍ଲେଭର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ଇଣ୍ଡଷ୍ଟ୍ରି ଲିଡର୍, ନୀତି ନିର୍ଦ୍ଧାରକ ଏବଂ ବିଶେଷଜ୍ଞମାନଙ୍କୁ ସମ୍ବୋଧିତ କରି ରାଜ୍ୟପାଳ କହିଥିଲେ ଯେ, ଭାରତର ଖଣିଜ-ଭିତ୍ତିକ ଅର୍ଥନୈତିକ ଅଭିବୃଦ୍ଧିରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଖଣି ଓଡ଼ିଶାର ଅର୍ଥନୀତିର ମେରୁଦଣ୍ଡ ହୋଇଛି, ଯାହା ନିଯୁକ୍ତି, ଭିତ୍ତିଭୂମି ଏବଂ ଶିଳ୍ପ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି। ଲୁହପଥର, ବକ୍‌ସାଇଟ୍, କୋଇଲା, ମାଙ୍ଗାନିଜ୍ ଏବଂ କ୍ରୋମାଇଟ୍‌ର ବିପୁଳ ଭଣ୍ଡାର ସହିତ ଓଡ଼ିଶା ଭାରତର ସମ୍ପଦ-ଚାଳିତ ବିକାଶରେ ଏକ ପ୍ରମୁଖ ରାଜ୍ୟଭାବରେ ନିଜକୁ ସ୍ଥାନିତ କରିଛି। ରାଜ୍ୟପାଳ କହିଥିଲେ ଯେ ଆଜି ଖଣି କେବଳ ସମ୍ପଦ ଖନନ ଓ ନିଷ୍କାସନ ନୁହେଁ ବରଂ ସ୍ଥାୟୀ ବିକାଶ, ପ୍ରଯୁକ୍ତିବିଦ୍ୟା ଏବଂ ସମାଜ କଲ୍ୟାଣକୁ ପ୍ରାଥମିକତା ଦେଉଛି। ସ୍ୱୟଂଚାଳିତକରଣ, ଡିଜିଟାଲାଇଜେସନ୍ ଏବଂ ସବୁଜ ଖଣି ପଦକ୍ଷେପ ଶିଳ୍ପ କ୍ଷେତ୍ରକୁ ରୂପାନ୍ତରିତ କରୁଛି। କୃତ୍ରିମ ବୁଦ୍ଧିମତ୍ତା, ତଥ୍ୟ ବିଶ୍ଲେଷଣ ଏବଂ ଆଧୁନିକ ଅନୁସନ୍ଧାନ କୌଶଳର ବ୍ୟବହାର ଫଳରେ ଦକ୍ଷତା ବୃଦ୍ଧି କରିବା ସହିତ ପରିବେଶଗତ ପ୍ରଭାବକୁ ହ୍ରାସ କରୁଛି।

ଦାୟିତ୍ୱପୂର୍ଣ୍ଣ ଖଣି କାର୍ଯ୍ୟକ୍ରମ କ୍ଷେତ୍ରରେ ଓଡ଼ିଶାର ନେତୃତ୍ୱ ପ୍ରତି ସନ୍ତୋଷ ପ୍ରକାଶ କରି ରାଜ୍ୟପାଳ ଏହି କ୍ଷେତ୍ରରେ କର୍ପୋରେଟ୍ ସାମାଜିକ ଦାୟିତ୍ୱ ଉପରେ ରାଜ୍ୟପାଳ ଗୁରୁତ୍ୱ ଗୁରୁତ୍ୱାରୋପ କରିଥିଲେ। ଖଣି ପ୍ରଭାବିତ ଅଂଚଳରେ ପ୍ରଭାବିତ ଗୋଷ୍ଠୀଙ୍କ କଲ୍ୟାଣ, ପରିବେଶ ସଂରକ୍ଷଣ ଏବଂ ପୁନର୍ବାସକୁ ପ୍ରାଥମିକତା ଦିଆଯିବା ଉପରେ ଗୁରୁତ୍ୱାରୋପ କରିବା ସହିତ ବନୀକରଣ, ଜଳ ସଂରକ୍ଷଣ ଏବଂ ଗୋଷ୍ଠୀ ଉନ୍ନୟନକୁ ପ୍ରାଥମିକତା ଦେବାକୁ କହିଥିଲେ। ମାଇନିଂ ଏକ୍ସପୋ ଓ କନକ୍ଲେଭରେ ନୀତି ନିର୍ଦ୍ଧାରକ ଏବଂ ଶିଳ୍ପ ବିଶେଷଜ୍ଞଙ୍କ ମଧ୍ୟରେ ଆଲୋଚନା, ପର୍ଯ୍ୟାଲୋଚନା ମାଧ୍ୟମରେ ଶିଳ୍ପ ପ୍ରଗତି ଓ ପରିବେଶଗତ ସନ୍ତୁଳନ ଉପରେ ଭାବ ବିନିମୟ ଓ ଜ୍ଞାନ ଅର୍ଜନ ପାଇଁ ନିଆଯାଇଥିବା ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଥିଲେ ଏବଂ ସେମାନଙ୍କର ଅନ୍ତର୍ଦୃଷ୍ଟି ଦାୟିତ୍ୱପୂର୍ଣ୍ଣ ଖଣି ପରିଚାଳନା ଏବଂ ସ୍ଥାୟୀ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରୁଥିବା ନୀତିଗୁଡ଼ିକୁ ଆପଣେଇବାରେ ସହାୟକ ହେବ ବୋଲି କହିଥିଲେ। ଏହି ଅବସରରେ ଏକ ଉତ୍ପାଦନକ୍ଷମ, ଦକ୍ଷ ଏବଂ ସାମାଜିକ ଦାୟିତ୍ୱବୋଧ ଥିବା ଖଣି କ୍ଷେତ୍ର ପାଇଁ ସାମୂହିକ ଭାବେ କାର୍ଯ୍ୟ କରିବାକୁ ସମସ୍ତ ଅଂଶୀଦାରମାନଙ୍କୁ ରାଜ୍ୟପାଳ ଡ. କମ୍ଭମ୍ପାଟି ଆହ୍ୱାନ ଜଣାଇଥିଲେ। ଲୁମିନସ୍ ଇନଫୋଓ୍ୱେଜ୍‌ର ଏମ୍.ଡି. ଜୟଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କିମ୍ବଦନ୍ତୀ ବଂଶୀବାଦକ ପଦ୍ମବିଭୂଷଣ ପଣ୍ଡିତ ହରିପ୍ରସାଦ ଚୌରାସିଆଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି / କର୍ମକର୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ହସ୍ତତନ୍ତର ୱେବ୍‌ସାଇଟ୍ 'ଆର୍ଟସ୍ ଅଫ୍ ଉଇଭିଙ୍ଗ୍'ର ଲୋକାର୍ପିତ

ଭୁବନେଶ୍ୱର,୧୦।୩ (ମହାଭାରତ): ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଓଡ଼ିଶା ହସ୍ତତନ୍ତର ଉତ୍କର୍ଷକୁ ବିଶ୍ୱ ବଜାରରେ ପହଂଚାଇବା, ହସ୍ତତନ୍ତ ସଂସ୍କୃତିର ସୁରକ୍ଷା, ସଂରକ୍ଷଣ ଏବଂ ବୁଣାକାରମାନଙ୍କୁ ସଶକ୍ତ କରିବା ଆଭିମୁଖ୍ୟ ନେଇ ଆରମ୍ଭ ହୋଇଥିବା 'ଆର୍ଟସ୍ ଅଫ୍ ଉଇଭିଙ୍ଗ୍' (ଅକ୍ୱଚଂଟ ଂଚଜ ଘରଚଚଠସଭଜ୍ଞ) ହସ୍ତତନ୍ତ ୱେବ୍‌ସାଇଟ୍ ଲୋକାର୍ପିତ ହୋଇଛି । ସ୍ଥାନୀୟ ଭୁବନେଶ୍ୱର କ୍ଲବ୍‌ରେ ଆୟୋଜିତ ଏହି ଆକର୍ଷଣୀୟ ଲୋକାର୍ପଣ କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମହିଳା ଅଧିକାରୀ, ଶିକ୍ଷାବିତ୍, ଇଂଜିନିୟର, ଚିକିତ୍ସକ, କଳାକାର, ନୃତ୍ୟଶିଳ୍ପୀ ଏବଂ ଗୃହିଣୀମାନେ ଯୋଗଦେଇ ଓଡ଼ିଶା ହସ୍ତତନ୍ତର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ ।

ଉତ୍ସବରେ ଅତିଥି ଭାବେ ଯୋଗଦେଇ ସୂଚନା ଓ ଲୋକସଂପର୍କ ବିଭାଗର ଉପନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ କହିଥିଲେ, ଆମେ ଓଡ଼ିଆଣୀମାନେ ଓଡ଼ିଶା ହସ୍ତତନ୍ତ ପରିଧାନରେ ସବୁଠାରୁ ଅଧିକ ଆକର୍ଷଣୀୟ ଲାଗିଥାନ୍ତି । ହସ୍ତତନ୍ତ ପରିଧାନ ବିନା ଓଡ଼ିଆ ନାରୀଙ୍କର ଶାଢ଼ିସମ୍ଭାର ପରିପୂର୍ଣ୍ଣ ହୁଏନି । ଶହ ଶହ ବର୍ଷଧରି ଆମ ବୁଣାକାରମାନେ ହସ୍ତତନ୍ତ ମାଧ୍ୟମରେ ଓଡ଼ିଆ କଳା-ସଂସ୍କୃତିକୁ ଉଜ୍ଜୀବିତ କରି ରଖିଛନ୍ତି । ସଂପ୍ରତି ଆଜିର ପ୍ରତିଯୋଗିତାମୂଳକ ବଜାରରେ ତିଷ୍ଠି ରହିବା ନିମନ୍ତେ ସେମାନଙ୍କୁ ପ୍ରୋତ୍ସାହିତ କରିବା ଆବଶ୍ୟକ । ପ୍ରବାସୀ ଓଡ଼ିଆମାନଙ୍କ ମଧ୍ୟରେ ଓଡ଼ିଶା ହସ୍ତତନ୍ତର ଚାହିଦା ଓ ଆଦରକୁ ପରିପୂରଣ କରିବା ଦିଗରେ ଏହି ୱେବ୍‌ସାଇଟ୍ ସହାୟକ ହେବ ବୋଲି ସେ ମତପ୍ରକାଶ କରିଥିଲେ ।

'ଆର୍ଟସ୍ ଅଫ୍ ଉଇଭିଙ୍ଗ୍'ର ପ୍ରତିଷ୍ଠାତା ଦୀଶା ଦାସ ଏହି ୱେବ୍‌ସାଇଟ୍ ପରିକଳ୍ପନାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ ଉଚ୍ଚଶିକ୍ଷା ପାଇଁ ବହୁରାଷ୍ଟ୍ରୀୟ କମ୍ପାନୀର ଆଇଟି ଚାକିରି ଛାଡ଼ି ଆମେରିକାର ଜର୍ଜଆଟେକ୍ ବିଶ୍ୱବିଦ୍ୟାଳୟରେ ଏମ୍ଏସ୍ କରୁଥିବା ସମୟରେ ହିଁ ସେଠାରେ ହେଉଥିବା ବିଭିନ୍ନ ସାମାଜିକ ଉତ୍ସବରେ ଓଡ଼ିଶା ହସ୍ତତନ୍ତ ପ୍ରତି ଲୋକଙ୍କ ମନରେ ଆଗ୍ରହ ଲକ୍ଷ୍ୟ କରିଥିଲେ । କିନ୍ତୁ ସେଠାର ଲୋକଙ୍କ ପାଖରେ ଉପଯୁକ୍ତ ତଥ୍ୟ, ସୂଚନା ଏବଂ ଶାଢ଼ିର ପ୍ରସ୍ତୁତି ଓ ଗୁଣବତ୍ତା ସମ୍ପର୍କରେ ଯଥେଷ୍ଟ ଜ୍ଞାନ ନ ଥିବା ଏବଂ ବିଦେଶରେ ହସତନ୍ତ ଶାଢ଼ି ସହଜରେ ଉପଲବ୍ଧ ହେଉ ନଥିବା ଅନୁଭବ କରିଥିଲେ । ତେଣୁ ଉଚ୍ଚଶିକ୍ଷା ପରେ କଂଟେଂଟ ରାଇଟିଂ ଏବଂ ୱେବ୍-ଡିଜାଇନିଂରେ ବିଶେଷ ଜ୍ଞାନ ହାସଲ କରିଥିବା ଦୀଶା ଓଡ଼ିଶା ହସ୍ତତନ୍ତର ବିଶ୍ୱସ୍ତରୀୟ ଆଦୃତି ଏବଂ ଚାହିଦାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ୱେବ୍‌ସାଇଟ୍‌ର ପରିକଳ୍ପନା କରିଥିଲେ ।ଏହି ଅବସରରେ ୱେବ୍‌ସାଇଟ୍ ଜରିଆରେ ଅନ୍‌ଲାଇନ୍ ଅର୍ଡର ଦେଇ ହସ୍ତତନ୍ତ ଶାଢ଼ି ନେଇଥିବା ପ୍ରଥମ ୨୦ ଜଣ ମହିଳାଙ୍କୁ ଆର୍ଟସ୍ ଅଫ୍ ଉଇଭିଙ୍ଗ୍ ଡିଭା ଭାବରେ ସମ୍ବର୍ଦ୍ଧିତ କରାଯିବା ସହ ହସ୍ତତନ୍ତ ବସ୍ତ୍ର ଉପହାର ପ୍ରଦାନ କରାଯାଇଥିଲା । ବିଗତ ଦିନରେ ସୁଶ୍ରୀ ଦୀଶା ଓଡ଼ିଶାର ବିଭିନ୍ନ ଅଂଚଳ ଗସ୍ତ କରି ବୁଣାକାରମାନଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ କରିବା ଏବଂ ସେମାନଙ୍କଠାରୁ ଆହରଣ କରିଥିବା ବୟନ ପ୍ରଣାଳୀ ସଂପର୍କିତ ଜ୍ଞାନକୁ ଭିଡ଼ିଓ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା ଏଥିରେ ବିଭିନ୍ନ ବର୍ଗର ଗ୍ରାହକଙ୍କ ଚାହିଦା ଅନୁଯାଇ ଛାୟା, ବଧୂ, ଡିଭା ଏବଂ ଆଡ଼ମ୍ବର ଆଦି ୪ଟି ଭାଗରେ ଖଣ୍ଡୁଆ, ସମ୍ବଲପୁରୀ ଇକତ୍, ପଟ୍ଟଚିତ୍ର, ଟସର, କୋଟପାଡ଼, ହବସ୍‌ପୁରୀ ଏବଂ ବରହମ୍ପୁରୀ ପାଟ ଓ ସୂତା ଶାଢ଼ି ତଥା ପୋଷାକ ଉପଲବ୍ଧ ହେଉଛି ।

# ମହିଳା ସମୃଦ୍ଧ ହେଲେ ସମାଜ ଶୃଙ୍ଖଳିତ ହେବ




ଭୁବନେଶ୍ୱର,୧୦।୩ (ମହାଭାରତ): ନାରୀ କେବେ ଦୁର୍ବଳ କିମ୍ବା ଅବହେଳିତା ନୁହଁନ୍ତି। ସେମାନେ ସବଳା ଓ ଶକ୍ତିମୟୀ। ମା' ହିଁ ଘରର ମେରୁଦଣ୍ଡ। ସେ ହିଁ ପରିବାରକୁ ଏକାଠି ରଖିପାରେ, ପରିବାରର ସଦସ୍ୟଙ୍କୁ ଆଗକୁ ବଢିବାରେ ସହଯୋଗ କରିପାରେ। ତେଣୁ ମହିଳାମାନେ ସମୃଦ୍ଧ ହେଲେ ସମାଜ ଶୃଙ୍ଖଳିତ ଓ ସୁସଂଗଠିତ ହୋଇପାରିବ ବୋଲି ଅବସରପ୍ରାପ୍ତ ବିଚାରପତି ତଥା ଶ୍ରୀମନ୍ଦିର ରତ୍ନଭଣ୍ଡାର କମିଟିର ଅଧ୍ୟକ୍ଷ ବିଶ୍ୱନାଥ ରଥ କହିଛନ୍ତି।

ସ୍ଥାପନା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଓଡ଼ିଶା ମହିଳା ମହୋତ୍ସବ-୨୦୨୫ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜଷ୍ଟିସ ରଥ କହିଛନ୍ତି ଯେ, ଯୁଗେ ଯୁଗେ ମହିଳାମାନେ ପୂଜ୍ୟା। ସେ ଘରର ଚବିଶଘଣ୍ଟା ସମ୍ଭାଳିବା ସହ ପରିବାରର ଯାବତୀୟ କାର୍ଯ୍ୟ କରିଥାନ୍ତି। ସେ ହିଁ ପରିବାରକୁ ସଜାଡ଼ିବା ସହ ସମାଜକୁ ଶୃଙ୍ଖଳିତ ଓ ଆଗକୁ ବଢିବାରେ ପ୍ରମୁଖ ଭୂମିକା ନେଇଥାନ୍ତି। ଶିକ୍ଷାର ମହାସ୍ରୋତରେ ମହିଳମାନେ ସାମିଲ୍ ହୋଇ ଦେଶର ସମସ୍ତ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହ ବିକାଶର ଧାରାକୁ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ବୋଲି ସେ କହିଛନ୍ତି। ଟ୍ରଷ୍ଟର ଅଧ୍ୟକ୍ଷା ସମାଜସେବୀ ନିବେଦିତା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ନାରାୟଣ ମହାନ୍ତି, ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡଃ ସବିତା ଆଚାର୍ଯ୍ୟ ଓ କଲିକତା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ସ୍ମୃତି ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସମାଜରେ ନାରୀ ପୁରୁଷ ମଧ୍ୟରେ ଥିବା ତାରତମ୍ୟକୁ ଦୂର କରିବା ଉପରେ ଗୁରୁତ୍ୱାରୋପ କହିବା ସହିତ ମହିଳାମାନେ ଆଗକୁ ବଢନ୍ତୁ ବୋଲି କହିଥିଲେ। କାର୍ଯ୍ୟକ୍ରମରେ "ସମ୍ବାଦ ଶତରୂପା" ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏଥିରେ ଆଲୋଚକ ଭାବେ ଡଃ ଜୟଶ୍ରୀ ମହାପାତ୍ର, ସଖୁବୀନ୍ଦର କୌର, କୁମ୍‌କୁମ୍ ଦେବୀ, ବିଷ୍ଣୁପ୍ରିୟା ସାହୁ, ସ୍ୱାତୀ ଦାଶ, ଅନୂସୟା ରଥ ଓ ସ୍ମରଣିକା ମହାନ୍ତି ଯୋଗ ଦେଇଥିଲେ। ୧୬ ଜଣ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା।

# ମହିଳା ସଶକ୍ତ ହେଲେ ମାନବିକତା ସଶକ୍ତ ହେବ

ଭୁବନେଶ୍ୱର,୧୦।୩ (ମହାଭାରତ): ଚିଲିକା ବଉଳାବନ୍ଧର ବିଶିଷ୍ଟ କଳାକାର ତ୍ରିନାଥ ଚରଣ ସାହୁଙ୍କ ନାମରେ ନାମିତ ଶ୍ରୀରାମନଗରସ୍ଥିତ ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦ ପକ୍ଷରୁ ଖୋର୍ଦ୍ଧା ଜେଲରୋଡ଼ ଶ୍ୟାମମାଧବ ବାସନ୍ତୀ ଦେବୀ ପାଠାଗାର ସଭାଗୃହରେ ଡ଼.ସସ୍ମିତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଆବାହିକା ତଥା ସଂସଦର ସଂପାଦିକା ଶ୍ରୀମତୀ ଇତିଶ୍ରୀ ସାହୁ ଉଦ୍‌ବୋଧନୀ ଦେଇ କହିଥିଲେ, ଆମ ଦେଶରେ ନାରୀଶକ୍ତିର ଜାଗରଣ ହେଉଛି ଆଜିର ଧ୍ୱନୀ। ଆଜିର ଦିନ କେବଳ ପାଳନର ଦିନ ନୁହେଁ। ଏହା ଆତ୍ମ ସମୀକ୍ଷା, ନିଜର ଅଧିକାର ଜାଣିବା ଓ ଅନ୍ୟକୁ ସଚେତନ କରିବାର ଦିବସ। ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ କହିଲେ "ନାରୀ ଅବଳା ନୁହେଁ, ସେ ହେଉଛି ମହାଶକ୍ତିଶାଳୀ। ତା'ର ହୃଦୟରେ ଭକ୍ତି ରହିଛି ଅସୀମ ଶକ୍ତି ସାହସ ଓ ବୀରତ୍ୱ"। ନିରାକାରପୁର କ୍ଷେତ୍ରବାସୀ ଡ଼ି.ଏ.ଭି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷା ଡ଼. ପ୍ରତିଭାମୟୀ ମିତ୍ର କହିଲେ ୨୦୧୧ ଜନଗଣନାରେ ପୁରୁଷମାନଙ୍କ ସାକ୍ଷରତା ହାର ଶତକଡ଼ା ୮୨ ଥିବାବେଳେ ନାରୀମାନଙ୍କର ୬୫ ରହିଛି। ନାରୀମାନଙ୍କର ସାକ୍ଷରତା ହାର ବୃଦ୍ଧି ସହିତ ସେମାନଙ୍କ କର୍ମ ନିଯୁକ୍ତି ମଧ୍ୟ ବୃଦ୍ଧି ପାଇବା ଆବଶ୍ୟକ। ସାହିତ୍ୟିକ ଶ୍ରୀମତୀ ଶାନ୍ତିଲତା ବଳିଆରସିଂହ କହିଲେ ଆମ ଦେଶରେ ଅନେକ କବି ଲେଖକମାନେ ନାରୀ ଜାତିକୁ ଉଚ୍ଚ ପ୍ରଶଂସା କରି ଅନେକ ଲେଖା ପ୍ରକାଶ କରିଛନ୍ତି। ଜୟଦେବ ତାଙ୍କ ଗୀତ ଗୋବିନ୍ଦରେ ନାରୀମାନଙ୍କୁ ଉଚ୍ଚତମ ସ୍ଥାନ ଦେଇଛନ୍ତି। ନାରୀ ହେଉଛି ସୃଷ୍ଟିକାରିଣୀ, ପାଳନ କାରିଣୀ ଓ ଧ୍ୱଂସ କାରିଣୀ। ସହକାରୀ ଜିଲ୍ଲାପାଳ ପଙ୍କଜ ବାସିନୀ ଭଂଜଦେଓ କହିଲେ ଏବେ ବି ନାରୀମାନେ ସୁରକ୍ଷିତ ନଥିଲା ପରି ଜଣାଯାଉଛି। ତେବେ ନାରୀମାନଙ୍କ ଉନ୍ନତି ପାଇଁ ଦେଶରେ ବ୍ୟାପକ ଯୋଜନାମାନ କାର୍ଯ୍ୟକାରୀ କରାଯାଉଛି। ମହିଳାମାନେ ସଶକ୍ତ ହେଲେ ମାନବିକତା ମଧ୍ୟ ସଶକ୍ତ ହେବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଟଣୀର ଜଗନ୍ନାଥ ନାୟକ, ଡ଼.ବୃନ୍ଦାବନ ପଣ୍ଡା, ଗୋବିନ୍ଦ ଚନ୍ଦ୍ର ମହାରଣା, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଅନସୂୟା ସାମନ୍ତରାୟ, ଶାନ୍ତିଲତା ଦେବୀ, ଉଲ୍ଲାସ ପୃଷ୍ଟି, ବିକ୍ରମ ଚମ୍ପତି, ସ୍ୱାଗତିକା ସୁନ୍ଦରା, ଜ୍ୟୋତି ରଂଜନ ସାହୁ, ଡ଼.ଚପଳା ପଣ୍ଡା, କୃଷ୍ଣଚନ୍ଦ୍ର ହରିଚନ୍ଦନ, ନାରାୟଣ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଆଲିସା ଫାଉଣ୍ଡେସନର ନାରା : ନାରୀଙ୍କୁ ସୁରକ୍ଷା ଦିଅନ୍ତୁ ସରକାର




ଭୁବନେଶ୍ୱର,୧୦।୩ (ମହାଭାରତ): ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଆଲିଶା ଫାଉଣ୍ଡେସନ ପକ୍ଷରୁ ଛକ ନିକଟସ୍ଥ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି ମହିଳା ଦିବସ। ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଅନୁଷ୍ଠାନର ଅଧ୍ୟକ୍ଷା ତଥା ପ୍ରତିଷ୍ଠାତ୍ରୀ ଅନ୍ନଦା ପ୍ରଭା ରାୟ ଭୁବନେଶ୍ୱରରେ ମର୍ଯ୍ୟାଦା ପୁରୁଷ ଓ ମହିୟସୀ ମହିଳାଙ୍କୁ ନେଇ ଏକ ସୁନ୍ଦର ଶୋଭାଯାତ୍ରାର ଆୟୋଜନ କରିଥିଲେ। ଯେଉଁଥିରେ ନାରା ଥିଲା ନାରୀଙ୍କୁ କରନ୍ତୁନି ଦୁର୍ବଳା, କରନ୍ତୁ ତାଙ୍କୁ ଶବଳା, ଅତ୍ୟାଚାରିତ ନାରୀ ଓ ପୁରୁଷଙ୍କ ମନର କଥାକୁ ସରକାରଙ୍କ ନିକଟରେ ପହଞ୍ଚାଇବାର ପ୍ରୟାସ ଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଅନ୍ନଦାଙ୍କ ନିବେଦନ ଥିଲା ସରକାରଙ୍କ ନିକଟରେ ଯେ ଯଦି ନାରୀ ସଶକ୍ତିକରଣ ଚାହୁଁଛନ୍ତି ତାହାଲେ ନାରୀଙ୍କ ସୁରକ୍ଷ୍ୟା ଉପରେ ଧ୍ୟାନ ଦିଆଯାଉ। ଏହି ସୁନ୍ଦର କାର୍ଯ୍ୟକ୍ରମକୁ ସ୍ୱାଗତ କରି ଟିଭିର ସଞ୍ଜୟ ଦାସ, କଣ୍ଠ ଶିଳ୍ପୀ ଅଭିନ୍ନ ସୁନ୍ଦର ରାଉତରାୟ, ଉପସ୍ଥାପକ ଅଭିନନ୍ଦନ, ନାରୀ ମୋର୍ଚ୍ଚର ସଭାପତି ବିଜୟ ଲକ୍ଷ୍ମୀ ତ୍ରିପାଠୀ ଆଦି ନାରୀଙ୍କ ସୁରକ୍ଷା ନିମନ୍ତେ ସ୍ଲୋଗାନ ଦେଇ ଶୋଭାଯାତ୍ରାର ମହତ୍ୱ ଅଧିକା ବଢ଼ାଇଥିଲେ। ଏହା ପରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ମହିଳା କମିଶନ ଅଧକ୍ଷ୍ୟା ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି, ମୁଖ୍ୟବକ୍ତା ସଞ୍ଜୟ ଜେନାଙ୍କ ସହ ସାମାଜିକକର୍ମୀ ସ୍ନେହାମାୟୀ ଆଚାର୍ଯ୍ୟ, ବିଭିନ୍ନ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତି ବିଚିତ୍ରା ରଥ, କଳାକାର ପ୍ରଶାନ୍ତ କୁମାର ନାୟକ, ଯୁବ ନେତା ନଳିନୀକାନ୍ତ ମହାନ୍ତି, ପ୍ରଫେସର ପ୍ରଫୁଲ କୁମାର ଧଳର ସଂଯୋଜକ ଶ୍ରୀ ସୋମ, ଲେଖିକା ବନସ୍ମିତା ପତି, ସୁବାଷ ଚନ୍ଦ୍ର ମଲ୍ଲିକ, ବରିଷ୍ଠ ସମ୍ବାଦିକ ପ୍ରଦ୍ୟୁମ୍ନ ମହାନ୍ତି, ସାମ୍ବାଦିକ ବିଶ୍ୱ ରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ଅତ୍ୟାଚରିତ ନାରୀ ଓ ପୁରୁଷଙ୍କ ମକଦ୍ଦମା ଗୁଡିକୁ ଶୀଘ୍ର ଶୁଣାଣି ନିମନ୍ତେ ସରକାର ଓ ନ୍ୟାୟାଳୟ ନିକଟରେ ନିବେଦନର ମନ୍ତବ୍ୟ ରଖିଥିଲେ। ଓଡ଼ିଆ ଅସ୍ମିତାକୁ ସମ୍ମାନ ଦେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଅନୁଷ୍ଠାନର ସହ ସମ୍ପାଦକ ମନୋରଞ୍ଜନ ଦାସ, ଓ ସହକୋଷାଧକ୍ଷ ସନ୍ତୋଷ ପଟ୍ଟନାୟକ, ସଦସ୍ୟ ଅତୁଲ ପଟ୍ଟନାୟକ, ମଧୁସ୍ମିତା ପାତ୍ର ଆଦି ସମସ୍ତେ ସହଯୋଗ କରି କର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

# ନିଜ ନିଜ ଭାଷାର ଶ୍ରେଷ୍ଠତ୍ୱ

ଶହ ଶହ ବର୍ଷ ହେବ ଭାରତରେ ବିଭିନ୍ନ ଭାଷାଭାଷି ଲୋକ ଏକତ୍ର ବାସ କରିଆସୁଛନ୍ତି। ଭାଷାକୁ ନେଇ ଅନେକ ସମୟରେ ବିବାଦ ଏବଂ ତିକ୍ତତା ସୃଷ୍ଟି ହୁଏ। କାରଣ ସମସ୍ତେ ନିଜ ନିଜ ଭାଷାର ଶ୍ରେଷ୍ଠତ୍ୱ ଏବଂ ମହତ୍ୱ ପ୍ରତିବରଦନ କରିବାକୁ ପ୍ରୟାସ କରନ୍ତି। ସମସ୍ତେ ନିଜ ମାତୃଭାଷାକୁ ଭଲ ପାଆନ୍ତି ଏବଂ ଏହାର ଅବମାନନାକୁ କେହି ବରଦସ୍ତ କରନ୍ତି ନାହିଁ। ନିଜ ମାତୃଭାଷାକୁ ଭଲ ପାଇବା ସ୍ୱାଭାବିକ। କିନ୍ତୁ ନିଜ ଭାଷାକୁ ଭଲ ପାଇବାର ଅର୍ଥ ନୁହେଁ ଯେ, ଅନ୍ୟ ଭାଷାକୁ ଘୃଣା କରିବା ବା ସମ୍ପୃକ୍ତ ଭାଷାଭାଷିଙ୍କୁ ଅପମାନିତ କରିବା। ଓଡ଼ିଶା ହେଉଛି ଭାରତର ପ୍ରଥମ ରାଜ୍ୟ ଯାହା ଭାଷା ଭିତ୍ତିରେ ଗଠିତ ହୋଇଛି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ବେଙ୍ଗଲର ଅନେକ ଅସହିଷ୍ଣୁ ବ୍ୟକ୍ତି ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି କହିଥିଲେ। ଓଡ଼ିଆ ଭାଷାକୁ ସ୍ୱୀକୃତି ନମିଳୁ ଏଥିପାଇଁ ପଡ଼ୋଶୀ ରାଜ୍ୟରୁ ଅନେକ ଷଡ଼ଯନ୍ତ୍ର କରିଥିଲେ। ଦକ୍ଷିଣରେ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ବା ତତ୍କାଳୀନ ମାନ୍ଦ୍ରାଜ ପ୍ରଦେଶର ନେତୃବର୍ଗ ଓଡ଼ିଆ ଭାଷାର ବିଲୋପ ପାଇଁ ଉଦ୍ୟମ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ତେଲୁଗୁ ଏବଂ ବଙ୍ଗଳା ଭାଷାଭାଷି ଲୋକମାନେ ଓଡ଼ିଆ ଭାଷାର ବିଲୋପ ପାଇଁ ଅନେକ ପ୍ରୟାସ କରିଥିଲେ। କିନ୍ତୁ ତାହା ବିଫଳ ହୋଇଥିଲା। ଯଦିଓ ଅନେକ ଓଡ଼ିଆ ଭାଷାଭାଷି ଅଞ୍ଚଳ ପଡ଼ୋଶୀ ରାଜ୍ୟରେ ଚିରଦିନ ପାଇଁ ରହିଗଲା, କିନ୍ତୁ ଓଡ଼ିଆ ଭାଷାର ଅସ୍ତିତ୍ୱକୁ କେହି ଲୋପ କରିପାରିଲେନି। କାରଣ ଓଡ଼ିଆ ଭାଷା ଏକ ଅତି ପ୍ରାଚୀନ, ସମୃଦ୍ଧ ଏବଂ ଶାସ୍ତ୍ରୀୟ ଭାଷା। ଏହାକୁ କେହି ଅଣଦେଖା କରିପାରିବେ ନାହିଁ। ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ଏବେ ବି ସଂଘର୍ଷ ଚାଲିଛି। କିନ୍ତୁ ଓଡ଼ିଆ ମାନେ ନିଜ ମାତୃଭାଷାକୁ ଭଲ ପାଉଥିଲେ ମଧ୍ୟ ଅନ୍ୟ ଭାଷାଭକୁ କେବେ ଅସମ୍ମାନିତ କରନ୍ତି ନାହିଁ। କିନ୍ତୁ ଦକ୍ଷିଣ ଭାରତରେ ବିଶେଷ କରି ତାମିଲନାଡୁରେ ଭାଷାଗତ ବିବାଦ ବହୁ ପୁରୁଣା ଏବଂ ଉତ୍କଟ। ସ୍ୱାଧୀନତା ପୂର୍ବରୁ ତାମିଲ ମାନେ ଭାଷା ବିବାଦରେ ସମ୍ପୃକ୍ତ। ତାମିଲ ଏକ ସମୃଦ୍ଧ ଭାଷା। ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। କିନ୍ତୁ ତାମିଲମାନେ ବୁଝିବା ଉଚିତ ଯେ, ଭାରତରେ ଅନ୍ୟ ଭାଷା ମଧ୍ୟ ରହିଛି। ଏହାକୁ ମଧ୍ୟ ସ୍ୱୀକାର ତଥା ସମ୍ମାନ କରିବାକୁ ପଡ଼ିବ। ତାମିଲନାଡୁର ସରକାର ବା ସ୍ଥାନୀୟ ରାଜନୈତିକ ଦଳ ପକ୍ଷରୁ ସବୁ ବେଳେ ଅଭିଯୋଗ କରାଯାଇଆସୁଛି ଯେ, ଭାରତ ସରକାର ହିନ୍ଦୁ ଭାଷାକୁ ସେମାନଙ୍କ ଉପରେ ଲଦି ଦେଉଛନ୍ତି। ଏହି ଅଭିଯୋଗ ସମ୍ପୂର୍ଣ୍ଣ ନିରାଧାର ଏବଂ ସଂକୀର୍ଣ୍ଣ ଚିନ୍ତାଧାରା ସମ୍ପନ୍ନ। ତାମିଲମାନେ ହିନ୍ଦୁକୁ ଭାରତର ଜାତୀୟ ଭାଷା ଭାବେ ସ୍ୱୀକାର କରନ୍ତି ନାହିଁ। ସେମାନେ ସଂସ୍କୃତକୁ ଏକ ମୃତ ଭାଷା ବୋଲି କହନ୍ତି। କିନ୍ତୁ ଏକ ବିଦେଶୀ ଭାଷା ଇଂରାଜୀକୁ ସେମାନେ ଭଲ ପାଆନ୍ତି ଏବଂ ଏହାକୁ ଗ୍ରହଣ କରନ୍ତି। ଏହା ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ତାମିଲ, କନ୍ନଡ଼, ମାଲୟଲାମ ଏବଂ ତେଲୁଗୁ ସମ୍ପ୍ରଦାୟର ଲୋକେ ଦେଶର ବିଭିନ୍ନ ରାଜ୍ୟ ତଥା ଅଞ୍ଚଳରେ ବସବାସ କରୁଛନ୍ତି । ଅନେକ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଛନ୍ତି। କିନ୍ତୁ ସେମାନେ ନିଜ ରାଜ୍ୟରେ ଅନ୍ୟ ଭାଷା ବିଶେଷ କରି ହିନ୍ଦି ଭାଷାକୁ ପ୍ରଶ୍ରୟ ଦିଅନ୍ତି ନାହିଁ। ଇଂରାଜୀ ହେଉଛି ବିଶ୍ୱ ଭାଷା। ସେହିପରି ହିନ୍ଦି ହେଉଛି ଭାରତର ଜାତୀୟ ଭାଷା ଯାହା ସରକାରୀ ସ୍ୱୀକୃତି ପାଉ ବା ନପାଉ। ଏହି ଅପ୍ରିୟ ସତ୍ୟକୁ ସ୍ୱୀକାର କରିାକୁ ପଡ଼ିବ। ହିନ୍ଦି ଏକ ସହଜ, ସରଳ ଏବଂ ମଧୁର ଭାଷା। ଏଥିପାଇଁ ଦେଶର ସବୁ ରାଜ୍ୟରେ ଏହା ପ୍ରଚଳିତ ରହିଛି। ଭିନ୍ନ ରାଜ୍ୟକୁ ଗଲେ ଜଣେ ନିଜ କଥା ଇଂରାଜୀ ବା ହିନ୍ଦି ମଶଧ୍ୟମରେ କହିପାରିବ ଯାହା ଅନ୍ୟମାନେ ବୁଝିବାକୁ ସକ୍ଷମ ହେବ। ହିନ୍ଦି ଭାଷା ବୁଝିବା, କହିବା ଏବଂ ଲେଖିବା ସହଜ। ସମଗ୍ର ବିଶ୍ୱବାସୀ ହିନ୍ଦୀ ଫିଲ୍ମ ଦେଖନ୍ତି ଏବଂ ଏହାକୁ ଭଲ ପାଆନ୍ତି।

# ସଂସାର ଥିବା ଯେତେ ଦିନ......

॥ ଡ଼ଃ. ଦିଲ୍ଲୀପ କୁମାର ମହାରଣା ॥

"ଆମ ବିଧି ବ୍ୟବସ୍ଥାରେ ଏପରିକି ଆଇନ କାନୁନରେ ବି ଘରର କର୍ମଜୀବୀ ବାପା ବା ମାଆଙ୍କର କର୍ମ କ୍ଷେତ୍ରରେ ପରଲୋକ ପରେ ଥଇଥାନ ବ୍ୟବସ୍ଥା ଅନୁଯାୟୀ ପିଲାମାନଙ୍କୁ ଚାକିରୀ ମିଳିଥାଏ। ଆପଣ କେଉଁଠି ଶୁଣିଛନ୍ତି ଜଣେ ସେଇ ଥଇଥାନ ସୁଯୋଗର ସମସ୍ତ ସରକାରୀ ସୁବିଧା ନେଇ ମଧ ଛୁ ମନ୍ତର କରି ଆଇନକୁ ନିଜ ପକେଟରେ ପୁରାଇ ପୁଣି ସରକାରୀ ସୁବିଧା। ଆମ ରାଜ୍ୟରେ କୁଆଡ଼େ କଣ ମୁଖିଆ ସବୁବେଳେ କୁହନ୍ତି ଆଇନ ତା ବାଟରେ ଯିବ। ଆଇନଟା କେଉଁ ବାଟ ଦେଇକି ଯାଉଛି ତାହା ଆମପରି କୋଟି କୋଟି ମୂର୍ଖ କିନ୍ତୁ ବୁଝି ପାରୁନାହାଁନ୍ତି।"

ସଂସାର ଥିବା ଯେତେ ଦିନ.... ଆନନ୍ଦରେ କାଟୁଥିବା ଦିନ। ଏହା ତ ନିର୍ଘାତ ସତ କିନ୍ତୁ ସତ ପଛର ଆଉ ଏକ ଘଟଣା ବି ରହିଛି। ଅର୍ଥାତ୍ ଆନନ୍ଦ ବୋଇଲେ ଯେଉଁ ପ୍ରକାର ଆନନ୍ଦ ହୋଇପାରେ। କାହାକୁ ତଣ୍ଟିଆ ମାରି ହୋଇପାରେ, କାହାର ତଣ୍ଟି ଚିପି ହୋଇପାରେ, କାହାକୁ ଖାଲରେ ପକାଇ ହୋଇପାରେ, କାହା ବିରୁଦ୍ଧରେ ମିଛ ଦୁର୍ନାମ ଯୋଡ଼ି ବି ହୋଇପାରେ। ତେବେ ଆଜିର ସଂସାରକୁ ଦେଖିଲେ ଆପଣ ବିଚିତ୍ର ବିଚିତ୍ର ଲୋକ ସବୁ ଦେଖିବାକୁ ପାଇବେ। ଦୁନିଆରେ ଧର୍ମଢଙ୍ଗା ତ ପୁଣି ଚାଲୁଛି ନାଁ। ତାହାଲେ କ'ଣ ଭଲ ଲୋକଙ୍କର ସ୍ଥାନ ନାହିଁ ? ଆମେ ଏ ଘଟଣା ଅବତାରଣ କାହିଁକି କରୁଛୁ ତାହା ଟିକିଏ ଚୁମ୍ବକରେ ପାଠକବର୍ଗଙ୍କୁ ଜଣାଇବା ପାଇଁ ଚାହୁଁ। ଆମ ହାତ ପାହାନ୍ତାରେ ଏପରି ଫୋରଟ୍ୱେଣ୍ଟି ସବୁ ରହିଛନ୍ତି ସେମାନେ ମଣିଷକୁ କ'ଣ, ଆଇନର କାଠଗଡ଼ା ଠାରୁ ଏ ସରକାରଙ୍କୁ ବି ବିକିଦେବେ। ଦିନ ଅଧରେ ଭଦ୍ର ଧୋବାଧାରୀ ଲୋକ ବୋଲାଇ ଶୁଖୁଆ କଣ୍ଟା ଗେଞ୍ଜି ତୁମକୁ ଏପରି ଜଳକା ବନାଇ ଦେବେ ଯେ ତୁମେ କେତେ ପୁରୁଷ ପଛରେ ଛାଡ଼ିକି ଆସିଛ ନିହାତି ଖରାବେଳେ ଗଣୁଥିବ।

ଆମ ବିଧି ବ୍ୟବସ୍ଥାରେ ଏପରିକି ଆଇନ କାନୁନରେ ବି ଘରର କର୍ମଜୀବୀ ବାପା ବା ମାଆଙ୍କର କର୍ମ କ୍ଷେତ୍ରରେ ପରଲୋକ ପରେ ଥଇଥାନ ବ୍ୟବସ୍ଥା ଅନୁଯାୟୀ ପିଲାମାନଙ୍କୁ ଚାକିରୀ ମିଳିଥାଏ। ଆପଣ କେଉଁଠି ଶୁଣିଛନ୍ତି ଜଣେ ସେଇ ଥଇଥାନ ସୁଯୋଗର ସମସ୍ତ ସରକାରୀ ସୁବିଧା ନେଇ ମଧ ଛୁ ମନ୍ତର କରି ଆଇନକୁ ନିଜ ପକେଟରେ ପୁରାଇ ପୁଣି ସରକାରୀ ସୁବିଧା। ଆମ ରାଜ୍ୟରେ କୁଆଡ଼େ କଣ ମୁଖିଆ ସବୁବେଳେ କୁହନ୍ତି ଆଇନ ତା ବାଟରେ ଯିବ। ଆଇନଟା କେଉଁ ବାଟ ଦେଇକି ଯାଉଛି ତାହା ଆମପରି କୋଟି କୋଟି ମୂର୍ଖ କିନ୍ତୁ ବୁଝି ପାରୁନାହାଁନ୍ତି। ଆଇନଟା ଜାତୀୟ ରାଜପଥ ଦେଇ ଯାଉଛି କି ଗ୍ରାମୀଣ ରାଜପଥ ଦେଇ ଯାଉଛି କି ବାଟ ଖରାପ ପଡ଼ିଛି ବୋଲି ଝୁଣ୍ଟି ପଡ଼ି ଯାଉଛି ତାହା ଜଣାପଡୁନାହିଁ। ଆମେ ଆଇନ ବ୍ୟବସ୍ଥାକୁ ଅତ୍ୟନ୍ତ ସମ୍ମାନ ଦେଉଛୁ। କାରଣ ଭାରତର ବିଧି ବ୍ୟବସ୍ଥା ସମ୍ବିଧାନ ଓ ଆଇନକୁ ନେଇ ଚାଲିଛି। ଏହି ଲେଖାଟି ଏହି ଲେଖକ ଲେଖିଲା ବେଳକୁ ରାଜ୍ୟର ଏକ ବହୁ ଚର୍ଚ୍ଚିତ ହତ୍ୟାକାଣ୍ଡ ଘଟଣାରେ ଜଣେ ପୂର୍ବତନ ପ୍ରଭାବଶାଳୀ ମନ୍ତ୍ରୀଙ୍କୁ କୋର୍ଟ ସମନ କରାଯାଇଛି। ତାହାହେଲେ କ'ଣ ଆମେ କାହି ପାରିବୁ ଆଇନର ଶାସନ ନାହିଁ ବୋଲି ? ଏହି ବ୍ୟବସ୍ଥା ସମ୍ପର୍କରେ ଜାଣିବା ପାଇଁ ଜଣେ ଭଦ୍ରବ୍ୟକ୍ତି ସୂଚନା ଅଧିକାର ଆଇନ ବ୍ୟବସ୍ଥାରେ ଜାଣିବା ପାଇଁ ଚାହିଁଲେ କିନ୍ତୁ ତଥ୍ୟର ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି। ହୁଏତ ଅଭିଯୋଗ ଉଠୁଥିବା ବାବୁ ଜଣଙ୍କ ଆରାମରେ ତାଙ୍କ ଚାକିରୀ ସମୟ ସାରି ପେନସନ ପାଇବା ପାଇଁ ବି ଯୋଗ୍ୟ ହୋଇଯିବେ।

ଭାରତର ଗଣତନ୍ତ୍ର ସମସ୍ତଙ୍କୁ ନେଇ, ସମସ୍ତଙ୍କ ପାଇଁ। ସମ୍ଭବତଃ ଏହି ସଗର୍ବ ଅଖଣ୍ଡ ଭାରତୀୟତା ଆମ ଜାତି ପ୍ରେମକୁ ଉଜ୍ଜୀବିତ କରେ। ତେବେ ବେଳେବେଳେ ସମ୍ବିଧାନ ସଙ୍କଟରେ ପଡ଼ିଯାଏ ବା କିଛି ଘଟଣା ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରେ। ଆଇନର ଶାସନ ବେଳେ ବେଳେ କିଭଳି କିଛି ମନମୁଖି ଓ ସ୍ୱାର୍ଥଲିପ୍ସୁମାନେ ମୋଡ଼ି ପାରନ୍ତି ଅନେକ ଉଦାହରଣ ରହିଛି। ଭାତ ହାଣ୍ଡିରୁ ଗୋଟିଏ ପରି ଓଡ଼ିଶା ସରକାରଙ୍କ ରାଜସ୍ୱ ପର୍ଷଦ ଅଧୀନରେ ପରିସର-୧ରୁ ବଦଳି ହୋଇ ପରିସର-୩ରେ ଅବସ୍ଥାପିତ ହୋଇ ପୁନଶ୍ଚ ଓଡ଼ିଶା ରାଜସ୍ୱ ପର୍ଷଦକୁ ଡେପୁଟେସନରେ ଆସି ବର୍ତ୍ତମାନ କାର୍ଯ୍ୟ କରୁଅଛନ୍ତି। ସେହି ମହୋଦୟ ସମୀପେଷୁଙ୍କ ନାମ ହେଉଛି ଚିନ୍ମୟ ପଣ୍ଡା। ସତକଥା ନାମଟି ଚିନ୍ମୟ ନା, ଏ ଯୁଗରେ ଚିନ୍ମୟ ଚିନ୍ତନର ଏ ଭଦ୍ର ବ୍ୟକ୍ତି ସତକଥା ନିହାତି କରିତକର୍ମା ହୋଇଥିବେ। ଯିଏ ବୃତ୍ତି ଆଉ ପ୍ରବୃତ୍ତି ଓ ପରିଶେଷର ହୁଏତ ନିଷ୍କୃତି ଯୋଗରୁ ଚିନ୍ତନର ଜଣେ ମସ୍ତବଡ଼ ଅନୁଭବୀ ହୋଇଥିବେ। ଏ ସମ୍ବନ୍ଧୀୟ ତଥ୍ୟ ରାଜସ୍ୱ ବିଭାଗର ସଚିବ, ନିର୍ଦ୍ଦେଶକ ଚକବନ୍ଦୀ ରାଜସ୍ୱ ପର୍ଷଦ, ସଦସ୍ୟ ରାଜସ୍ୱ ପର୍ଷଦ, ସଚିବ କେନ୍ଦ୍ରାଞ୍ଚଳ ରାଜସ୍ୱ ବିଭାଗ, ସଚିବ ଗୃହ ବିଭାଗ, ସଚିବ ଅର୍ଥ ବିଭାଗ, ସଚିବ ସାଧାରଣ ପ୍ରଶାସନ ବିଭାଗ ବାରମ୍ବାର ଅବଗତ କରିଥିଲେ ମଧ ବର୍ତ୍ତମାନ ସୁଦ୍ଧା ଏ ବାବଦରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଥିରେ ତାଙ୍କୁ ପୃଷ୍ଠପୋଷକତା କରୁଛନ୍ତି ରାଜସ୍ୱ ପର୍ଷଦର ଅତିରିକ୍ତ ସଚିବ ଶ୍ରୀମତୀ ସିଓନା ମିଶ୍ର ଏବଂ ଉପବିଭାଗ ଅଧିକାରୀ ଭାଗ୍ୟଧର ସାହୁ। ଓଡ଼ିଆରେ ଏକ କଥା ଅଛି 'ତୁ ଗୁହାରୀ ଯାହାକୁ ମୁଁ.....' ଅର୍ଥାତ୍ ଅଭିଯୋଗ କରିବ ତ ? କାହା ପାଖକୁ ଯିବ ? କେତେ ଦମ ନେଇ କେତେ ବାଟ ଯାଇପାରିବ ? ଆଉ ଆମେ ଏ ରାସ୍ତାରେ ଯିଏ ଅଛୁ ଆମେ କ'ଣ ଚୁଡ଼ି ପିନ୍ଧି ମଠ ଡାଲମା ଖାଇ ଝାଞ୍ଜି ବାଡ଼ଉଛୁ। ଏପରି ଆଇନକୁ ମୋଡି ମକଚି ନିଜ ପକେଟରେ ନିୟମକୁ ରଖିପାରୁଥିବାର ଦୁଃସାହାସ ରଖୁଥିବା ବ୍ୟକ୍ତି ହେଉଛନ୍ତି ଚିନ୍ମୟ ପଣ୍ଡା। ଏହି ଚିନ୍ମୟ ପଣ୍ଡା ବ୍ୟକ୍ତିଙ୍କର ସାତଖୁରାକୁ ସତ କଥା ଜୁହାର। ସରକାରଙ୍କ ରାଜସ୍ୱ ବିଭାଗ ୫-ଟି ଅଧୀନରେ ଆସୁଛି। ୫-ଟିର ମୁଖିଆ ରାଜ୍ୟ ସାରା ବୁଲି ପ୍ରଜା ଶାସନ କରି ନିର୍ମଳ ଶାସନ ଓ ସରକାରଙ୍କ ସ୍ୱଚ୍ଛ ପ୍ରଶାସନିକ ବ୍ୟବସ୍ଥାର ନାରା ଲୋକଙ୍କୁ ଦେଉଛନ୍ତି ଆଉ ଶିଖାଉଛନ୍ତି। ତାହାହେଲେ ଚିନ୍ମୟ ପଣ୍ଡା ଏହି ୫-ଟି ବିଭାଗର ଜଣେ ଅତ୍ୟନ୍ତ ଗୁଣଗ୍ୟ ଛାତ୍ରଭାବେ ବିବେଚନା କରାଯିବ। ଏମାନେ ସବୁ ଟପ୍ପର ଲିଷ୍ଟରେ ଯିବେ। ଏହି ପରି ଦୁଇ ଚାରିଟି ଗାତୁଆ ମୂଷା ଯଦି ରାଜସ୍ୱ ବିଭାଗରେ ରହିଯିବେ ତାହାହେଲେ କେତେ ବେଳେ ଏ ବିଭାଗ କ'ଣ ଏ ରାଇଜ ବି ଗୋଲ ହୋଇଯିବ। ବର୍ତ୍ତମାନର ସୂଚନା ପ୍ରଯୁକ୍ତିର ଯୁଗ ଆଶ୍ଚର୍ଯ୍ୟର କଥା ସକ୍ରିୟତା ପ୍ରତି ମୁହୂର୍ତ୍ତରେ ସତ୍ୟକୁ ଲୋକ ଲୋଚନକୁ ନେଇ ଆସୁଛି। ଲୋକମାନେ ଆଉ ଅନ୍ଧାରରେ ରହିବାର ସମୟ ବି ନାହିଁ। ତଥାପି ବନ ଆଶ୍ଚର୍ଯ୍ୟ କଥା ଏ ବାବୁ ନିଜ ପଦ ପଦବୀ କର୍ମକ୍ଷେତ୍ରକୁ ନେଇ ନିଧଡ଼କରେ ବସୁଛନ୍ତି ତେଣୁ ଏହିପରି ଗାତୁଆ ମୂଷାକୁ ବଡ଼ ବଡ଼ ମୂଷାସବୁ ଦାନା ଆଉ ପାଣି ଦେଉଥିବେ।

ଯନ୍ତା ଏଠି ଆଣି କିଏ ବସାଇବ। ଢ଼ୋଲ ଭିତରେ ମୂଷା ପରି ସରକାରଙ୍କ ଅତ୍ୟନ୍ତ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରସମନ ବିଭାଗର ଏପରି କରିତକର୍ମା ମୂଷା ମାନଙ୍କୁ ଗତ ଗଣେଶ ପୂଜାରେ ନିଶ୍ଚିନ୍ତ କିଏ ପୂଜା କରିଥିବେ ଯେ ? ଶାସନ ବ୍ୟବସ୍ଥାର ଦ୍ୱାହି ଭିତରେ ଅନେକ ମେଧାବୀ ଚାକିରୀ ଖଣ୍ଡେ ପାଉନାହାଁନ୍ତି, ଅନେକଙ୍କ ଘର କର୍ମ ସଂସ୍ଥାନ ଅଭାବରୁ ଛିନଛତର ହୋଇଯାଉଛି। କିନ୍ତୁ ଆଇନକୁ ହାତକୁ ନେଇ, ଆଇନକୁ ମୋଡ଼ି ସମସ୍ତଙ୍କୁ ହାତରେ ରଖି ଆଇନର ଧଜିଆ ଉଡାଉଥିବା ଲୋକମାନଙ୍କ ପାଇଁ ଆଇନର ବାଟ ଟା କ'ଣ ତାହାକୁ ଅପେକ୍ଷା କରାଯାଉଛି। ଯଦିଓ ବର୍ତ୍ତମାନ ଦେଖାଯାଉଛି ହାତୀ ଗଳି ଯାଉଛି କିନ୍ତୁ ପିମ୍ପୁଡ଼ି ପାଇଁ ବାଟ ବନ୍ଦ। କୋଟି କୋଟି ଟଙ୍କା ହରିଲୁଟ କରି ବିଦେଶରେ କିଛି ଧର୍ଣ୍ଣାଢ଼୍ୟ ମୌଜ ମଜଲିସ କରୁଛନ୍ତି କିନ୍ତୁ ଟଙ୍କା ଦଶଟା ପାଇଁ ଏଠି ଜଣେ ଦାଦନ ପାଳଟୁଛି ଆଉ ତା ପିଲାଛୁଆଙ୍କୁ ବନ୍ଧା ପକାଉଛି। ଏହି ଭୋକର ଭୂଗୋଳ ଓଡ଼ିଶାରେ। ତେଣୁ ସରକାରୀ ବ୍ୟବସ୍ଥାରେ ତଥ୍ୟ ସୂଚନା ଅଧିକାର ବଳରେ ସମସ୍ତଙ୍କୁ ଆଇନର ବ୍ୟବସ୍ଥାକୁ ସାର୍ବଜନୀନ କରାଯାଇ ସମସ୍ତଙ୍କ ପାଇଁ ଆଇନର ବାଟ ଯେ ଗୋଟିଏ ସମ୍ବିଧାନର ଏହି ମୂଲ୍ୟବାନ ସୁରକ୍ଷିତ ବାଣୀକୁ ସମସ୍ତଙ୍କୁ ଆଲୋକର ରାସ୍ତା ଦେଖାଇବାର କାର୍ଯ୍ୟ ହେଉଛି ଗଣତନ୍ତ୍ରର ଅର୍ଥାତ୍ ଆମ ଗଣତନ୍ତ୍ରର ଧ୍ୱଜାଧାରୀ ମାନଙ୍କର ! !

ଶିଖରପୁର ଉପରସାହି, କଟକ,

# ଡ଼େଙ୍ଗୁ ଓ ଯକୃତ ସଂକ୍ରମଣ

॥ ଉମେଶ ଚନ୍ଦ୍ର ପାତ୍ର ॥

ହାଡ଼ଭଙ୍ଗା (ବ୍ରେକ ବୋନ ଫିଭର) ବା ଡେଙ୍ଗୁଜ୍ୱର ସାଧାରଣତଃ ଗ୍ରୀଷ୍ମମଣ୍ଡଳ ବା କ୍ରାନ୍ତି ବଳୟରେ ଦେଖାଯାଇଥାଏ। ପ୍ରତିବର୍ଷ ପାଞ୍ଚଶହ ଲକ୍ଷ ଲୋକ ଡେଙ୍ଗୁଜ୍ୱରରେ ଆକ୍ରାନ୍ତ ହେଉଛନ୍ତି ଓ ପାଞ୍ଚଲକ୍ଷ ଲୋକ ଚିକିସାଳୟରେ ଭର୍ତ୍ତି ହେଉଛନ୍ତି। ସମଗ୍ର ଦକ୍ଷିଣ ଏସିଆ, ଆଫ୍ରିକା ଓ ଆମେରିକାରେ ଏହି ରୋଗର ପ୍ରାର୍ଦୁଭାବ ଦେଖାଯାଏ। ପୁଣି ସେହି ଦେଶକୁ ଯେଉଁମାନେ ବୁଲିବାକୁ ଯାଆନ୍ତି ସେମାନେ ମଧ ଏ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଅଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରିସଂଖ୍ୟାନ ଅନୁଯାୟୀ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରତି ବର୍ଷ ବଢ଼ିବାରେ ଲାଗିଛି। ୧୯୯୦ରୁ ୧୯୯୯ ମଧ୍ୟରେ ପ୍ରତିବର୍ଷ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୪.୭ଲକ୍ଷ ଥିଲାବେଳେ ୨୦୦୦ରୁ ୨୦୦୫ ମଧ୍ୟରେ ଏହି ସଂଖ୍ୟା ପ୍ରାୟ ଦୁଇଗୁଣ ବଢ଼ି ୯.୨ ଲକ୍ଷ ହୋଇଛି। ଏହି ଜ୍ୱର ଏଡ଼ିସ୍ ମଶା କାମୁଡ଼ିବା ଦ୍ୱାରା ହୋଇଥାଏ। ମ୍ୟାଲେରିଆ ଓ ଡେଙ୍ଗୁ ଉଭୟେ ମଶା ଦ୍ୱାରା ସଂକ୍ରମିତ ହୁଏ। ଏହି ଜ୍ୱର ଫ୍ଲେଭିଭାଇରସ୍ ଭୂତାଣୁ ଦ୍ୱାରା ହୋଇଥାଏ । ଏହା ଏକ ଆରଏନ୍ଏ ଭୂତାଣୁ ଓ ଏହାର ଜିନୋମ୍ ଏକଧାରାବାହୀ। ସମ୍ପ୍ରତି ଡେଙ୍ଗୁର ଭୟାବହତା ରାଜ୍ୟର କେତେକ ସ୍ଥାନରେ ଦେଖାଯାଇଛି। ଏହି ଭୂତାଣୁକୁ ବହନ କରୁଥିବା ମଶା ହେଉଛି ଏଡ଼ିସ୍ ଇଜିପ୍ଟି ଏବଂ ଏଡ଼ିସ୍ ଆଲବୋପିକ୍ଟସ୍ । ଦେଖିବାକୁ କଳା ରଙ୍ଗର ଏବଂ ସେମାନଙ୍କ ଉପରେ ଧଳା ଦାଗ ଥିବାରୁ ଏହି ମଶାକୁ ବାଘୁଆ ମଶା କୁହାଯାଏ । ଏହି ମଶାମାନେ ବିଶେଷକରି ସନ୍ତସନ୍ତିଆ ଜାଗା, ପାଣି ଜମା ହୋଇଥିବା ସ୍ଥାନ ଏବଂ ଆବର୍ଜନା ଜମି ଥିବା ସ୍ଥାନରେ ବଂଶ ବୃଦ୍ଧି କରିଥାନ୍ତି । ଦେଖାଯାଇଥାଏ ଏହି ମଶା କାମୁଡ଼ିବାର ପାଞ୍ଚଛଅ ଦିନ ପରେ ଡ଼େଙ୍ଗୁର ଲକ୍ଷଣ ଦେଖାଯାଇଥାଏ । ଏହି ଭୂତାଣୁ ଶରୀରରେ ଚାରିରୁ ଦଶଦିନ ପର୍ଯ୍ୟନ୍ତ ରହିଥାଏ । ଡ଼େଙ୍ଗୁ ଭୂତାଣୁ ଶରୀରର ବିଭିନ୍ନ ଅଙ୍ଗକୁ ଅଚଳ କରିଥାଏ । ଡେଙ୍ଗୁ ଯୋଗୁଁ ରକ୍ତଚାପ କମିଯାଏ, ଶରୀରରେ ପ୍ଲାଟିଲେଟ ହ୍ରାସ ପାଇଥାଏ । ଡେଙ୍ଗୁ ଭୂତାଣୁ ଜଣ୍ଡିସ୍‌ରୋଗ ସୃଷ୍ଟି କରିବାର ସମ୍ଭାବନା ବି ରହିଛି। ଏହା ଯକୃତ, ବୃକକ୍, ଓ ମସ୍ତିଷ୍କ ଉପରେ ପ୍ରଭାବ ପକାଇଥାଏ । କେବଳ ସେତିକି ନୁହେଁ ଡେଙ୍ଗୁ ଯୋଗୁଁ ମଲ୍ଟି ଅର୍ଗାନ ଫେଲୁଅର ହେବାର ସମ୍ଭାବନା ବି ରହିଛି। ଡେଙ୍ଗୁ ଭୂତାଣୁ ଯକୃତ ଉପରେ ବିଶେଷ ପ୍ରଭାବ ପକାଇଥାଏ। ଯକୃତର ଏନ୍‌ଜାଇମ ଗୁଡ଼ିକ ବଢ଼ିଯାଏ। ଜଣ୍ଡିସ୍ ଦେଖାଦିଏ ଓ ଜଣ୍ଡିସ୍ ବଢ଼ିଗଲେ ଯକୃତ ପୁରାପୁରି ଅକାମି ହୋଇଯାଏ। ଏହାକୁ ଏକ୍ୟୁଟ୍ ଲିଭର ଫେଲୁଅର କୁହନ୍ତି। ଏହି ଜ୍ୱରର ଯନ୍ତ୍ରଣା ଦାୟକ ଅବଧି ତିନିଦିନରୁ ଦୁଇସପ୍ତାହ ରହିଥାଏ । କିନ୍ତୁ ବିଶେଷକରି ପାଞ୍ଚଛଅ ଦିନ ପ୍ରାରମ୍ଭିକ ଅବସ୍ଥାରେ ମାଂସପେଶୀ ଓ ଗଣ୍ଠି ବ୍ୟଥା ହୋଇ ଯନ୍ତ୍ରଣାଦାୟକ ହୁଏ। ରୋଗୀର ମୁଣ୍ଡବିନ୍ଧା ଓ ଆଖିର ପଛପଟ ବିନ୍ଧା ହେବା ସହ ଖାଇବା ପ୍ରତି ଆଗ୍ରହ କମିଯାଏ । ଖାଦ୍ୟର ସ୍ୱାଦ ରୋଗୀଟି ଜାଣିବାକୁ ସମର୍ଥ ହୋଇନଥାଏ । କେତେକ ରୋଗୀଙ୍କ କ୍ଷେତ୍ରରେ ମୁହଁ ଲାଲ ଦିଶିଥାଏ । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜ୍ୱର ହେବାର ଦିନେ ଦୁଇଦିନ ଭିତରେ ଶରୀରର ବିଭିନ୍ନ ଅଂଶରେ ଲାଲି ରଙ୍ଗର ମିଳିମିଳା ଭଳି ଚାରିଆଡ଼େ ଫଳି ଯାଏ । ରୋଗୀଟିକୁ ଜ୍ୱର ପ୍ରାୟତଃ ଲାଗି ରହିଥାଏ । ନାକରୁ ପାଣି ବୋହିବା ସହ ଖାଦ୍ୟନଳୀରେ ଯନ୍ତ୍ରଣା ଦେଖାଯାଏ ଏବଂ ବେଳେବେଳେ ପତଳା ଝାଡ଼ା ମଧ ହୋଇଥାଏ । ଦେହରୁ ଯଥେଷ୍ଟ ପରିମାଣରେ ଝାଳ ବୋହିବା ଦ୍ୱାରା ରୋଗୀ ଜଣଙ୍କ ଅତ୍ୟନ୍ତ ଦୁର୍ବଳ ଅନୁଭବ କରିଥାନ୍ତି । ଏହି ସମ୍ବେଦନଶୀଳ ରୋଗ ହୋଇଥିଲେ ଏ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଜରୁରୀ । ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଡେଙ୍ଗୁର ପାର୍ଦୁଭାବକୁ ଚାରିଟି କ୍ରମରେ ବିଭକ୍ତ କରିଛନ୍ତି । ଏହି କ୍ରମ ଗୁଡ଼ିକ ହେଲା - ଜ୍ୱର ସହିତ କିଛି କ୍ଷେତ୍ରରେ ବାନ୍ତି ହେବା ସହ ନିଦ୍ରା ହୋଇନଥାଏ । ରୋଗୀଟି ପ୍ରାୟତଃ ଅସ୍ଥିର ରହି ଦୀର୍ଘ ସମୟ ଧରି କାନ୍ଦି ଥାଏ । ନିଶ୍ୱାସ ନେବାରେ କଷ୍ଟ ହେବା ସହ ଦ୍ୱିତୀୟ କ୍ରମରେ ଶରୀରର ନାକ, ପାଟି, ଦାନ୍ତମାଢ଼ିରୁ ରକ୍ତସ୍ରାବ ହୋଇଥାଏ । ତୃତୀୟ କ୍ରମରେ ରକ୍ତଚାପ କମିଯିବା ସହ ନାଡ଼ିର ଗତି ଦୁର୍ବଳ ହୋଇଥାଏ । ଚତୁର୍ଥ କ୍ରମରେ ନାଡ଼ିର ସ୍ପନ୍ଦନ ଜଣା ନପଡ଼ିଲେ ଏବଂ ରକ୍ତଚାପ କମିଗଲେ ଏହା ନିୟନ୍ତ୍ରଣ ବାହାରକୁ ଚାଲିଯିବାର ଭୟ ବି ରହିଥାଏ । ଏହାକୁ ଯଥାକ୍ରମେ ଡେଙ୍ଗୁ ଜ୍ୱର ଓ ଡେଙ୍ଗୁ ରକ୍ତଜ୍ୱର ଓ ଡେଙ୍ଗୁ ସକ୍‌ସିଣ୍ଡ୍ରୋମ କୁହାଯାଏ। ଲିଭର ସଂକ୍ରମଣ ସାଧାରଣତଃ ମହିଳା ଓ ଶିଶୁମାନଙ୍କ ଠାରେ ବିଶେଷ ଭାବେ ଦେଖାଦିଏ ଏବଂ ଏମାନଙ୍କ କ୍ଷେତ୍ରରେ ଡେଙ୍ଗୁର ପ୍ରାର୍ଦୁଭାବ ବେଶୀ। ଡାଇବେଟିସ୍, ଆଜମା, କ୍ରୋନିକ୍ ଲିଭର ଡିଜିସ୍ ଓ ଅନ୍ୟାନ୍ୟ ରୋଗୀଙ୍କୁ ଡେଙ୍ଗୁ ହେଲେ ଡେଙ୍ଗୁର ପ୍ରାର୍ଦୁଭାବ ବିଶେଷ ଭାବେ ଉପଲବ୍ଧି ହୁଏ। ଯକୃତ ଆକ୍ରାନ୍ତ ହେଲେ ପେଟ ବ୍ୟଥା ହୁଏ, ଭୋକ କମିଯାଏ, ବାନ୍ତି ହୁଏ, ପେଟରେ ଓ ଛାତିରେ ପାଣି ଜମିଯାଏ। ଯକୃତ ଫୁଲିଯାଏ ଓ ବେଳେ ବେଳେ ବ୍ରେନ୍ ଓ ହୃତ୍‌ପିଣ୍ଡ ମଧ ଆକ୍ରାନ୍ତ ହୁଏ। ଏହି ଭୂତାଣୁ ସିଧାସଳଖ ଲିଭରକୁ ଆକ୍ରମଣ କରନ୍ତି। ବେଳେ ବେଳେ ରୋଗପ୍ରତିରୋଧକ ଶକ୍ତିର ପରିବର୍ତ୍ତନ ଯୋଗୁଁ ମଧ ଲିଭର କୋଷ ଆକ୍ରାନ୍ତ ହୁଏ। ଦେହରେ ଆଲବୁମିନ୍ କମିଯାଏ ଓ ଦେହ ହାତ ଫୁଲିଯାଏ। ରକ୍ତଜମାଟ ବାନ୍ଧିବା ପଦ୍ଧତି ବା ସ୍ପନ୍ଦନରେ ମଧ ତ୍ରୁଟି ଦେଖାଦିଏ। ଯକୃତ ଖରାପ ହେବା ଯୋଗୁଁ ଶରୀରରେ ସ୍ପନ୍ଦନ ଉପାଦାନ କମିଯାଏ ଓ ରକ୍ତ ଜମାଟ ବାନ୍ଧି ନପାରି ବିଭିନ୍ନ ଅଂଶରେ ବ୍ଲିଡ଼ିଂ ବା ରକ୍ତସ୍ରାବ ହୁଏ।

ଯଦିଓ ଏହା ଏକ ଭୟାବହ ରୋଗ କିନ୍ତୁ ଅଧିକାଂଶ କ୍ଷେତ୍ରରେ ରୋଗୀମାନେ ଆରୋଗ୍ୟ ଲାଭ କରନ୍ତି। ଏହି ରୋଗର ଲକ୍ଷଣ ଅନୁଯାୟୀ ଚିକିତ୍ସା କରାଯାଏ। ଶରୀରରେ ପ୍ଲାଟିଲେଟ ଓ ସ୍ପନ୍ଦନ ଉପାଦାନ କମିଗଲେ ରୋଗୀକୁ ପ୍ଲାଟିଲେଟ ଦିଆଯାଏ। ବେଳେ ବେଳେ ଆଲବୁମିନ୍ ମଧ ଦେବାକୁ ପଡ଼େ। ଜଣ୍ଡିସ୍ ରୋଗର ଚିକିତ୍ସା ମଧ କରିବାକୁ ପଡ଼ିଥାଏ। ବାନ୍ତି, ଜ୍ୱର ଓ ଡିହାଇଡ୍ରେସନ୍ ହେଲେ ତଦନୁଯାୟୀ ଚିକିତ୍ସା କରିବାକୁ ପଡ଼େ। ବେଳେ ବେଳେ ଗୁରୁତର ରୋଗୀଙ୍କୁ ଆଇସିୟୁରେ ମଧ ରଖାଯାଏ। ଯକୃତ ଅକାମି ହେଲେ ଭେଣ୍ଟିଲେସନ୍‌ର ମଧ ଆବଶ୍ୟକତା ରହିଛି। ଡେଙ୍ଗୁ ଆକ୍ରାନ୍ତ ହେଲେ ତୁରନ୍ତ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ। ବିଶେଷ ଭାବରେ ଭୟଭୀତ ନହୋଇ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ହସ୍‌ପିଟାଲରେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ଘର ପରିବେଶରେ ଅଳିଆ ଆବର୍ଜନାକୁ ତୁରନ୍ତ ସଫା କରନ୍ତୁ । ଦୀର୍ଘ ଦିନ ଧରି ଜମି ରହିଥିବା ଜଳୀୟଆବର୍ଜନାର ନିଷ୍କାସନ ବ୍ୟବସ୍ଥା କରନ୍ତୁ । ମଶା ମାରିବା ପାଇଁ ତୁରନ୍ତ ସ୍ପ୍ରେ ବ୍ୟବସ୍ଥା ଏବଂ ସନ୍ଧ୍ୟାରେ ମଶା ଧୂଆଁ ଦିଅନ୍ତୁ । ପରିବାରରେ ସମସ୍ତେ ମଶାରୀ ଟାଙ୍ଗି ଶୋଇବା ଖୁବ୍ ଭଲ । ଘରେ ଥିବା ଛୋଟ ପିଲାମାନଙ୍କୁ ଫୁଲ୍ ହାତ ଓ ଫୁଲ୍ ଗୋଡ଼ ପର୍ଯ୍ୟନ୍ତ ଲମ୍ବା ପ୍ୟାଣ୍ଟ ସାର୍ଟ ପିନ୍ଧାନ୍ତୁ । ଧୂଳି, ଧୂଆଁ ଓ ଆବର୍ଜନା ଠାରୁ ରୋଗୀଟିକୁ ଦୂରେଇ ରଖନ୍ତୁ । ଗରମ ଖାଦ୍ୟ ଖାଇବାକୁ ଦେବା ସହ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ଯଥେଷ୍ଟ ପରିମାଣରେ ରୋଗୀଟିକୁ ପିଇବା ପାଣି ଦିଅନ୍ତୁ । ତାଙ୍କର ପିନ୍ଧିବା ଲୁଗାପଟା ଠାରୁ ସେ ବିଶ୍ରାମ ନେଉଥିବା ବିଛଣା ପତ୍ର ମଧ ଭଲଭାବରେ ସଫାସୁତୁରା ହୋଇ ଖରାରେ ଶୁଖାଇବା ଜରୁରୀ । ଗାଧୋଇବା ସମୟରେ ପରିଷ୍କାର ପରିଚ୍ଛନ୍ନ କରି ବିଶୋଧିତ ଜଳରେ ପିଲାଟିକୁ ସ୍ନାନ କରାନ୍ତୁ । ରୋଗୀଟିକୁ ଭଲ ଭାବରେ ଯେପରି ନିଦ ହୁଏ ସେଥିପ୍ରତି ଯତ୍ନବାନ ହୁଅନ୍ତୁ । ପରିବେଶର ସ୍ୱଚ୍ଛତା ଓ ପରିଷ୍କାର ପରିଚ୍ଛନ୍ନ ଉପରେ ଡେଙ୍ଗୁର ନିରାକରଣ ନିର୍ଭର କରେ। ଡ୍ରେନ୍ ମାନଙ୍କରେ ମଶାମରା ଔଷଧ ଓ ମଶା ଧୂଆଁ ଦେବାର ବନ୍ଦୋବସ୍ତ ହେଲେ ଭଲ। ଶିଳ୍ପାଞ୍ଚଳ ଓ ଖଣିଖାଦାନରେ ପାଣି ନ ଜମିବା ଓ ବୃକ୍ଷରୋପଣ ଇତ୍ୟାଦିର ବନ୍ଦୋବସ୍ତ କଲେ ମଶାମାନେ ବଢ଼ିପାରିବେ ନାହିଁ। ସ୍ୱଚ୍ଛ ଭାରତ ଯୋଜନାର ଉପଯୁକ୍ତ ରୂପାୟନରେ ଡେଙ୍ଗୁର ନିରାକରଣ ହୋଇପାରିବ। ଡେଙ୍ଗୁ ପାଇଁ ସମ୍ପ୍ରତି ସରକାର ଗ୍ରାମାଞ୍ଚଳର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଜିଲ୍ଲାସ୍ତରୀୟ ହସ୍‌ପିଟାଲ ଏବଂ ବଡ଼ ମେଡ଼ିକାଲ ସବୁଠି ପର୍ଯ୍ୟାପ୍ତ ବ୍ୟବସ୍ଥା କରିଛନ୍ତି। ରୋଗୀମାନଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦେବା ପାଇଁ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତରଖାନା ପରିଦର୍ଶନ କରି ସମସ୍ତ ପ୍ରକାର ଆନୁସଙ୍ଗିକ ଚିକିତ୍ସା ବ୍ୟବସ୍ଥା କରିଛନ୍ତି। ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ବିଭିନ୍ନ ସଚେତନଧର୍ମୀ ସୂଚନା ପ୍ରଦାନ ସହ ଡ୍ରେନ୍‌ରେ ମଶା ତେଲ ଓ ସନ୍ଧ୍ୟାବେଳେ ମଶାଧୂଆଁର ବ୍ୟବସ୍ଥା କରାଯାଇଛି

ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ
ଦୂରଭାଷ : ୯୪୩୭୦୫୧୯୫୭

# 'ମା'ର ଏକ ବିଶ୍ଳେଷଣ

॥ ଅନୀତା ପଟ୍ଟନାୟକ ॥

ଢ଼ିଙ୍କିଶାଳରୁ ଢ଼େଙ୍କାନାଳ ନାମକ ଏକ ସଂସ୍ଥା ଥରେ ସାଧୁସନ୍ଥ ମାନଙ୍କର ଏକ ସମ୍ମିଳନୀ ଡାକିଲେ। ପରେ ପରେ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ନାରୀମାନେ ପୁରୁଷପରି ବ୍ୟବହାର କରିବା, ବ୍ୟଭିଚାର ବଳାତ୍କାର, ନାରୀ ଜାତି ପ୍ରତି ଅସମ୍ମାନ, ଘୃଣାଭାବ ଏହି ସଂସ୍ଥାଟିକୁ ବ୍ୟଥିତ କରୁଥିବାରୁ ସେମାନେ ସାଧୁସନ୍ଥଙ୍କର ସମ୍ମିଳନୀ ଡାକିବା ପାଇଁ ସ୍ଥିର କଲେ। ଭବ୍ୟସଭାର ଆୟୋଜନ କରାଗଲା ସହରର ମାନଗଣ୍ୟ ବ୍ୟକ୍ତି, ସ୍ତ୍ରୀ ପୁରୁଷ ଉଭୟେ ଏ ସଭାରେ ଯୋଗ ଦେଇଥିଲେ। ପ୍ରଥମ ଦିନର ବ୍ୟକ୍ତା ଥିଲେ ସ୍ୱାମୀ ପ୍ରେମାନନ୍ଦ। ସେ କହିଲେ ପୃଥିବୀରେ ମାର ପ୍ରେମ ଠାରୁ ଆଉ କିଛି ବଡ଼ ନୁହେଁ। ପ୍ରେମରୁ ଜ୍ଞାନ ଜାଗ୍ରତ ହୁଏ। ପ୍ରକୃତ ଜ୍ଞାନରୁ ଧର୍ମ ଭାବ ଆସେ। ତାହା ହିଁ ମନୁଷ୍ୟର ପ୍ରକୃତ ସମ୍ପତ୍ତି। ପ୍ରେମ ଦ୍ୱାରା ମନୁଷ୍ୟ ସତ୍ୟକୁ ଉପଲବ୍ଧି କରିଥାଏ। ମଣିଷ କିଛି ତା ଜୀବନରେ ଅନେକ କିଛି ସୁଖ ମାଆ ଦ୍ୱାରା ପାଇଥାଏ। ସନ୍ନ୍ୟାସୀ ବ୍ରହ୍ମାନନ୍ଦ କହିଲେ 'ରାମ କୌଶଲ୍ୟାଙ୍କ ପରି ମାଙ୍କ ଯୋଗୁଁ ଦିବ୍ୟତ୍ୱ ହାସଲ କରିଥିଲେ। ଲବକୁଶ ସୀତା ଦେବୀଙ୍କ ଯୋଗୁ ବୀର ହୋଇପାରିଥିଲେ। ମା ଜୀବନ ସାରା ପିଲାମାନଙ୍କର ମଙ୍ଗଳ କାମନା କରିଥାଏ। ତେଣୁ ପ୍ରତ୍ୟେକ ପିଲା ମାକୁ ଭଲପାଇବା ଉଚିତ।'

ସ୍ୱାମୀ ସୁଧାନନ୍ଦ କହିଲେ ପୃଥିବୀରେ ମହାନ ପୁରୁଷମାନେ ମାଙ୍କର ଆଶୀର୍ବାଦ ଯୋଗୁ ମହାନ କାର୍ଯ୍ୟ କରିଛନ୍ତି। ମା ଗୌରୀଙ୍କର ଆଶୀର୍ବାଦ ନେଇ କାର୍ତ୍ତିକେୟ ତାରକାସୁର ପରି ଅସୁର ସହିତ ଯୁଦ୍ଧକରି ବିଜୟ ଲାଭ କରିଥିଲେ। ପରଶୁରାମ ଶତ୍ରୁ ମାନଙ୍କ ସହ ଯୁଦ୍ଧ କରିବା ପୂର୍ବରୁ ମାଆଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ବିନୀତା ତାଙ୍କ ପୁତ୍ର ଗରୁଡ଼କୁ ଆଶୀର୍ବାଦ କରିଥିଲେ। ସବୁ ମା ମାନେ ଆଶୀର୍ବାଦ ଦେବା ପୂର୍ବରୁ କହିଥାନ୍ତି ଶ୍ରୀରାମ ରକ୍ଷ। ଗାନ୍ଧାରୀ ଜାଣିଥିଲେ ତାଙ୍କର ପୁତ୍ର ଦୁର୍ଯ୍ୟୋଧନ ଧର୍ମ ମାର୍ଗରେ ରହି ନଥିଲା ଯୋଗୁଁ ବିଜୟ ଲାଭ କରିପାରିବ ନାହିଁ ତେଣୁ ସେ ଆଶୀର୍ବାଦ ସୂଚକ ଭାଷା ବ୍ୟବହାର କରି କହିଥିଲେ 'ଅକ୍ଷୟ ହେଉ ପୂଣ୍ୟ ଜଗତେ ଧର୍ମର ହେଉ ଜୟ'।

ଏଥର ନିଷ୍ଟଳାନନ୍ଦ କହିଲେ ଶଙ୍କରାଚାର୍ଯ୍ୟ ହୃଦୟଙ୍ଗମ କରିଥିଲେ ଯେଉଁ ପୁତ୍ର ମାର ସ୍ନେହ ପାଇ ଜୀବନର ଲକ୍ଷ୍ୟର ପ୍ରକୃତ କାର୍ଯ୍ୟରେ କୃତକାର୍ଯ୍ୟ ହେବ ସେ ପାପତାପ ଗ୍ରସ୍ତ ସଂସାରରୁ ମୁକ୍ତି ପାଇ ପୁନର୍ଜନ୍ମରୁ ମୁକ୍ତ ହେବ। ତେଣୁ ମାତୃଭକ୍ତି ପାଇଁ ହୃଦୟରେ ସ୍ଥାନ ରହିବା ଉଚିତ। କୀର୍ତ୍ତନନ୍ଦ ଯେ କି ଶ୍ରୀରାମଙ୍କ ଭକ୍ତ ଥିଲେ ସେ କହିଲେ 'ରାମଙ୍କ ଆଡ଼କୁ ବାଣ ଉଠାଇବା ପୂର୍ବରୁ ଲବକୁଶ ପ୍ରାର୍ଥନା କରିଥିଲେ ତାଙ୍କର ମା ଯଦି ସାଧ୍ୱୀ ହୋଇଥିବେ ତେବେ ବୀରପୁରୁଷ ଅଚେତ ହୋଇଯିବେ ଏବଂ ତାହା ହିଁ ହୋଇଥିଲା। ଲବକୁଶ ବାଣ ନିକ୍ଷେପ କରିବା କ୍ଷଣି ଶ୍ରୀରାମ ଅଚେତ ହୋଇ ପଡ଼ିଥିଲେ। ଏଥିରୁ ମାକୁ ସ୍ମରଣ କରିବାର ଶକ୍ତି କେତେ ତାହା ଅନୁମେୟ। ଏଥର ଜ୍ଞାନାନନ୍ଦ କହିଲେ 'ପୂର୍ବରୁ ମାତା ମତାକି ତାଙ୍କର ସନ୍ତାନ ଧର୍ମମାର୍ଗରେ ପରିଚାଳିତ ହେଲେ ଖୁସି ହେଉଥିଲେ। କାରଣ ସେମାନଙ୍କର ସନ୍ତାନମାନେ ଭଗବାନଙ୍କ ପ୍ରତି ଅନୁଗତ ହୋଇ ଭଲ ମଣିଷ ହୋଇପାରିବେ ବୋଲି ଚିନ୍ତା କରୁଥିଲେ। କିନ୍ତୁ ବର୍ତ୍ତମାନ ସେପରି ଦେଖାଯାଉନାହିଁ। ପୂର୍ବରୁ ମା ମାନେ ପିଲାମାନଙ୍କୁ ଠିକ ରାସ୍ତାରେ ଚାଲିବାର ଉପଦେଶ ଦେଉଥିଲେ। ଏଥର ସନ୍ଥ ପଦ୍ମପାଦଙ୍କ ପାଳି ପଡ଼ିଲା। ସେ କହିଲେ ଆର୍ଯ୍ୟାମା ଶଙ୍କରଙ୍କୁ ପ୍ରତିଶ୍ରୁତି ଦେଇଥିଲେ ମାର ଆଶୀର୍ବାଦ ଫଳରେ ତାଙ୍କ ଜୀବନର ସମସ୍ତ ଶୂନ୍ୟସ୍ଥାନ ପୂରଣ ହୋଇପାରିବ। ଶଙ୍କରାଚାର୍ଯ୍ୟ ଦେବୀଙ୍କ କୃପାରୁ ତାଙ୍କ ଜୀବନର ସମସ୍ତ ଶୂନ୍ୟସ୍ଥାନ ପୂରଣ କରିପାରିଥିଲେ। ସାଧ୍ୱୀ ରତଚାରା କହିଲେ ମାର ପ୍ରେମ ଗୋଟିଏ ସାଧାରଣ ଘରକୁ ଗୃହରେ ପରିଣତ କରେ। ଆମେ ଯେଉଁଠାରେ ବୁଲୁ ନା କାହିଁକି ଆମର ପରିଚୟ ଯାହା ହେଉନା କାହିଁକି ମା ଯୋଗୁ ତିଆରି ହୋଇଥିବା ଗୃହଟି ସଦା ସ୍ମରଣୀୟ ହୋଇରହେ। ମାର ଧୈର୍ଯ୍ୟ ପିଲାଟିକୁ ଠିକ ଭାବରେ ଗଢ଼ି ତୋଳେ। ତାର ହସ ହସ ମୁହଁ ଓ ସାହାସିକତା ଏକ ଅନ୍ଧକାର ଦିନକୁ ଆଲୋକରେ ଭରିଦିଏ। ଏଥର ପଡ଼ିଲା ଅଦଭୁତାନନ୍ଦଙ୍କର ପାଳି ସେ କହିଲେ ଆଜିର ସଭାର ଉଦ୍ଦେଶ୍ୟରୁ ଆମେ ବାହାରି ଯାଉଚେ ଓ ମାର ଗୁଣଗାନ କରୁଛେ। ସଭାର ଉଦ୍ଦେଶ୍ୟ ହେଉଛି କିପରି ବ୍ୟଭିଚାର, ବଳାତ୍କାର, ନାରୀ ଜାତି ପ୍ରତି ଅସମ୍ମାନ କମିବ ସେ ବିଷୟରେ ଆଲୋଚନା କରିବା। ସେ କହିଲେ ମୁଁ ପଚାରୁଛି 'ଯଦି ସବୁ ସ୍ତ୍ରୀଲୋକ ମାନେ କର୍ମଜୀବୀ ହୋଇଯିବେ ତେବେ ଘରେ ରହିବ କିଏ ? ଯଦି ସ୍ୱାମୀ ସ୍ତ୍ରୀ ଉଭୟେ କର୍ମକ୍ଷେତ୍ରକୁ ଯିବେ ତେବେ ଘର ସମ୍ଭାଳିବ କିଏ ? ଯଦି ସ୍ତ୍ରୀଲୋକମାନେ ଅନ୍ୟର ପିଲାମାନଙ୍କୁ ପଢ଼ାଇବା ପାଇଁ ସ୍କୁଲକୁ ଯାଆନ୍ତି ତେବେ ନିଜ ପିଲାଙ୍କୁ ପଢ଼ାଇବ କିଏ ? ହାତରେ ପୁସ୍ତକ ଧରି ସ୍ତ୍ରୀଲୋକ ମାନେ ଯଦି ପୁରୁଷ ମାନଙ୍କ ପରି ବାହାରକୁ ଯାଆନ୍ତି ତେବେ ରୋଷେଇ କାର୍ଯ୍ୟ କରିବ କିଏ ? ଆର୍ଥିକ ଅବସ୍ଥାରେ ସ୍ତ୍ରୀଲୋକମାନେ ସ୍ୱଚ୍ଛଳତା ଆଣିଲେ ମଧ ସ୍ତ୍ରୀର ଶୂନ୍ୟ ସ୍ଥାନକୁ ପୂରଣ କରିବ କିଏ ? ସ୍ତ୍ରୀଲୋକମାନେ କର୍ମକ୍ଷେତ୍ରକୁ ଗଲେ ସୁଖୀ ସଂସାର ସ୍ୱପ୍ନ ହୋଇଯିବ କି ? ପଛ ପଟରୁ ଘୋର ପାଟି ତୁଣ୍ଡ ହେବାରୁ ଅଦଭୂତାନନ୍ଦଙ୍କ ପ୍ରବଚନ ବନ୍ଦ କରିବାକୁ ପ୍ରଯୋଜକ ବାଧ ହେଲେ। ଏଥର ଆନନ୍ଦାନନ୍ଦ କହିଲେ ମୋର ଗଭୀର ଚିନ୍ତା ସନ୍ତାନର ଗଭୀର ଭାବେ କ୍ଷତବିକ୍ଷତ ହୃଦୟକୁ ସଜାଡ଼ି ପାରେ। ମାର ଜ୍ଞାନକୌଶଳ ଓ ସହନଶୀଳତା ପୁତ୍ରର ଛୋଟ ହୃଦୟକୁ ବଦଳାଇଥାଏ। ମାର ଦୟାଭାବ ଆମର ଭୁଲକୁ କ୍ଷମା କରିଥାଏ। ଅସୁବିଧାରେ ମା ପିଠି ଥାପୁଡ଼େଇ ଦେଇ ମୁଣ୍ଡକୁ ନୁଆଁଇ ଭଗବାନଙ୍କୁ ପ୍ରାର୍ଥନା କରେ। ମାର ଜ୍ଞାନ ପ୍ରକୃତରେ କଣ ଆମେ ଚାହିଁ ତାହା ବୁଝାଇ ଦେଇଥାଏ।

# ଜୟ ନାରାୟଣ ମିଶ୍ରଙ୍କ ସପକ୍ଷରେ ବାହାରିଲା କୋସଲ ମୁକ୍ତି ମୋର୍ଚ୍ଚା



ପାଟଣାଗଡ଼ ( ମହାଭାରତ ) ବେଲପଡା ବ୍ଲକ ସ୍ଥାନୀୟ ତାରିଣୀ ମନ୍ଦିର ସମ୍ମୁଖରେ ଗତକାଲି ସଂଧ୍ୟାରେ ବେଲପଡା ଅଞ୍ଚଳର କୋସଲ ସଂଗ୍ରାମୀ ମାନେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ସପକ୍ଷରେ ଟାୟାର ଜାଳି ଜିନ୍ଦାବାଦ ନାରା ଦେଇ ପୂର୍ବ ଓଡିଶା ଲୋକ ଙ୍କୁ ବିରୋଧ କରିଥିଲେ । ପ୍ରତିବାଦରେ କୋସଲ ସଂଗ୍ରାମୀ ମାନେ ପୂର୍ବ ଓଡ଼ିଶାକୁ ବିରୋଧ କରିଥିଲେ । ବିଧାୟକ ଶ୍ରୀ ମିଶ୍ର ସମ୍ବଲପୁରରେ ହୋଇଥିବା ସୁଭଦ୍ରା ମେଳା ସଭାରେ ଓଡ଼ିଶାରେ ଆମେ ମିଶି ବହୁତ ବଡ ଭୁଲ ହୋଇଗଲା ,ଉତ୍କଳ କଳିଙ୍ଗ ଓ କୋସଲ କେ ନେଇ ଓଡ଼ିଶା ପ୍ରଦେଶ ଗଠନ ହେଲା , ତାର ପରେ ବି ପଶ୍ଚିମ ଓଡ଼ିଶାରେ କୌଣସି ବିକାଶ ହୋଇ ନାହିଁ । ଖଣି ଖାଦାନ କେ ନେଇ ଆମକକୁ ଶୋଷଣ କରା ଯାଉଛି ବୋଲି ମନ୍ତବ୍ୟ ରଖିଥିଲେ । ସଭାରେ ଏ ଭଳି ମନ୍ତବ୍ୟ ଦେଇ ଥିବାରୁ ପୂର୍ବ ଓଡ଼ିଶାରେ ତାଙ୍କୁ ବିରୋଧ କରା ଯାଉଛି । ଏହି ପରିପ୍ରେକ୍ଷୀରେ ଗତକାଲି ବେଲପଡା କୋସଲ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଜୟନାରାୟଣ ମିଶ୍ର ଜିନ୍ଦାବାଦ ନାରା ଦେଇ ପୂର୍ବ ଓଡିଶାଙ୍କୁ ପ୍ରତିବାଦ କରିଥିଲେ। ଏଥିରେ ଦନାର୍ଦ୍ଦନ ସିଂ,ବନମାଳୀ ନାଏକ, ଜିତୁ ନାଏକ, ଯୁଗଲ କିଶୋର ମେହେର, ସିପୁନ ଖମାରୀ,ଚକ୍ର ମେହେର, ସୁଶାନ୍ତ ମେହେର, ଲୋକେଶ ଭୋଇ, ପ୍ରମୋଦ ବୁଡେକ,ହାଡୁ ଥପା,ମାନସ ପୁରୋହିତ , ବିଷ ବୁଡେକ ଓ ଅନ୍ୟମାନେ ପ୍ରତିବାଦ ସଭାରେ ସାମିଲ ଥିଲେ।

## ଦୀର୍ଘ ବର୍ଷଯାଏ ଶିକ୍ଷୟତ୍ରୀ ଙ୍କ ଅନୁପସ୍ଥିତ କୁ ନେଇ ଅଭିଯୋଗ

# ଅଠର ଛାତ୍ରଛାତ୍ରୀଙ୍କୁ ତିନି ଶିକ୍ଷକ

ଖଡ଼ିଆଳ:(ମହାଭାରତ) ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅରେଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ତରାପୁର ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଅଭିଭାବକ ମାନେ ଅଭିଯୋଗ କରିଛନ୍ତି । ବିଦ୍ୟାଳୟ ର ଅବ୍ୟବସ୍ଥା ନେଇ ବିଭିଓ ସମୟରେ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ଅନେକ ଥର ଗୋଷ୍ଠୀ ଶିକ୍ଷା ଅଧିକାରୀ ଖଡ଼ିଆଳ ଙ୍କୁ ଲିଖିତ ଓ ମୌଖିକ ଭାବରେ ଅଭିଯୋଗ କରୁଥିବା ସତ୍ତ୍ୱେ ମଧ କର୍ଣ୍ଣ ପାତ କରୁନଥିବା ଅଭିଯୋଗ କରିଛନ୍ତି । ୨୦୦୮ ରେ ସ୍ଥାପିତ ଏହି ବିଦ୍ୟାଳୟରେ ତିନି ଜଣ ଶିକ୍ଷକ ପ୍ରଧାନ ଶିକ୍ଷକ ଅଶ୍ୱିନୀ ବିଶି, ସହକାରୀ ଶିକ୍ଷଇତ୍ରୀ ଇନ୍ଦୁମତୀ ପାଣ୍ଡେ ଓ ଜଣେ ଗଣଶିକ୍ଷଇତ୍ରୀ ଅନୁସୟା ହୋତା ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷଦାନ କରିବା ପାଇଁ ବିଦ୍ୟାଳୟ ରେ ନିଯୁକ୍ତ ହୋଇଥିବାବେଳେ ଗଣଶିକ୍ଷୟତ୍ରୀ ଅନୁସୟା ହୋତା ଦୀର୍ଘ ତିନି ରୁ ଚାରି ବର୍ଷ ହେବ ବିଦ୍ୟାଳୟ କୁ ଆଦୌ ଆସୁନଥିବା ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ଓ ଛାତ୍ରଛାତ୍ରୀ ମାନେ ଅଭିଯୋଗ କରିଛନ୍ତି ଏବଂ ଏ ବିଷୟରେ ପ୍ରଧାନ ଶିକ୍ଷକ ଙ୍କୁ ପଚାରିବାରୁ ସେ ଏହି ଘଟଣା କୁ ସତ୍ୟତା ସହ ସ୍ୱୀକାର କରିଥିବା ପରେ ଏନେଇ ଅନେକ ଥର



ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପତ୍ରଳାପ କରିଥିବାବେଳେ ଶେଷଥର ପାଇଁ ପତ୍ର ସଂଖ୍ୟା : ୨୫/୨୯-୮-୨୪ ରେ ବିଦ୍ୟାଳୟ ପରିଚାଳନା କମିଟି ର ପ୍ରସ୍ତାବ ଗୃହୀତ କରି ଗୋଷ୍ଠୀ ଶିକ୍ଷ୍ୟା ଅଧିକାରୀ ଖଡ଼ିଆଳଙ୍କୁ ପ୍ରେରଣ କରାଯାଇଥିବା ପ୍ରଧାନ ଶିକ୍ଷକ କହିଛନ୍ତି । କିଛି ବିଭାଗୀୟ କର୍ମଚାରୀଙ୍କ ସୂଚନା ଅନୁଯାଇ ଦୀର୍ଘ ତିନିରୁ ଚାରି ବର୍ଷ ହେବ ଗଣଶିକ୍ଷୟତ୍ରୀ ଅନୁସୟା ହୋତା ବିଦ୍ୟାଳୟ ରେ ଅନୁପସ୍ଥିତ ରହୁଥିବା ସତ୍ତ୍ୱେ ତାଙ୍କ ଦରମା କିଭଳି ଭାବରେ ହେଉଛି ତାହା ଏକ ଆଶ୍ଚର୍ଯ୍ୟ ଜନକ ବିଷୟ ବୋଲି ବିଭାଗୀୟ କର୍ମଚାରୀ ଓ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଏ ବିଷୟରେ ଜିଲ୍ଲା ଶିକ୍ଷା ଅଧିକାରୀ କରୁଣା କର ଭୋଇ ଙ୍କ ମତାମତ ନେବାରୁ ମୁଁ ଏହି ବିଷୟରେ ଅବଗତ ନାହିଁ ତଦନ୍ତ ପରେ ଜଣାପଡିବ ଓ ଯଦି ଏଭଳି ହୋଇଛି ତାହେଲେ ଦୋଷି ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଅପରପକ୍ଷେ ବିଦ୍ୟାଳୟ ରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଧୟନ କରୁଥିବାବେଳେ ପ୍ରଥମ ଶ୍ରେଣୀରେ ତିନି ଜଣ, ଦ୍ୱତୀୟ ଶ୍ରେଣୀରେ ପାଞ୍ଚ ଜଣ, ତୃତୀୟ ଶ୍ରେଣୀରେ ଚାରି ଜଣ, ଚତୁର୍ଥ ଶ୍ରେଣୀରେ ଚାରି ଜଣ ଓ ପ□ମ ଶ୍ରେଣୀରେ ଦୁଇ ଜଣଙ୍କୁ ନେଇ ମୋଟ ଅଠର ଜଣ ଛାତ୍ରଛାତ୍ରୀ ଙ୍କ ନାମ ଉପସ୍ଥାନ ରେ ଥିବାବେଳେ ପ୍ରାୟ ପ୍ରତ୍ୟେକ ଦିନ ଆଠରୁ ଦଶ ଜଣ ଛାତ୍ରଛାତ୍ରୀ ବିଦ୍ୟାଳୟ ରେ ଉପସ୍ଥିତ ହେଉଥିବା ଦେଖିବାକୁ ମିଳିଛି ହେଲେ ତାହା ସତ୍ତ୍ୱେ ମଧ ସମସ୍ତ ଅଠର ଜଣ ଛାତ୍ରଛାତ୍ରୀ ମାନଙ୍କ ଉପସ୍ଥାନ ଦେଖାଇ ମଧାହ୍ନ ଭୋଜନ ହଡପ କରୁଥିବା ବେଳେ ଆଜି ପର୍ଯ୍ୟନ୍ତ କୌଣସି ଦିନ ଛାତ୍ରଛାତ୍ରୀ ମାନଙ୍କୁ ମଧାହ୍ନ ଭୋଜରେ ଅଣ୍ଡା ଦେଉନଥିବା ଓ ଅଣ୍ଡା ବଦଳରେ ବିସ୍କୁଟ ଦେଉଥିବା ଏବଂ ନିମ୍ନ ମାନର ମଧାହ୍ନ ଭୋଜନ ଦେଉଥିବା ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ସମ୍ମୁଖରେ ଅଭିଯୋଗ କରିଛନ୍ତ। ବିଦ୍ୟାଳୟ ର ପରିବେଶ ଏତେ କଦର୍ଯ୍ୟଜେ କହିଲେ ନସରେ । ଦେଖିଲାପରେ ମନେ ହୁଏ ବିଦ୍ୟାଳୟ ସ୍ଥାପିତ ହୋଇଥିବା ଦିନଠୁଁ ଏଯାଏ ବିଦ୍ୟାଳୟ କୁ ସଫା ସୁତୁରା ବା ଝାଡୁ ମରାହୋଇନଥିବ ଭଳି ମନେ ହୁଏ କାହିଁକିନା ବିଦ୍ୟାଳୟ ରେ ଅଳିଆ ଆବର୍ଜନା ପରିପୂର୍ଣ ହୋଇ ରହିଛି । ତାହାଠୁ ଅତି ଦୁଃଖର ବିଷୟ ସରକାର ଛାତ୍ରଛାତ୍ରୀ ଙ୍କୁ ବିଦ୍ୟାଳୟ ରୁ ବାହାରକୁ ନଯିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ରେ ଶୌଚାଳୟ ଗୁଡିକ ତିଆରି କରାଇଛନ୍ତି ହେଲେ ଏହି ବିଦ୍ୟାଳୟ ର କୌଣସି ଶୌଚାଳୟ ବ୍ୟବହାରକୁ ଆସୁନଥିବା ବେଳେ କୁନି କୁନି ଛାତ୍ରଛାତ୍ରୀ ମାନେ ବାଧ ହୋଇ ବାହାରକୁ ଶୌଚ କରିବାକୁ ଯାଉଥିବା ଦେଖିବାକୁ ମିଳିଛି । ଓଡିଶା ସରକାରଙ୍କ ଶିକ୍ଷବିଭାଗ ର ୨୦୨୧/୨୨ ମସିହା ନିୟମ ଅନୁଯାଇ କୌଣସି ବିଦ୍ୟାଳୟ ରେ କୋଡିଏ ଜଣ ଛାତ୍ରଛାତ୍ରୀ ରୁ କମ ଥିଲେ ସରକାରଙ୍କ ନିୟମ ଅନୁଯାଇ ସେଇ ବିଦ୍ୟାଳୟ ବନ୍ଦ ହେବା କଥା ହେଲେ ଖଡ଼ିଆଳ ଗୋଷ୍ଠୀ ଶିକ୍ଷ୍ୟା ଅଧିକାରୀଙ୍କ ଅଧୀନରେ ଥିବା ତାରାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ରେ ଦୀର୍ଘ ବର୍ଷରୁ କୋଡିଏ ରୁ କମ ଜଣ ଛାତ୍ରଛାତ୍ରୀ ଥିଲେହେଁ ବିଦ୍ୟାଳୟ ଆଜି ଯାଏଁ ଚାଲିଛି । ଏହା ଛଡା ସରକାରଙ୍କ ଶିକ୍ଷା ବିଭାଗର ନିୟମ ଅନୁଯାଇ ତିରିଶି ଜଣ ଛାତ୍ରଛାତ୍ରୀ ଙ୍କୁ ଜଣେ ଶିକ୍ଷକ ନିଯୁକ୍ତି କରିବାର ନିୟମ ଥିବା ବେଳେ ସେହି ନିୟମକୁ ଖୋଲାଖୋଲି ଭାବେଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହା ସ୍ୱାର୍ଥରେ ତରାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅଠର ଜଣ ଛାତ୍ରଛାତ୍ରୀ ଙ୍କୁ ତିନି ଜଣ ଶିକ୍ଷକ ନିଯୁକ୍ତି କରିଛନ୍ତି ତାହା ଏବେ ପ୍ରଶ୍ନ ବାଚି ସୃଷ୍ଟି କରିଛି । ଏଥି ପ୍ରତି ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାସହ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି ।

# କୋଟିଏରୁ ଉର୍ଦ୍ଧ ଟଙ୍କାର ସ୍ୱାସ୍ଥ୍ୟକେନ୍ଦ୍ର ଘର ରାତିରେ ପଡିଲା ଛାତ

ଦାନଗଦୀ : (ମହାଭାରତ) ସରକାରୀ କାମ ଗୁଡିକୁ ଯାଜପୁର ଜିଲ୍ଲା ଦାନଗଦି ବ୍ଲକରେ ଅଧିକାଂଶ ଠିକାଦାର ବିନା ସୂଚନା ଫଳକରେ ଓ ନିମ୍ନ ମାନର କରିବାର ଏବେ ବହୁତ ବିଦ୍ୟାଳୟ ଓ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ଦେଖିବାକୁ ମିଳୁଛି। ଏପରି ଏକ କାମ ଦାନଗଦି ବ୍ଲକ ଅନ୍ତର୍ଗତ ରଣାଗୁଣ୍ଡି ପଞ୍ଚାୟତର ବାରଖାଇ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ହେଉଥିବା ଦେଖିବାକୁ ମିଳିଛି, ଏହି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ନିର୍ମାଣଧୀନ ନୂଆ ସ୍ୱାସ୍ଥ୍ୟ କେନ୍ଦ୍ର କୋଠାଘର ରେ ରାତିରେ ଛାତ ପଡିଛି , ରାତିରେ ଯନ୍ତ୍ରୀଙ୍କ ଅନୁପସ୍ଥିତ ରେ ଲେଇ କାମ କାହିଁକି ତରବରିଆ ଭାବେ ହେଉଛି ତାହା ସାଧାରଣରେ ଅଭିଯୋଗ ହେଉଛି। ଫିଲିଙ୍ଗରେ ତଳେ ମାଟି ଦେଇ ଉପରେ ଅଳ୍ପ ବାଲି ଦେଇ ନିମ୍ନ ମାନର କାମ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ବିଲଡିଙ୍ଗ କାମରେ ନିମ୍ନ ମାନର ସିମେ□ ଓ ଚିପ୍ସ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି, ତେଣୁ ଏକ କୋଟିରୁ ଉର୍ଦ୍ଧ ଟଙ୍କା ର କାମ ହାତେଇ ଥିବା ଠିକାଦାର ପଲ୍ଲୀ ଅଞ୍ଚଳରେ କାମ ହୋଇଥିବାରୁ ମନମୁଖୀ କାମ କରୁଥିବା ଅଭିଯୋଗ ଗ୍ରାମବାସୀ କରିଛନ୍ତି। ସେହିପରି ଜିଲ୍ଲା ଖଣିଜ ପାଣ୍ଠିରୁ ବ୍ଲକରେ ଥିବା ବିଭିଓ ପଞ୍ଚାୟତରେ ନିର୍ମାଣ ଚାଲୁଥିବା ସମସ୍ତ ବିଦ୍ୟାଳୟ ଗୃହ କାମ ଗୁଡିକ ନିମ୍ନ ମାନର ହେଉଥିବା ବହୁତ ପଞ୍ଚାୟତରୁ ଅଭିଯୋଗ ହେଉଛି, ବ୍ଲକରେ ହେଉଥିବା କାମ ଗୁଡିକ ନିମ୍ନ ମାନର ହେଉଛି କାରଣ ପ୍ରଶାସନିକ ଅଫିସର ଓ ଠିକାଦାର ସିଂହ ଭାଗ ଟଙ୍କା ଖାଇ ନିମ୍ନ ମାନର କାମ କରୁଛନ୍ତି ।ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।

# ଇଫକୋ ରେ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ ଉଦଯାପିତ



ପାରାଦୀପ(ମହାଭାରତ) ଇଫକୋ ପାରାଦ୍ୱୀପ ୟୁନିଟ ରେ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ ମହା ସମାରୋହରେ ସୋମବାର ଦିନ ଉଦଯାପିତ ହୋଇଯାଇଛି । ଏହି ଉଦଯାପନୀ ସମାରୋହରେ ଇଫକୋ ପାରାଦ୍ୱୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର ଓ ଅଗ୍ନି ସୁରକ୍ଷା ବିଭାଗ ମୁଖ୍ୟ ଆର.କେ.ସ୍ୱାଇଁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥଲେ । ଏହି ଉଦଯାପନୀ ସମାରୋହ ରେ ପ୍ଲା□ ଓ ଟାଉନସିପ ରେ ସପ୍ତାହ ବ୍ୟାପି ସୁରକ୍ଷା ସମ୍ବନ୍ଧୀୟ ବିଭିଓ କାର୍ଯ୍ୟକଳାପ ର ପ୍ରତିଫଳନ ହୋଇଥିଲା । ଏଥିରେ ପ୍ଲାଣ୍ଟ ଓ ଟାଉନସିପ ରେ ବିଭିଓ ପ୍ରେରଣାଦାୟୀ ସଚେତନତା କାର୍ଯ୍ୟକ୍ରମ ସମେତ ସୁରକ୍ଷା ସମ୍ବନ୍ଧୀୟ ଚିତ୍ରାଙ୍କନ, ସ୍ଲୋଗାନ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ନେଇ ଇଫକୋ ପାରାଦ୍ୱୀପ ୟୁନିଟ ଲୋକ ସମ୍ପର୍କ ଅଧିକାରୀ ପ୍ରସଓ କୁମାର ବେଉରା ଙ୍କ ଠାରୁ ପ୍ରକାଶ ।

# ଠାକୁରମୁଣ୍ଡା ବିଛାଖଣି ଠାରେ 'ମାଗେ ପରବ' ଉତ୍ସବ ୨୦୨୫ ଅନୁଷ୍ଠିତୟ

କରଞ୍ଜିଆ, (ମହାଭାରତ) ମାଘ ମାସ ଆସିଲେ ଗାଁ ଗାଁ ରେ ଲାଗିଥାଏ ଉତ୍ସବ ,ଯାନୀ ଯାତରା, ଲୋକେ ନିଜର ଦୁଃଖ ଭୁଲି ପର୍ବ ପର୍ବାଣୀରେ ନିଜକୁ ସାମିଲ କରିଥାନ୍ତି ।ସେମିତି ଏକ ହୋ ସମ୍ପ୍ରଦାୟର ପର୍ବ ହେଉଛି ମାଗେ ପରବ । ମାଘ ଆସିବାରୁ ଏବେ ପାରମ୍ପାରିକ ପର୍ବରେ ମସଗୁଲ । ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବଜାର ବିଛାଖଣି ଠାରେ ହୋ ସମାଜ କୁମାର ଆକାଳା , ବିର ବିର୍ସାମୁଣ୍ଡା ହୋ ଛାତ୍ର ସଂଗଠନ ଠାକୁରମୁଣ୍ଡା ପକ୍ଷରୁ ଆଦିବାସୀ ଭାଇ ଭଉଣୀ ମାନେ ପାଳନ କରୁଛନ୍ତି ମାଗେ ପରବ ଉତ୍ସବ ୨୦୨୫। ପ୍ରତେକ ସମ୍ପ୍ରଦାୟ ର ରହିଛି ଅଲଗା ଅଲଗା ସଂସ୍କୃତି ଏବଂ ପରମ୍ପରା । ହୋ ସମ୍ପ୍ରଦାୟର ଆଦିବାସୀମାନେ ଏଇ ମାଘ ମାସକୁ ସମସ୍ତେ ଅପେକ୍ଷା କରିଥାନ୍ତି ଯ ସେମିତି ଏକ ପର୍ବ ହେଉଛି ହୋ ସମ୍ପ୍ରଦାୟ ର ମାଗେ ପର୍ବୟ ପର୍ବ ଆରମ୍ଭ ହେବା କ୍ଷଣି ଘର ଘରକୁ ବନ୍ଧୁ ବାନ୍ଧବ ଆସିଥାନ୍ତି । ସାରା ଦୁନିଆ ପାଶ୍ଚାତ ସଭ୍ୟତା ପଛରେ ପଡି ଥିବା ବେଳେ ଆଦିବାସୀ ମାନେ ଏବେବି ପରମ୍ପରାକୁ ଭୁଲି ନାହାନ୍ତି । ଏହି ମାଗେ ପରବ୍ ପାଇଁ ବିଭିଓ ଆଦିବାସୀ ଗାଁ ଗୁଡ଼ିକ ଏବେ ଉତ୍ସବ ମୁଖର ହୋଇପଡିଛି। ଠାକୁରମୁଣ୍ଡା ରେ ଚାଲିଥିବା ଦୁଇଦିନିଆ ପର୍ବ ଦିନବେଳୁ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା।



# ଜନସାଧାରଣ ଙ୍କ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ପାଇଁ ଜଟାଧାର ଥାନା ଅଧିକାରିଣୀ ଙ୍କ ଉଦ୍ୟମ କୁ ସାଧାରଣରେ ପ୍ରଶଂସା

ପାରାଦୀପ(ମହାଭାରତ) ପୋଲିସ ଓ ଜନସାଧାରଣ ଙ୍କ ମଧରେ ସୁସମ୍ପର୍କ ସ୍ଥାପନ କରିବା ଓ ଲୋକ ଙ୍କ ମଧରେ ପୋଲିସ ପ୍ରତି ରହିଥିବା ଭୟକୁ ଦୁରକରିବା ପାଇଁ ପାରାଦୀପ ଜଟାଧାର ମୁହାଣ ସାମୁଦ୍ରିକ ଥାନା ତରଫରୁ ଆରମ୍ଭ ହୋଇଛି ନିଆରା ପ୍ରୟାସ । ପାରାଦୀପ ଷଣ୍ଢକୁଦ ବସ୍ତିରେ କୋଷ୍ଟାଲ କମ୍ୟୁନିଟି ଫେଷ୍ଟିଭାଲ କାର୍ଯ୍ୟକ୍ରମ ରେ ତିନିଗୋଟି ୱାର୍ଡର ମହିଳା, ଛୋଟ ଛୋଟ ପିଲା ଓ ବୟସ୍କ ଲୋକ ମାନଙ୍କୁ ଏକାଠି କରି ମହିଳା ମାନଙ୍କ ମଧରେ ମ୍ୟୁଜିକ ଚେୟାର,ଛୋଟଛୋଟ ପିଲାମାନଙ୍କ ମଧରେ ନୃତ୍ୟ, ଗୀତ ପ୍ରତିଯୋଗିତା କରି ବସ୍ତି ବାସିନ୍ଦା ଙ୍କ ପ୍ରିୟପାତ୍ର ପାଲଟିଛନ୍ତି ନୂତନ ଥାନା ଅଧିକାରିଣୀ କଲ୍ୟାଣୀ ମୟୀ ଷେଣ୍ଢ । ବସ୍ତିରେ ବସବାସ କରୁଥିବା ସାଧାରଣ ଜନତା ଙ୍କ ମଧରେ କିପରି ପୋଲିସ ପ୍ରତି ଭୟ ଦୂର



କରିବା, କମ ବୟସର ଯୁବକ ମାନେ ଯେଭଳି ଅପରାଧ କାର୍ଯ୍ୟକଳାପରୁ ନିବୃ□ ରହିବେ ଏବଂ ବିଶେଷକରି ଯୁବଗୋଷ୍ଠୀ ମାନେ ନିଶାସେବନ ରୁ ଦୁରେଇ ରହିବା ଏହି କାର୍ଯ୍ୟକ୍ରମ ଜରିଆରେ ଜନସାଧାରଣ ଙ୍କ ମଧରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ ବୋଲି କହିଛନ୍ତି ଥାନା ଅଧିକାରିଣୀ । ତେବେ ଘର ଭିତରେ ରହି ପରିବାର ଜଞ୍ଜାଳ ମଧରେ ଦିନ କାଟୁଥିବା ମହିଳାମାନେ କିପରି ଘରୁ ବାହାର କୁ ଆସିବା ସହିତ ସମସ୍ତଙ୍କ ମଧରେ ସୁସମ୍ପର୍କ ସ୍ଥାପନ କରିବା ଏବଂ କିଛି ମନୋରଞ୍ଜନ କାର୍ଯ୍ୟକ୍ରମ ମାଧମରେ ସେମାନେ ନିଜକୁ ସୁସ୍ଥ ରଖିବା କୋଷ୍ଟାଲ କମ୍ୟୁନିଟି ଫେଷ୍ଟିଭାଲ ର ମୂଳ ଉଦ୍ଦେଶ୍ୟ ରହିଥିବା ବେଳେ ଜଟାଧାର ସାମୁଦ୍ରିକ ଥାନା ଅଧିକାରିଣୀ ଙ୍କ ଏହି କାର୍ଯ୍ୟକୁ ଷଣ୍ଢକୁଦ ବସ୍ତିବାସିନ୍ଦା ଓ ସମସ୍ତ ପାରିଷଦ ମାନେ ସ୍ୱାଗତ କରିବା ସହିତ ସମସ୍ତେ ମିଳିମିଶି ଅପରାଧ କୁ ରୋକିବା ଏବଂ ପୋଲିସ ର ବିଭିଓ କାର୍ଯ୍ୟରେ ସହଯୋଗ ର ହାତ ବଢାଇବା ସହିତ ଥାନା ର ସମସ୍ତ ପୋଲିସ କର୍ମଚାରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ତେବେ ବସ୍ତି ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ କୁ କିପରି ରୋକା ଯାଇପାରିବ ସେଥିନେଇ ଥାନା ଅଧିକାରିଣୀ ସମସ୍ତ ଙ୍କୁ ସଚେତନ କରିଥିଲେ ଏବଂ ଏହି ମହତ ଉଦ୍ଦେଶ୍ୟ କୁ ସବୁ ମହଲ ରୁ ସ୍ୱାଗତ କରାଯାଇଛି ।

# ବୃନ୍ଦରାଜା ବିଦ୍ୟାଳୟରେ ସମ୍ବର୍ଦ୍ଧନା ଓ ବନ୍ଧୁମିଳନ କାର୍ଯ୍ୟକ୍ରମ

ଦାନଗଦି: (ମହାଭାରତ)ଦାନଗଦି ବୃନ୍ଦରାଜା ବିଦ୍ୟାଳୟ ପରିସରରେ ମଣ୍ଡଳ କ୍ରୀଡା ସଂଗଠନ ତରଫରୁ ଏକ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି ।ଏହି ସଭାରେ ବିଭିଓ ବ୍ଲକର ବହୁତ କ୍ରୀଡା ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ସମେତ ୧୦ଗୋଟି ବ୍ଲକର କ୍ରୀଡାର ନୋଡାଲ ସେକ୍ରେଟାରୀ ଗଣଯୋଗ ଦେଇଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ, ଜିଲ୍ଲା ଶାରୀରିକ ନିରୀକ୍ଷକ ଶମ୍ଭୁନାଥ ଦାସ,ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଜୟ ନାରାୟଣ ଜେନା,ପଲ୍ଲୀଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ସାହୁ ପ୍ରମୁଖ ସଂମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୃନ୍ଦରାଜ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ।

# ପ୍ରଥମ ଚୟତୁ ମାଝୀ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ

ରାଜଗାଙ୍ଗପୁର(ମହାଭାରତ):ଆଜି ଅନୁଷ୍ଠିତ ଦୁଇଟି ସେମି ଫାଇନାଲରେ ତେତେରକେଲା ଏବଂ ଲାଠୁପଡା କୁ ହରାଇ ଗର୍ଭଣା ଓ ଅଲଣ୍ଡା ଫାଇନାଲକୁ ଉତ୍ତିତ ହୋଇଥିଲେ । ଫାଇନାଲ ମ୍ୟାଚରେ ଗର୍ଭଣା ଏବଂ ଅଲଣ୍ଡା ପରସ୍ପର କୁ ଭେଟି ଥିଲେୟ ଏହି ସଂଘର୍ଷ ପୂର୍ଣ ମ୍ୟାଚରେ ଉଭୟ ପକ୍ଷ ପରସ୍ପର ବିରୁଦ୍ଧରେ ଗୋଟିଏ ଗୋଟିଏ ଗୋଲ କରିବାରୁ ମ୍ୟାଚଟି ଡ୍ର ହୋଇଥିଲା । ଶେଷରେ ପେନାଲଟି ଶୁଟ ଆଉଟ ରେ ଅଲଣ୍ଡା ଚମ୍ପିୟାନ ହୋଇଥିଲା । ଏହି ମ୍ୟାଚରେ ରେଫରି ଭାବେ ରାଜା ବାଗ ଓ ଲାଇନ ମ୍ୟାନ ଭାବରେ ଗଙ୍ଗା ଲାକ୍ରା , ପ୍ରକାଶ ମିଞ୍ଜ ପରିଚାଳନା କରିଥିଲେ । ଆଜିର ଫାଇନାଲ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେପିର ବରିଷ୍ଠ ନେତା ରଞ୍ଜନ ପଟେଲ ସମେତ ସମ୍ମନିତ ଅତିଥି ଭାବରେ ସ୍ୱର୍ଗୀୟ ଚୟତୁ ମାଝୀଙ୍କ ଧର୍ମପତ୍ନୀ ସୁପ୍ରଭା ମାଝୀ , ବଡ଼ଗାଁ ବ୍ଲକ ସଭାପତି ଅକ୍ଷୟ ଦେଓ, ରାଜଗାଙ୍ଗପୁର ବରିଷ୍ଠ ବିଜେପି ନେତା କୁଳଦୀପ ସିଂ , ରାଜଗାଙ୍ଗପୁର ଝରଝରା ମୋହସ୍ତ ର ସମ୍ପାଦକ ଅଶୋକ ଦାଶ , ବଡ଼ଗାଁ ର ଉପାଧ୍ୟାୟ ପାଣିଗ୍ରାହୀ , ରାଜଗାଙ୍ଗପୁର ପୌରପାଳିକା ଉପାଧକ୍ଷ ମହମ୍ମଦ ଇରଫାନ , କୁକୁଡ଼ା ଲେମ୍ପ ର ସଭାପତି ବସନ୍ତ ଟପ୍ପୋ , ରାଷ୍ଟ୍ରୀୟ ବିଦ୍ୟାଳୟର ଅବସରପ୍ରାପ୍ତ ଖେଳ ଶିକ୍ଷକ ପ୍ରଫୁଲ ନାୟକ, ମହମ୍ମଦ ମୋବିନ , ୱାର୍ଡ ୧୮ କାଉନସିଲର ସୁମିତ୍ରା ବାର୍ଲା , ହୀରଦିଆ ସିଂ ସମେତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଖେଳାଳୀ ଙ୍କୁ ଉତ୍ସାହିତ କରିଥିଲେ।

# ମହିଳା ମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନା କୁ ବିରୋଧକରି ଭଞ୍ଜନଗର ଗର୍ଜିଲା ଆସିକା କଂଗ୍ରେସ



ଆସିକା (ମହାଭାରତ): ରାଜ୍ୟରେ ମହିଳା ମାନେ ଅସୁରକ୍ଷିତ। ରାଜ୍ୟ ସରକାର ମହିଳା ଙ୍କ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ କରିଛି କଂଗ୍ରେସ । ରାଜ୍ୟରେ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ବିରୋଧ କରି ରାଜରାସ୍ତା କୁ ଓଲହାଇଛି ଜାତୀୟ କଂଗ୍ରେସ । ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶ କ୍ରମେ ଆଜି ରାଜ୍ୟ ସାରା ପ୍ରତିବାଦ କରାଯାଇଥିବା ବେଳେ ଗଞ୍ଜାମ ଜିଲ୍ଲା ପଶ୍ଚିମ ଭାଗ କଂଗ୍ରେସ ସଭାପତି ରବୀନ୍ଦ୍ର ନାଥ ଶର୍ମା ଙ୍କ ନେତୃତ୍ୱରେ ମଧ ପ୍ରତିବାଦ କରାଯାଇଛି । ହଜାର ହଜାର କଂଗ୍ରେସ ର ମହିଳା, ପୁରୁଷ କଂଗ୍ରେସ କର୍ମୀ ମାନେ ହାତରେ ଫ୍ଲାଗକାର୍ଡ ଓ ନାରାଦେଇ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ଏବଂ ପ୍ରତିବାଦ ପ୍ରଦର୍ଶନ କରିବା ସହ ରାଜ୍ୟପାଳ ଙ୍କ ଉଦେଶ୍ୟରେ ଏକ ସ୍ମାରକୀ ପତ୍ର ଉପଜିଲ୍ଲାପାଳ ଙ୍କୁ ପ୍ରଦାନ କରିଛନ୍ତି । ଏହି ପ୍ରତିବାଦ ଶୋଭାଯାତ୍ରା ରେ ଆସିକା ଲୋକସଭା ପ୍ରାର୍ଥୀ ଦେବକାନ୍ତ ଶର୍ମା, ନାରୀ ନେତ୍ରୀ ସୂଦୀପ୍ତା ଦାସ,ଆସିକା ପୂର୍ବତନ ବିଧାୟିକା ପ୍ରାର୍ଥୀନୀ ସୁରଭି ବିଷୋୟୀ, କବିସୂର୍ଯ୍ୟନଗର ପୂର୍ବତନ ବିଧାୟକ ପ୍ରାର୍ଥୀ ସଞ୍ଜୟ ମଣ୍ଡଳ,ହିଞ୍ଜିଳିକାଟୁ ପୂର୍ବତନ ବିଧାୟକ ପ୍ରାର୍ଥୀ ରଜନୀ କାନ୍ତ ପାଢ଼ୀ ଙ୍କ ସମେତ ବହୁ ନିର୍ବାଚନ ମଣ୍ଡଳୀର ଆଗଧାଡିର ନେତା କର୍ମୀ ମାନେ ସାମିଲ ହୋଇଥିବା ବେଳେ ମହିଳା ନେତ୍ରୀ ସୂଦୀପ୍ତା ଦାସ ଓ ସୁରଭି ବିଷୋୟୀ ମହିଳା ମାନଙ୍କୁ ନେଇ ପ୍ରତିବାଦ ଜୋରଦାର କରିଥିଲେ।

# ଧୁମାଭଟା ବ୍ଲକ ମାନ୍ୟତା ନେଇ ରଣ ହୁଙ୍କାର ଦେଲେ ଧୁମାଭଟା ଅଞ୍ଚଳ ବାସୀ

ପାଟଣାଗଡ଼ ( ମହାଭାରତ ) ବେଳପଡା ବ୍ଲକ ଧୁମାଭଟା ଗ୍ରାମର ଠାରେ ବ୍ଲକ ମାନ୍ୟତା ଦାବୀ ନେଇ ଏକ ବୈଠକ ହୋଇଥିଲା, ଏହି ବୈଠକ ରେ ଅଞ୍ଚଳ ଆଖ ପାଖ ର ଶତାଧିକ ମହିଳା ଯୋଗ ଦେଇଥିଲା, ଆଖ ପାଖ ଅଞ୍ଚଳ ସମସ୍ତ ପଞ୍ଚାୟତ ମାନେ ସମର୍ଥନ ଦେଇଛନ୍ତି ଧୁମାଭଟା ଗ୍ରାମପଞ୍ଚାୟତ ନିଶ୍ଚିତ ହେବାର ଯୋଗ୍ୟ ବଦ୍ଧିଜୀବି ମାନେ କହିଛନ୍ତି, ଆଗାମୀ ଦିନ ରେ ବଲାଙ୍ଗୀର ଜିଲ୍ଲାପାଳ ଅଫିସ ଘୋର କରି ଜିଲ୍ଲାପାଳ ଙ୍କର ଜରିଆରେ ମୁଖ୍ୟମନ୍ତ୍ରୀ ଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଜିବ, ଧୁମାଭଟା ବ୍ଲକ କୁ ସମର୍ଥନ କରୁଥିବା ଗାଁ ଗାଁର ପୋଷ୍ଟର ବେନର କଲର ପ୍ରିଣ୍ଟ ଲେଖା ଯିବା ପାଇଁ ବୈଠକ ପ୍ରସ୍ତାବ କରାଗଲା, ଏହି ବୈଠକ ରେ ଯୋଗଦେଇଥିଲେ ଗିତାଞ୍ଜଲି ସାହୁ,ରୁବି ରଣା,ସରପଞ୍ଚ ବନମାଳି ନାଏକ, ଚନ୍ଦ୍ରକାନ୍ତି ବୁଡେକ କମଳ ନାଏକ, ରମେଶ ବୁଡେକ, ଡଲ ବୁଡେକ, ଗୋଲ୍ଲାଇ ନାଏକ, ଜୟନ୍ତି ଠାକୁର, ହେମ ବୁଡେକ,ବିଶାଖା ବୁଡେକ,ସୁଶାନ୍ତ ସାହୁ, ଦୁଃଖଶ୍ୟାମ ବୁଡେକ,ନନ୍ଦିନୀ ଭିତରିଆ,ଗୁରୁବାରୀ ମାଝି ଜୟ କୁମାରୀ ବୁଡେକ,ଦମୟନ୍ତି ବୁଡେକ,ଫଟୁ ସୁନା,କାନ୍ତ ନାଏକ,ସୁକାନ୍ତି ବୁଡେକ, ରୂପକାନ୍ତି ବର୍ଗେ ଏହି ସମସ୍ତେ ସାମିଲ ହୋଇଥିଲେ।



## ନୂତନ ଆଇନ ପ୍ରଣୟନ ଓ ଏହାର କାର୍ଯ୍ୟକାରିତା ଉପରେ ସଚେତନତା ଶିବିର

ଆସିକା(ମହାଭାରତ): ବର୍ତ୍ତମାନ ରାଜ୍ୟରେ ନୂତନ ଆଇନ ପ୍ରଣୟନ ହୋଇଛି। ଏହାର କାର୍ଯ୍ୟକାରିତା କିପରି କରାଯିବା ଓ ଜନସାଧାରଣ କିପରି ଏହାର ଫାଇଦା ଉଠାଇପାରିବେ ସେ ସମ୍ପର୍କରେ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ କୁମାର ଜେନା ଙ୍କ ନିର୍ଦ୍ଦେଶ କ୍ରମେ ଆସିକା ଥାନା ଇଲାକାରେ ସଚେତନତା ଶିବିର ଅନୁଷ୍ଠିତ ହେଉଛି। ଏହି କ୍ରମରେ ନଳବନ୍ତା ପଞ୍ଚାୟତଓ ଆସିକା ନିରଞ୍ଜନ ମହିଳା ମହାବିଦ୍ୟାଳୟ ଠାରେ ଆସିକା ଥାନା ଏସ ଆଇ ଅମ୍ବିକା ବେଣିଆ ଙ୍କ ସଂଯୋଜନା ରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି।ଏହି ଶିବିରରେ ବର୍ତ୍ତମାନ ପ୍ରଣିତ ପ୍ରମୁଖ ନୂତନ ଆଇନ,ଇ ଏଫ ଆଇ ଆର,ଶୂନ୍ୟ ଏଫ ଆଇ ଆର,ସାଇବର ଅପରାଧ ଉପରେ ବିସଦ ଭାବେ ଆଲୋଚନା କରି ଉପସ୍ଥିତ ଜନସାଧାରଣ ଙ୍କୁ ଅବଗତ କରାଯାଇଛି।ଏହି ଶିବିରରେ ଆସିକା ଥାନା ଭାରପ୍ରାପ୍ତ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ,ମହାବିଦ୍ୟାଳୟ ଅଧକ୍ଷ, ଅଧାପକ, ଆସିକା ଥାନା ଏସ ଆଇ ହେମନ୍ତ ପାତ୍ର, ଏ ଏସ ଆଇ ସୁଭାଶିଷ ସ୍ୱାଇଁ, ଜୋନ ଶବର,ପୁରୁଷୋତ୍ତମ ମାଝୀ,ବସନ୍ତ ବେହେରାଙ୍କ ସମେତ ମହାବିଦ୍ୟାଳୟ ର ଛାତ୍ରୀ ଅଞ୍ଚଳ ବାସୀଙ୍କ ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ।

## ଅଙ୍କୁର୍ଦାରେ ଶିବ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ଗଁଦିଆ,(ମହାଭାରତ) : ଗଁଦିଆ ବ୍ଲକ ଅଙ୍କୁର୍ଦା ଗ୍ରାମ ଠାରେ ନବର୍ନିମିତ ଶିବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଆରମ୍ଭ ହୋଇଛି । ଏହି ଅବସରରେ ମଣ୍ଡଳଦିକରଣ,ଅଙ୍କୁର ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରବିବାରେ କଳସ ଶୋଭାଯାତ୍ରା, ଘଟସ୍ଥାପନ, ଧନ୍ୟକ୍ଷଧିବାସ ଓ ଅଧିବାସ କର୍ମ ଅନୁଷ୍ଠିତ ହୋଇଛି । ପଣ୍ଡିତ ମାନଙ୍କଦ୍ୱାର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଓହୋମଯଜ୍ଞ ଅନୁଷ୍ଠିତ ହୋଇଛି । ଯଜ୍ଞ କର୍ତ୍ତା ଭାବେ ସର୍ବେଶ୍ୱର ସ୍ୱାଇଁ ଓ ତାଙ୍କ ସହଧର୍ମିଣୀ ଦାୟିତ୍ୱ ନିର୍ବାହ କରିଛନ୍ତି । ଦ୍ୱିତୀୟ ଦିବସ ରେ ଅନୁଷ୍ଠିତ ଆଧାତ୍ମିକ ଓ ସାଂସ୍କୃତିକ ଉତ୍ସବ କୁ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ବିଭଗୀୟ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ମନ୍ଦିର ଟ୍ରଷ୍ଟ ର ସଭାପତି ଲୋକନାଥ ସ୍ୱାଇଁ, ସମ୍ପାଦକ ମନୋଜ ସ୍ୱାଇଁ ଙ୍କ ତତ୍ୱାବଧନ ରେ କାର୍ଯ୍ୟକ୍ରମ ପରିଚାଳନା ହେଉଥିବା ବେଳେ ଅଙ୍କୁର୍ଦା ଓ ବଙ୍ଗୋଲ ଗ୍ରମବାସୀ ସହଯୋଗ କରୁଛନ୍ତି । ହଜାର ହଜାର ଶ୍ରଦ୍ଧାଳୁ କାର୍ଯ୍ୟକ୍ରମ ରେ ଯୋଗଦେଇ ପ୍ରଭୁ ଶ୍ରୀ ଶ୍ରୀ ଶିବଶଙ୍କର ଆଶ୍ରିବାର୍ଦ ଭିକ୍ଷା ଗ୍ରହଣ କରୁଛନ୍ତି ।

## ଷ୍ଟିଲସିଟି ପ୍ରେସ କ୍ଲବ ତରଫରୁ ବୃକ୍ଷ ରୋପଣ ଓ ପରିବେଶ କଲ୍ୟାଣ ଅଭିଯାନ



ଦାନଗଦି: (ମହାଭାରତ): ବୃକ୍ଷ ହିଁ ଜୀବନ ଗଛ ଟି ରୁ ଆମେ ସ୍ୱଚ୍ଛ ଅମ୍ଳଜାନ ଟିକେ ପାଇବା ସହ ବୃକ୍ଷ ଟିର ଭୂମିକା ପୃଥିବୀରେ ଅନ୍ୟତମ ଯାହାର ଶାଖା ପ୍ରଶାଖା ଠୁ ନେଇ ତାର ଡାଳ ପତ୍ର ଆମ ଦୈନ୍ୟ ଦିନ ଜୀବନରେ ମଣିଷ ର ଆସରା ସାଜିଥାଏ । ବୃକ୍ଷର ସାହାରାରେ ବ□ରହିଥାଏ ଏ ଜଗତ, ଷ୍ଟିଲ ସିଟି ପ୍ରେସ କ୍ଲବ ତରଫ ରୁ ଆଜି ଦାନଗଦି ବ୍ଲକ ଅନ୍ତର୍ଗତ ବାଲୁଙ୍ଗବନ୍ଧି ଗ୍ରାମର ବଗେଇ ଶିବ ମନ୍ଦିର ପୀଠରେ ପୂଜାପାଠ କରିବାସହ ମନ୍ଦିର ପରିସରରେ ଷ୍ଟିଲ ସିଟି ପ୍ରେସ କ୍ଲବ୍ ତରଫ ରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସହ ମନ୍ଦିର ଚତୁର୍ପାସ୍ ରେ ସଫେଇ କାର୍ଯ୍ୟକ୍ରମ ଷ୍ଟିଲ ସିଟି ପ୍ରେସ କ୍ଲବ୍ ତରଫୁ ଆୟୋଜନ କରାଯାଇଥିଲା, ଦାନଗଦି ବ୍ଲକର ମଙ୍ଗଳପୁର, ଜଖପୁରା ପଞ୍ଚାୟତର ସରପଞ୍ଚ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ । ଷ୍ଟିଲ ସିଟି ପ୍ରେସ କ୍ଲବ୍ ର ସଦସ୍ୟ ଶ୍ରୀକାନ୍ତ ମହାପାତ୍ର,ପଦ୍ମନାଭ ପହି,ତୁଷାର ରଞ୍ଜନ ସାହୁ,ଅଭିନଶ ମିଶ୍ର,ବିଜୟରସ୍ମି ତ୍ରିପାଠୀ,ମହେନ୍ଦ୍ର ନାଥ,ମୃତ୍ୟାଞ୍ଜୟ ଦେଓ,ରାକେଶ ରୋଷନ ଘଡ଼ାଇ,ଚି□ରଞ୍ଜନ ସାହୁ,ପ୍ରମୁଖଙ୍କ ଉପସ୍ଥିତିରେ ମନ୍ଦିର ପରିସର ସଫେଇ କାର୍ଯ୍ୟକ୍ରମ ସହ ୨୦ ରୁ ଉର୍ଦ୍ଧ ଚାରା ଲଗାଯାଇଛି, ଆମ୍ବ ,ବେଲ, ଓଉ, ପିଜୁଳି,ଆଦି ଅନେକ ଫଳନ୍ତି ଗଛ ଲଗାଯାଇଥିଲା, କଳିଙ୍ଗନଗର ଶିଳ୍ପାଞ୍ଚଳ ରେ ଦିନକୁ ଦିନ କାରଖାନା ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଗଛ କଟାଯାଇ କାରଖାନା ଗଢିଉଠିଛି, ରାସ୍ତା କଡର ଗଛ ମଧ ଲୋପ ପାଇବାକୁ ବସିଲାଣି । ଦିନ ଦ୍ୱିପ୍ରହରେ ଗଛ କାଟି ନେଇଯାଉଛନ୍ତି ଲୋକେ । ଖୁରୁଣ୍ଟି ଛକ ରୁ ମାନପୁର ଓଭର ବ୍ରିଜ ରାସ୍ତା କଡ଼ରେ ସହେମିଟର ଦୂରରେ ଅନେକ ଗଛ କାଟି ନେଲେଣି ଲୋକେ । ପ୍ରଥମେ ନିଆଁ ଲଗାଇ ଦେଉଥିବାବେଳେ ପରେ ଗଛ କାଟି ନେଇଯାଉଛନ୍ତି ଲୋକେ । ଏସବୁ କୁ ଦୃଷ୍ଟି ରେ ରଖିବା ଦାୟିତ୍ୱରେ ଥିବା ଅଧିକାରୀ ଙ୍କ ଦାୟି ହୀନତା ପାଇଁ ଅନେକ ଗଛ କାଟିନେଲେଣି ଲୋକେ, ସରକାରଙ୍କ ଯୋଜନାରୁ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ବୃକ୍ଷ ରୋପଣ ସହ ବୃକ୍ଷ ର ରକ୍ଷଣାବେକ୍ଷଣା ପାଇଁ ଆସୁଥିବା ବେଳେ ରକ୍ଷଣାବେକ୍ଷଣ ବଦଳରେ ଅସଂଖ୍ୟ ଗଛ କଟାଚାଲିଛି ଏହାର ବିଭାଗରେ ଥିବା ଅଧିକାରୀ କରୁଛନ୍ତି କଣ ? ଷ୍ଟିଲ ସିଟି ପ୍ରରେସ କ୍ଲବ୍ ର ଏହି ମହତ କାର୍ଯ୍ୟକୁ ଜଖପୁରା ଓ ମଙ୍ଗଳପୁର ସରପ□ ଧନ୍ୟବାଦ୍ ଜଣାଇବା ସହ ଷ୍ଟିଲ ସିଟି ପ୍ରେସ କ୍ଲବ୍ ର ଏହାଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ।

## ଜିଲ୍ଲାପାଳ ଙ୍କ ଅଭିଯୋଗ ଶୁଣାଣୀ ଶିବିର

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ପରିସରରେ ଜିଲ୍ଲାପାଳ ଙ୍କ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଛି। ଏହି ଅଭିଯୋଗ ଶୁଣାଣୀ ଶିବିର ପାଟଣା ବିଡିଓ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ କୁ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ଅତିରିକ୍ତ ଆରକ୍ଷକ ଅଧିକାରୀ ହରପ୍ରିୟା ନାଏକ,ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ କିଶୋର ଚନ୍ଦ୍ର ପୃଷ୍ଟି, ଜିଲ୍ଲା କାର୍ଯ୍ୟ ନିର୍ବାହୀ ଅଧିକାରୀ ବିପ୍ଲବ କୁମାର ନାଥ ଭୂଷଣ,ଜିଲ୍ଲା ଶ୍ରମ ଅଧିକାରୀ ସୁଚିସ୍ମିତା ପାଣିଗ୍ରାହୀ, ଜିଲ୍ଲା ଜଳ ବିଭାଜିକ ଅଧିକାରୀ ଅଶୋକ କୁମାର ସେନାପତି, ଡିଏସ୍ଏସ୍ଓ ବିପ୍ଳବ କେଶରୀ ସାମନ୍ତରାୟ,ଡିଡବ୍ଲୁଓ ପ୍ରବୀର ଦେଓ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ବରିହା, ଟ୍ରାଫିକ୍ ଅଧିକାରୀ ସୁକ୍ରାମ ସୋରେନ୍ ଙ୍କ ଉପସ୍ଥିତି ରେ ୭୬ଟି ଅଭିଯୋଗ ଶୁଣାଣୀ ହୋଇ ଛି । ଏଥି ମଧରେ ରାସନ କାର୍ଡ ରେ ନାଁ ଅନ୍ତରଭୁକ୍ତ କରିବା,ଆବାସ ଯୋଜନା,ପାଣି ସମସ୍ୟା,ଜଳ ସେଚନ ଭିତ୍ତିକ ଅଭିଯୋଗ ଶୁଣାଣୀ ହୋଇଛି।

# ନିର୍ମାଣଧୀନ ପିଚୁ ସଡ଼କ ରେ ଅନିୟମିତତା, ଆସିଲା ଅଭିଯୋଗ

ଅସ୍ତରଙ୍ଗ(ମହାଭାରତ): ଅସ୍ତରଙ୍ଗ ନୂଆଗଡ ପିଚୁ ସଡ଼କ ଏବେ ଗୋଡି ବାଲି ବ୍ୟତୀତ କିଛି ଦୃଶ୍ୟ ହେଉନାହିଁ, ଲକ୍ଷାଧିକ ଟଙ୍କା ର ପ୍ରକଳ୍ପ ଏବେ ଶୋଚନୀୟ ଅବସ୍ଥା ରେ, ପାଦରେ ଆଡେଇ ଦେଲେ ଧୂଳି ଗୋଡି ବାଲି ଭଳି ସବୁ ସଫା ହେଇଯାଉଛି ।ତାହେଲେ ଏହି କାର୍ଯ୍ୟ ପ୍ରଶାସନ ଦପ୍ତର କି ଅଣଦେଖା ରେ ହେଉଛି ତାହାକୁ ନେଇକି ଅଭିଯୋଗ ସାମ୍ନା କୁ ଆସିଛି,ଅନେକ ସ୍ଥାନରେ ଠିକାଦାର ଙ୍କ ମନମୁଖୀ କାମ ହେଉଥିବା ଅଭିଯୋଗ ମିଳୁଥିବା ବେଳେ ବିଭାଗୀୟ ଅଧିକାରୀ ମାନେ କୌଣସି ପ୍ରକାର ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେଉନାହାନ୍ତି, ସରକାର



ଙ୍କ ଲକ୍ଷ ଲକ୍ଷ ଟଙ୍କା ର ଅଟକଳ ଉତ୍ତ ସଡ଼କ ନିର୍ମାଣ ପାଇଁ ବ୍ୟୟବରାଦ ହେଉଛି ମାତ୍ର ଏହାକୁ କିପରି ଠିକାଦାର ଓ ବିଭାଗ ପରିଚାଳନା କରୁଛନ୍ତି ତାହା ସମ୍ପୂର୍ଣ୍ଣ ରୂପେ ସନ୍ଦେହ ଘେର କୁ ଆସିଥିବା ବେଳେ ଏବେ ନୂଆଗଡ ଅସ୍ତରଙ୍ଗ ପିଚୁ ରାସ୍ତା ନିର୍ମାଣ ର ବାସ୍ତବ ଦୃଶ୍ୟ ଓ ବିଭାଗ ର ମଧୁଚନ୍ଦ୍ରିକା ସାମ୍ନା କୁ ଆସିବାକୁ ଲାଗିଲାଣି, ଏହି ରାସ୍ତା କେନ୍ଦ୍ର ସ୍ଥାନ ରେ ମଞ୍ଜୁର ହୋଇଥିବା ମାପ ଅନୁସାରେ ପିଚୁ ନପକାଇ ଠିକା ସଂସ୍ଥା ବାଲି ଗୋଡି ଛିଞ୍ଚା ଭଳି ପକେଇ କାମ କରିଛନ୍ତି ବୋଲି ନୂଆଗଡ, ଝାଡଲିଙ୍ଗ ପଞ୍ଚାୟତ ର ଅନେକ ସାଧାରଣ ଲୋକ ଅଭିଯୋଗ ଆଣିଛନ୍ତି, ରାସ୍ତା ର ଉଭୟ ପାର୍ଶ୍ୱ ରୁ କେବଳ ଘାସ ସଫେଇ କରାଯାଇଛି, ୨ ପାର୍ଶ୍ୱ କୁ ଉଚ୍ଚ କରି କେନ୍ଦ୍ର ସ୍ଥାନ ରେ ଆବଶ୍ୟକୀୟ ରନ୍ଧା ପିଚୁ ନପକାଇ ତୁରନ୍ତ କାର୍ଯ୍ୟ ସାରି ବିଲ୍ କରିନେଇଯିବାକୁ ଠିକାସଂସ୍ଥା ଏହିଭଳି ପ୍ରୟାସ କରୁଛି ବୋଲି କିଛି ଗ୍ରାମବାସୀ କହିଛନ୍ତି। ରାସ୍ତା କାର୍ଯ୍ୟ ର ଫଳକ ନାହି, କି ରାସ୍ତା କାମ ରେ ଯାତ୍ରୀ ଙ୍କ ସୁରକ୍ଷା ପାଇଁ କୌଣସି ସୂଚନା ଲଗାଯାଇନାହି ଯାହାକି ଫଳରେ ଉଭୟ ପଞ୍ଚାୟତ ଲୋକ ରାତ୍ର ସମୟ ରେ ଯାତ୍ରା କରି ଦୁର୍ଘଟଣା ର ଶିକାର ହେଉଛନ୍ତି, ପାଖାପାଖି ୨୦ ରୁ ଉର୍ଦ୍ଧ ଲୋକ ଶୋଚନୀୟ ରାସ୍ତା କାମ ର ସମ୍ମୁଖୀନ ହୋଇ ଦୁର୍ଘଟଣା ର ଶିକାର ହେବା କଥା ଏବେ ସାମ୍ନା କୁ ଆସିଲା ପରେ ବି ବିଭାଗୀୟ ଯନ୍ତ୍ରୀ ଏ ବାବଦରେ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇନାହାନ୍ତି, ଏହି ଠିକା ସଂସ୍ଥା ର କାର୍ଯ୍ୟ ଉପରେ ଜନଅସନ୍ତୋଷ ବୃଦ୍ଧି ପାଇଥିବା ବେଳେ ଜିଲ୍ଲା ପ୍ରଶାସନ ଏହି କାର୍ଯ୍ୟ ଉପରେ ତୁରନ୍ତ ପଦକ୍ଷେପ ନେବା ସହିତ ସମସ୍ତ କାର୍ଯ୍ୟ କୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ସ୍ଥାନୀୟ ଲୋକ ଦାବୀ କରିଛନ୍ତି।

## ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ□ଉଦଯାପିତ ଶାସ୍ତ୍ରୀନଗର ୟୁଥ୍ କ୍ଲବକୁ ହରାଇ ଚମ୍ପୁଆ ଇରଫାନ ଏକାଦଶ ଚାମ୍ପିଅନ



ଯୋଡ଼ା,(ମହାଭାରତ) ଯୋଡ଼ା ପୌରପାଳିକା ଅନ୍ତର୍ଗତ ଟାଟାଷ୍ଟିଲ କେନ୍ଦ୍ରୀୟ ଖେଳ ପଡିଆରେ ଅନୁଷ୍ଠିତ ପ୍ରଥମ ସମର କପ୍ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେ□ ରବିବାର ଉଦଯାପିତ ହୋଇଯାଇଛି । ଯୋଡ଼ା ୟୁଥ୍ ଆସୋସିଏସନ୍ ଓ ଯୋଡ଼ା କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେ□ ଗତ ମାର୍ଚ୍ଚ ୪ ତାରିଖରୁ ଆରମ୍ଭ ହୋଇଥିବା ବେଳେ ରବିବାର ୯ ତାରିଖରେ ମହା ଆଡ଼ମ୍ବରର ସହ ଉଦଯାପିତ ହୋଇଥିଲା। ଟୁର୍ଣ୍ଣାମେ□ର ଫାଇନାଲ ମ୍ୟାଚ ଚମ୍ପୁଆ ଇରଫାନ ଏକାଦଶ ସହ ଯୋଡ଼ା ଶାସ୍ତ୍ରୀନଗର ୟୁଥ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଟସ ଜିତି ଶାସ୍ତ୍ରୀନଗର ୟୁଥ୍ କ୍ଲବ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ୱିକେଟ୍ ହରାଇ ୧୧୧ ରନ ସଂଗ୍ରହ କରିଥିଲା। ଜବାବରେ ଇରଫାନ ଏକାଦଶ ଶେଷ ଓଭରରେ ୧୧୨ ରନ ସଂଗ୍ରହ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ରୋମ□କପୂର୍ଣ୍ଣ ଏହି ଟୁର୍ଣ୍ଣାମେ□ରେ ଶତାଧିକ ଦର୍ଶକ ଉପସ୍ଥିତ ରହି ଖେଳ ପ୍ରଦର୍ଶନକୁ ଉପଭୋଗ କରିଥିଲେ। ଆୟୋଜିତ ଏହି ଟୁର୍ଣ୍ଣାମେ□ରେ ମୁଖ୍ୟଅତିଥି ରୂପେ ବଡବିଲ ଏସଡ଼ିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଟାଟାଷ୍ଟିଲ ମୁଖ୍ୟ ରାଜେଶ କୁମାର,ଯୋଡ଼ା ଟ୍ରକ୍ ମାଲିକ ସଂଘ ସମ୍ପାଦକ ସୁଶାନ୍ତ କୁମାର ବାରିକ,ଦୀପକ ଶତପଥୀ, ସାମ୍ବାଦିକ ରମେଶ ମହାପାତ୍ର ଓ ଆସିଫ ଅକବାଲ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ପିଙ୍ଗୁଆ ଚାମ୍ପିଅନ ଇରଫାନ ଏକାଦଶକୁ ନଗଦ ଏକ ଲକ୍ଷ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିବା ବେଳେ ରନର୍ସଅପ ଶାସ୍ତ୍ରୀନଗର ୟୁଥ୍ କ୍ଲବ୍ ଦଳକୁ ସମ୍ମାନୀତ ଅତିଥି ଶ୍ରୀ ରାଜେଶ କୁମାର ନଗଦ ୭୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ଏଥିସହିତ ମ୍ୟାନ ଅଫ ଦି ମ୍ୟାଚ୍, ମ୍ୟାନ ଅଫ ଦି ସିରିଜ, ବେଷ୍ଟ ବ୍ୟାଟସ ମ୍ୟାନ, ବେଷ୍ଟ ବୋଲର, ବେଷ୍ଟ ଫିଲ୍ଡର, ଶୃଙ୍ଖଳିତ ଦଳ ସହ ଅନ୍ୟ ପୁରସ୍କାର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ମ୍ୟାଚରେ ସୌମ୍ୟ ରଞ୍ଜନ ରଣା ଓ ସୁଶାନ୍ତ ପଣ୍ଡା ଅମ୍ପାୟର ଦାୟିତ୍ୱ ତୁଲାଇଥିବା ବେଳେ ଶିବୁ ବେହେରା, ମନୋଜ ପାତ୍ର ଓ ଅଜୟ ପାତ୍ର ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଅରବିନ୍ଦ ସିଂ ଦେଓ ଧାରାବିବରଣୀ ପ୍ରଦାନ କରିଥିଲେ। ଯୋଡ଼ା ୟୁଥ୍ ଆସୋସିଏସନ୍ ଓ ଯୋଡ଼ା କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଏହି ଟୁର୍ଣ୍ଣାମେ□ର ପରିଚାଳନା କରିଥିଲେ।

## ରାଇରଙ୍ଗପୁର ଠାରେ ଅନୁଷ୍ଠିତ ହେଲା ଉପଖଣ୍ଡ ସ୍ତରୀୟ ଯୁଗ୍ମ ଜନ ଶୁଣାଣି ଶିବିର ମୋଟ ୧୨୦ ଟି ଅଭିଯୋଗ ର ହେଲା ଶୁଣାଣି

ରାଇରଙ୍ଗପୁର(ମହାଭାରତ) :ଆଜି ବାମନଘାଟୀ ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁର ଠାରେ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ରେ ଏକ ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ବାମନଘାଟି ଉପ ଜିଲ୍ଲାପାଳ ଶ୍ରୀ ସୌମ୍ୟରଞ୍ଜନ ପ୍ରଧାନ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣଇ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଈଶ୍ୱର ଚନ୍ଦ୍ର ନାଏକ , ଉପଖଣ୍ଡ ଚିକିତ୍ସାଧିକାରୀ ଡାକ୍ତର ରବୀନ୍ଦ୍ର କୁମାର ମାର୍ଣ୍ଡି ଓ ଉପଖଣ୍ଡ ଆରକ୍ଷୀ ଅଧିକାରୀ, ରାଇରଙ୍ଗପୁର ଶ୍ରୀ ଗୋକୁଳାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ .ପ୍ରାରମ୍ଭ ରେ ଜିଲ୍ଲାପାଳ



ଉପସ୍ଥିତ ସମସ୍ତ ଅଧିକାରୀ ମାନଙ୍କୁ ସ୍ୱାଗତ କରିବା ସହ ଜନସାଧାରଣ ଙ୍କ ଠାରୁ ଆସୁଥିବା ଆପତ୍ତି ଅଭିଯୋଗ ଗୁଡିକର ସମାଧାନ ତ୍ୱରିତ ପ୍ରକ୍ରିୟା ରେ ସମ୍ପନ୍ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଆଜିର ଏହି ଶିବିର ରେ ଜନସାଧାରଣ ଙ୍କ ଠାରୁ ମୋଟ ୧୨୦ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୯୮ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୨୨ଟି ଗ୍ରାମବାସୀ ଙ୍କ ବିଭିନ୍ନ ସମସ୍ୟା ଭିତ୍ତିକ ସାମୁହିକ ଅଭିଯୋଗ ଥିଲା। ଏଥି ମଧ୍ୟରୁ ଆପତ୍ତି ଅଭିଯୋଗ ର ଗୁରୁତ୍ୱକୁ ବିଚାର କରି ଜିଲ୍ଲାପାଳ ଜଣଙ୍କୁ ମୁଖ୍ୟ ମନ୍ତ୍ରୀ ରିଲିଫ ପାଣ୍ଠିରୁ ଟ.୫,୦୦୦/- ଙ୍କା ଏବଂ ଅନ୍ୟ ଏକ ଆବେଦନକାରୀଙ୍କୁ ରେଡକ୍ରସ ପାଣ୍ଠିରୁ ଟ. ୫,୦୦୦/-ଙ୍କା ମଂଜୁର କରିଥିଲେ। ୨ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଅନ୍ୟାନ୍ୟ ଆପତ୍ତି ଅଭିଯୋଗ ଗୁଡିକର ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ଅନୁଧ୍ୟାନ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ତ୍ୱରିତ ପ୍ରକ୍ରିୟା ରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନୁଷ୍ଠିତ ଉକ୍ତ ଶିବିର ରେ ବାମନଘାଟି ଉପଖଣ୍ଡ ଅଧିନସ୍ଥ ସମସ୍ତ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକା ର କାର୍ଯ୍ୟନିର୍ବାହୀ ଅଧିକାରୀ,ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର,ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ଲାଇନ ବିଭାଗ ର ଅଧିକାରୀଗଣ ଉପସ୍ଥିତ ଥିବା ବେଳେ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ର କର୍ମଚାରୀ ମାନଙ୍କ ଦ୍ୱାରା ଶିବିର କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

## ଅଜଣା ଟ୍ରକ ଧକ୍କାରେ ମା ମୃତ ପୁଅ ଗୁରୁତର



ଅନୁଗୋଳ,(ମହାଭାରତ):ଅନୁଗୋଳ ଜିଲ୍ଲା ବଅଁରପାଳ ଥାନା ଅନ୍ତର୍ଗତ ନୂଆହତା ଗ୍ରାମ ୫୫ନମ୍ବର ଜାତୀୟ ରାଜପଥ ରେ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ସହ ଚାଳକ ଜଣଙ୍କ ଗୁରୁ□ର ହୋଇଛି । ମୃତ୍ୟୁ ମହିଳା ଜଣଙ୍କ ହେଲେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ସାଆନ୍ଦା କୁମୁସୀ ଗ୍ରାମର ୫୦ ବର୍ଷୀୟ ବୃଦ୍ଧ ମହିଳା କୁନି ନାଏକ ଯ ସୂଚନା ଅନୁଯାୟୀ କୁନି ନାଏକ ଓ ପୁଅ ସନ୍ଦୀପ ନାଏକ ବାଇକ ନମ୍ବର ଡଓ ୧୯ ଔ ୭୨୬୫ ଗ୍ଲାମର ଗାଡି ରେ କଣ୍ଟାବଣିଆ ସ୍ଥିତ ନରେନ୍ଦ୍ରପୁର ଗ୍ରାମ ମାଉସୀ ଘରକୁ କାମରେ ଆସିଥିଲେ। କାମ ସାରି ଅପରାହ୍ଣ ପ୍ରାୟ ୪ ଘଟିକା ୨୦ ମିନିଟ ସମୟରେ ଘରକୁ ଫେରିବା ବେଳେ ନୂଆହତା ସ୍ଥିତ ତୃପ୍ତି ମୋଟର ସମ୍ମୁଖ ୫୫ନମ୍ବର ଜାତୀୟ ରାଜପଥ ରେ ବାଇକୁ ପଛପାଖ ରୁ ଧକ୍କା ଦେଇଥିଲା। ପୁଅ ସନ୍ଦୀପ ରାସ୍ତା ପାର୍ଶ୍ୱ କୁ ବାଇକ ସହ ଛିଟିକି ପଡିଥିବା ବେଳେ ମା କୁନି ଉପରେ ଟ୍ରକ୍ ଚଢାଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ଯାହା ଫଳରେ ମା ର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲାୟ ସ୍ଥାନୀୟ ଲୋକେ ଘଟଣା ବିଷୟରେ ପୋଲିସ କୁ ସୂଚନା ଦେବା ପରେ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରି ଏକ ଆମ୍ବୁଲାନ୍ସ ସାହାର୍ଯ୍ୟରେ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟଚିକିତ୍ସାଳୟ କୁ ସ୍ଥାନାନ୍ତରିତ କରାଇଛନ୍ତି। ଥାନା ଅଧିକାରୀ ଦୁର୍ଘଟଣା ର ତଦନ୍ତ ଆରମ୍ଭ କରିବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକ ର ସନ୍ଧାନ ପାଇଁ ବିଭିନ୍ନ ପ୍ରକାର ତଦନ୍ତ ଆରମ୍ଭ କରିଛନ୍ତି।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ଗଜପତି(ମହାଭାରତ):ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ପୋରିଡ଼ା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି ।ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ,ଆରକ୍ଷୀ ଅଧିକ୍ଷକ ଶ୍ରୀ ଯତୀନ୍ଦ୍ର କୁମାର ପଣ୍ଡା , ଶ୍ରୀ ପୃଥ୍ୱୀରାଜ ମଣ୍ଡଳ, ଭାରପ୍ରାପ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ପୋରିଡ଼ା ଗ୍ରାମ ପଞ୍ଚାୟତ ସମେତ ଗାଇବା, ବୃଭ ଓ ବାଇଝଲା ପଞ୍ଚାୟତର ସମୁଦାୟ ମୋଟ- ୭୧ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲାୟ ସେଥି ମଧରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୨୭ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା- ୪୪ ଅଭିଯୋଗ ଆସିଥିଲା ,ସେଥିମଧରୁ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା,ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା ।

# ରାଜ୍ୟରେ ନାରୀ ନିର୍ଯ୍ୟାତନା ପ୍ରତିବାଦରେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସର ବିକ୍ଷୋଭ

ଖୋର୍ଦ୍ଧା;(ମହାଭାରତ) ରାଜ୍ୟରେ ସରକାର ବଦଳିବାର ପାୟ ଆଠମାସରୁ ଉର୍ଦ୍ଧ ସମୟ ବିତିଯାଇଛି। କିନ୍ତୁ ରାଜ୍ୟରେ କ୍ରମାଗତ ଭାବରେ ବଢ଼ି ଚାଲିଥିବା ନାରୀ ନିର୍ଯ୍ୟାତନା, ଦୁଷ୍କର୍ମ, ଶିଶୁ ବଳତ୍କାର ଭଳି ଅପରାଧ ଉପରେ ରୋକ୍ ଲଗାଇବାରେ ବର୍ତ୍ତମାନର ସରକାର ସମ୍ପୂର୍ଣ୍ଣ ରୂପେ ବିଫଳ। ଏହି ପ୍ରସଙ୍ଗରେ ଓଡିଶା ପ୍ରଦେଶ କଂଗ୍ରେସର ଜାତୀୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ସହିତ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନରେ କ୍ରମେ ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା ଖୋରଧା ଖୋରଧା ନୂଆ ବସ୍‌ଷ୍ଟାଣ୍ଡ ଠାରୁ ବାହାରି



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ଯାଇଥିଲା । ଖୋର୍ଦ୍ଧା, ବେଗୁନିଆ, ବୋଲଗଡ଼, ଚିଲିକା, ଜଟଣୀ, ବାଲିଅନ୍ତା ଓ ବାଲିପାଟଣା ନିର୍ବାଚନ ମଣ୍ଡଳୀର ଶହଶହ କଂଗ୍ରେସ କର୍ମୀ ଓ ଶୋଭଯାତ୍ରାରେ ଯୋଗଦେଇ ମୋହନ ସରକାରଙ୍କ ବିରୁଦ୍ଧରେ ନାରାବାଜି କରିଥିବା ବେଳେ ମହିଳା ସୁରକ୍ଷାର ସ୍ଲୋଗାନ ଦେବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା । ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ପୃଥିବଲ୍ଲଭ ପଟ୍ଟନାୟକ, ପୂର୍ବତନ ଛାତ୍ର କଂଗ୍ରେସର ସଭାପତି ସ୍ୱାଗତିକା ପଟ୍ଟନାୟକ, ପ୍ରଦେଶ କଂଗ୍ରେସର ଉପ-ସଭାପତି ଓ ପୂର୍ବତନ ଜିଲ୍ଲା କଂଗ୍ରେସର ସଭାପତି ଜାନକୀ ବଲ୍ଲଭ ପଟ୍ଟନାୟକ, ସଦାଶିବ ମହାପାତ୍ର, ଜୟଶ୍ରୀ ପଟ୍ଟନାୟକ, ବିଶ୍ୱଭୂଷଣ ଛୋଟରାୟ, ତପନ ଚକ୍ରବର୍ତୀ ଏଂ ଚିଲିକା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ପ୍ରଦୀପ ସ୍ୱାଇଁ, ସୌମ୍ୟ ରଂଜନ ବରାଳ, ଅମ୍ବି ମହାନ୍ତି, ଡଃ ବିଶ୍ୱରଂଜନ ମହାନ୍ତି, ମିଲାଦିତ୍ୟ ପଟ୍ଟନାୟକ, ଶିଶିର ପରିଡ଼ା, ପ୍ଲାବନ ପଟ୍ଟନାୟକ ଓ କାର୍ଯ୍ୟକ୍ରମର ପ୍ରଭାରୀ ଜୟଶ୍ରୀ ପାତ୍ର ପ୍ରମୁଖ ବିଜେପି ସରକାର ଅମଳରେ ଆବାସିକ ବିଦ୍ୟାଳୟରେ ବୃଦ୍ଧି ପାଇଥିବା କୁମାରୀ ମାତୃ, ଦୁଷ୍କର୍ମ ଓ ପ୍ରତ୍ୟେକ ଦିନ ଘଟିଚାଲିଥିବା ନାରୀ ନିର୍ଯ୍ୟାତନାର ପ୍ରତିବାଦ କରିବା ସହ ଅପରାଧୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଆହ୍ୱାନ ଦେବା ସହ ସରକାରଙ୍କୁ ଚେତାବନୀ ଦେଇଥିଲେ । ସରକାର ଏହାକୁ ନେଇ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ ନ କରିଲେ ଆଗାମୀ ଦିନରେ କଂଗ୍ରେସ ବ୍ୟାପକ ଜନ ଆନ୍ଦୋଳନ କରି ସରକାରଙ୍କୁ ଅକାମୀ କରିଦେବାକୁ ଚେତାବନୀ ଦେଇଥିଲେ। ପରିଶେଷରେ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ଜିଲ୍ଲାପାଳଙ୍କୁ ଦେବା ନିମନ୍ତେ ଜିଲ୍ଲାପାଳଙ୍କ ଦପ୍ତର ମଧକୁ ଯାଇଥିଲେ । କିନ୍ତୁ ଦାବୀପତ୍ର ଗ୍ରହଣ କରିବାକୁ ଜିଲ୍ଲାପାଳ କିମ୍ବା ଏ.ଡ଼ି ଏମ୍ କେହି ଉପସ୍ଥିତ ନଥିବାରୁ କଂଗ୍ରେସ କର୍ମୀଙ୍କ ମଧ୍ୟରେ ପ୍ରବଳ ଉତ୍ତେଜନା ଦେଖିବାକୁ ମିଳିଥିଲା। କଂଗ୍ରେସ କର୍ମୀ ଜିଲ୍ଲା ପ୍ରଶାସନ ବିରୁଦ୍ଧରେ ପ୍ରବଳ ନାରାବାଜୀ କରିଥିଲେ । ତେବେ କିଛି ସମୟ ପରେ ଅତିରିକ୍ତ ଜିଲ୍ଲାପାଳ ପହଞ୍ଚି ଦାବିପତ୍ର ଗ୍ରହଣ କରିବାକୁ ଚାହିଁଥିଲେ ସୁଦ୍ଧା କଂଗ୍ରେସ ପ୍ରତିନିଧି ମଣ୍ଡଳୀ ତାଙ୍କୁ ଦାବିପତ୍ର ଦେବାକୁ ମନା କରି ଜିଲ୍ଲାପାଳ ଆସିବାକୁ ଅପେକ୍ଷା କରିଥିଲେ । ପ୍ରାୟ ଏକ ଘଣ୍ଟା ପରେ ଜିଲ୍ଲାପାଳ ପହଞ୍ଚି ଦାବୀ ପତ୍ର ଗ୍ରହଣ କରିବା ସହ ବିଳମ୍ବ ନିର୍ମିତ ଭୁଲ ବୁଝାମଣା ନିମନ୍ତେ ଦୁଃଖ ପ୍ରକାଶ କରିବା ସହିତ ଦାବିପତ୍ରକୁ ଗ୍ରହଣ କରିଥିଲେ।

# ମଞ୍ଚକୁ ଗଲେନି ପିସିବିର କୌଣସି ଅଧିକାରୀ




ନୂଆଦିଲ୍ଲୀ, ୧୦।୩: ପାକିସ୍ତାନ ଚାମ୍ପିୟନ୍ସ ଟ୍ରଫିର ଆୟୋଜକ ଥିଲା, କିନ୍ତୁ ଯେତେବେଳେ ରୋହିତ ଶର୍ମା ଏବଂ ଦଳକୁ ବିଜେତା ଟ୍ରଫି ଦିଆଯାଉଥିଲା, ସେତେବେଳେ ପାକିସ୍ତାନ କ୍ରିକେଟ ବୋର୍ଡର କୌଣସି ଅଧିକାରୀ ମଞ୍ଚରେ ଉପସ୍ଥିତ ନ ଥିଲେ। ଭାରତ ତାର ମ୍ୟାଚ ଦୁବାଇରେ ଖେଳୁଥିଲା, ତେଣୁ ଟିମ ଇଣ୍ଡିଆ ଫାଇନାଲରେ ପହଞ୍ଚିବା ହେତୁ, ଟାଇଟଲ ମ୍ୟାଚ ମଧ୍ୟ ଦୁବାଇରେ ଅନୁଷ୍ଠିତ ହୋଇଥିଲା। ଟୁର୍ନାମେଣ୍ଟ ପୂର୍ବରୁ ଏହା ନିଷ୍ପତ୍ତି ନିଆଯାଇଥିଲା। ପାକିସ୍ତାନ ଗ୍ରୁପ ପର୍ଯ୍ୟାୟରୁ ହିଁ ବାଦ୍ ପଡ଼ିଥିଲା। ଯଦିଓ, ଆୟୋଜକ ଦେଶ ହୋଇଥିବାରୁ, ପିସିବି ଅଧିକାରୀମାନେ ମଞ୍ଚରେ ଉପସ୍ଥିତ ରହିବା ଉଚିତ୍ ଥିଲା, କିନ୍ତୁ କିଛି କ୍ରୋଧ ଯୋଗୁ ସେମାନେ ମଞ୍ଚକୁ ଆସି ନଥିଲେ। ଚାମ୍ପିୟନ୍ସ ଟ୍ରଫି ୨୦୨୫ ପୁରସ୍କାର ପ୍ରଦାନ ସମାରୋହ ଆୟୋଜନ କରିବା ସତ୍ତ୍ୱେ କାହିଁକି କୌଣସି ଅଧିକାରୀ ମଞ୍ଚ ଉପରେ ଦେଖାଯାଇ ନଥିଲେ? ଲୋକମାନେ ସୋସିଆଲ ମିଡିଆରେ ଏହା ଉପରେ ନିଜର ମତାମତ ଦେଉଛନ୍ତି। ପୂର୍ବତନ ପାକିସ୍ତାନୀ କ୍ରିକେଟରମାନେ ମଧ୍ୟ ଏହାକୁ ନେଇ କ୍ଷୁବ୍ଧ। ସୋଏବ ଅଖତର ଏହାକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ଯେ ହୋଷ୍ଟ ହେବା ସତ୍ତ୍ୱେ, ମଞ୍ଚରେ ତାଙ୍କ ବୋର୍ଡର କୌଣସି ପ୍ରତିନିଧି ନଥିଲେ।

ଆକ୍ରମ ପିସିବି ଅଧ୍ୟକ୍ଷ ମୋହସିନ ନକଭିଙ୍କ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ବିବିସି ରିପୋର୍ଟ ଅନୁଯାୟୀ, ଆକ୍ରମ କହିଛନ୍ତି, ଚେୟାରମ୍ୟାନ ସାହେବଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନଥିଲା। କିନ୍ତୁ ମଞ୍ଚରେ ର କେହି ନଥିଲେ। ସୁମୈର ଅହମ୍ମଦ ଏବଂ ଉସମାନ ସେଠାରୁ ଆସିଥିଲେ। କିନ୍ତୁ ଦୁହିଁଙ୍କୁ ଦେଖାଯାଇ ନଥିଲା। ଆମେ ଚାମ୍ପିଅନ୍ସ ଟ୍ରଫିର ଆୟୋଜକ ଥିଲୁ।ତେଣୁ, ଯିଏ ଅଧ୍ୟକ୍ଷ ସାହେବଙ୍କ ପ୍ରତିନିଧି କରୁଥିଲେ, ତାଙ୍କୁ ସେଠାରେ ରହିବା ଉଚିତ ଥିଲା ତାଙ୍କୁ ମଞ୍ଚକୁ ଡକାଯାଇ ନଥିଲା କି ବୋଲି ସେ ପ୍ରଶ୍ନ କରିଛନ୍ତି।

୨୦୨୫ ଚାମ୍ପିଅନ୍ସ ଟ୍ରଫିର ଫାଇନାଲ ପରେ ମଞ୍ଚ ଉପରେ କୌଣସି ପିସିବି ଅଧିକାରୀଙ୍କୁ ଦେଖାଯାଇ ନଥିଲା।ଏହି ପ୍ରସଙ୍ଗରେ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ଦିଆଯାଇ ନାହିଁ କିମ୍ବା ମଧ୍ୟ କିଛି କହିନାହିଁ।କିନ୍ତୁ ପାକିସ୍ତାନ କ୍ରିକେଟ ଦଳର ପୂର୍ବତନ କ୍ରିକେଟରମାନେ ସୋସିଆଲ ମିଡିଆ। ମାଧ୍ୟମରେ ଅନେକ ପ୍ରଶ୍ନ ଉଠାଇଛନ୍ତି ମଞ୍ଚରୁ ପିସିବି ଅଧିକାରୀଙ୍କ ନିଖୋଜ ହେବା ହିଁ ବିଶୃଙ୍ଖଳାର ପ୍ରକୃତ କାରଣ। ଜଣେ ବ୍ୟବହାରକାରୀ ସୋସିଆଲ ମିଡିଆରେ ଲେଖିଛନ୍ତି ଯେ ପାକିସ୍ତାନ ଭାରତର ବିଜୟକୁ ହଜମ କରିପାରୁନାହିଁ, ସେଥିପାଇଁ ସେଠାରେ କୌଣସି ପିସିବି ସଦସ୍ୟଙ୍କୁ ଦେଖାଯାଇ ନଥିଲା ଏହା ଏକ ଈର୍ଷାର ଭାବନା।

# ଫାଇନାଲ୍‌ରେ ଭାଙ୍ଗିଲା ଅନେକ ରେକର୍ଡ



ଦୁବାଇ, ୧୦।୩: ଭାରତ ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଟାଇଟଲ ଜିତିଛି। ଦୁବାଇରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଟିମ ଇଣ୍ଡିଆ। ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଟିମ ଇଣ୍ଡିଆକୁ ବିଜୟ ପାଇଁ ୨୫୨ ରନର ଟାର୍ଗେଟ ଦିଆଯାଇଥିଲା।ଜବାବରେ ୪୯ ଓଭରରେ ଭାରତ ମ୍ୟାଚ୍ ଜିତିଥିଲା ଭାରତର ଏହି ବିଜୟ ଐତିହାସିକ ଥିଲା ଫାଇନାଲ ମ୍ୟାଚରେ ଟିମ ଇଣ୍ଡିଆ। ଅନେକ ବିଶ୍ୱ ରେକର୍ଡ ଭାଙ୍ଗିଛି।

ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଟିମ ଇଣ୍ଡିଆ। ବିଜୟର ଏକ ଅନନ୍ୟ ରେକର୍ଡ ସୃଷ୍ଟି କରିଛି।ଗୋଟିଏ ସ୍ଥାନରେ ବିନା ପରାଜୟରେ ସର୍ବାଧିକ ମ୍ୟାଚ ଜିତିବାର ରେକର୍ଡରେ ଭାରତୀୟ ଦଳ ଶୀର୍ଷରେ ପହଞ୍ଚିଛି। ସେ ଏଠାରେ ମୋଟ ୧୦ଟି ଲଗାତାର ମ୍ୟାଚ ଜିତିଛନ୍ତି। ଗତ ୧୧ଟି ମ୍ୟାଚ ଗୋଟିଏ ମ୍ୟାଚ ଟାଇ ହୋଇଥିଲା ତଥାପି ନ୍ୟୁଜିଲାଣ୍ଡ ମଧ୍ୟ ମିଳିତ ଭାବରେ ଏକ ନମ୍ବରରେ ଅଛି ନ୍ୟୁଜିଲାଣ୍ଡ ଡୁନେଡିନରେ ୧୦ଟି ମ୍ୟାଚ ଜିତିଛନ୍ତି। ଭାରତ ଇନ୍ଦୋରରେ ଲଗାତାର ୭ଟି ମ୍ୟାଚ ଜିତିଛି।

ସର୍ବାଧିକ ଥର ଚାମ୍ପିଅନ୍ସ ଟ୍ରଫି ଟାଇଟଲ ଜିତିବା ମାମଲାରେ ଟିମ ଇଣ୍ଡିଆ। ଅଷ୍ଟ୍ରେଲିଆର ସମକକ୍ଷ ହୋଇଛି। ଭାରତ ଏବଂ ଅଷ୍ଟ୍ରେଲିଆ ଦୁଇଥର ଏହି ଟାଇଟଲ ଜିତିଛନ୍ତି। ଭାରତ ୨୦୧୩ ଏବଂ ୨୦୨୫ରେ ଚାମ୍ପିଅନ୍ସ ଟ୍ରଫି ଟାଇଟଲ ଜିତିଥିଲା ଅଷ୍ଟ୍ରେଲିଆ ୨୦୦୬ ଏବଂ ୨୦୦୯ରେ ଟାଇଟଲ ଜିତିଥିଲା।ଭାରତ ୨୦୦୨ ମସିହାରେ ମିଳିତ ବିଜେତା ହୋଇଥିଲା। ତେଣୁ, ଏହା ଅଷ୍ଟ୍ରେଲିଆଠାରୁ ଗୋଟିଏ ପାଦ ଆଗରେ।

ଦୁବାଇରେ ସ୍ପିନରମାନଙ୍କ ଯାଦୁ ଦେଖିବାକୁ ମିଳିଥିଲା ଏହି ମ୍ୟାଚ୍‌ରେ ସ୍ପିନରମାନେ ଏକ ବଡ଼ ବିଶ୍ୱ ରେକର୍ଡ ଭାଙ୍ଗିଛନ୍ତି। ଆଇସିସି ଟୁର୍ନାମେଣ୍ଟରେ ଏକ ଦିନିକିଆ। ମ୍ୟାଚ୍‌ରେ ସର୍ବାଧିକ ଓଭର ବୋଲିଂ କରିବାର ରେକର୍ଡ ଏହି ସ୍ପିନରମାନେ ସୃଷ୍ଟି କରିଛନ୍ତି। ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ସ୍ପିନରମାନେ ମୋଟ ୭୩ ଓଭର ବୋଲିଂ କରିଛନ୍ତି ପୂର୍ବରୁ, ୨୦୨୫ ଚାମ୍ପିଅନ୍ସ ଟ୍ରଫିର ସେମିଫାଇନାଲରେ, ସ୍ପିନରମାନେ ୬୫.୧ ଓଭର ବୋଲିଂ କରିଥିଲେ। ଏହି ମ୍ୟାଚ ଭାରତ ଏବଂ ଅଷ୍ଟ୍ରେଲିଆ। ମଧ୍ୟରେ ଖେଳାଯାଇଥିଲା।

## ହକି ଇଣ୍ଡିଆର ବାର୍ଷିକ ପୁରସ୍କାର

# ଦୌଡ଼ରେ ଓଡ଼ିଶାର ଅମିତ, ସୁନେଲିତା



ନୂଆଦିଲ୍ଲୀ, ୧୦।୩: ହକି ଇଣ୍ଡିଆ। ବାର୍ଷିକ ପୁରସ୍କାର ଉତ୍ସବ ପାଇଁ ରେକର୍ଡ ୧୨ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛି। ଏଥର ୭ଟି ବିଭାଗରେ ୩୨ଜଣ ଖେଳାଳିଙ୍କୁ ପୁରସ୍କୃତ କରାଯିବ ଏହି ଇଭେଣ୍ଟ ଶନିବାର ଅନୁଷ୍ଠିତ ହେବ।

୨୦୨୪ ସିଜନରେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ପୁରସ୍କୃତ କରାଯିବ। ବର୍ଷର ଶ୍ରେଷ୍ଠ ପୁରୁଷ ଓ ମହିଳା ଖେଳାଳିଙ୍କୁ ମର୍ଯ୍ୟାଦାପୂର୍ଣ୍ଣ ବଲବୀର ସିଂ ସିନିୟର ପୁରସ୍କାର ପ୍ରଦାନ କରାଯିବ। ଯୁବ ଖେଳାଳିଙ୍କୁ ଉତ୍ସାହିତ କରିବା ଲାଗି ମଧ୍ୟ ପୁରସ୍କାର ବ୍ୟବସ୍ଥା କରାଯାଇଛି। ଏହି କାଟେଗୋରିରେ ଅପ୍ କମିଙ୍ଗ ପ୍ଲେୟର ଅଫ୍ ଦି ଇୟର(ପୁରୁଷ) ଏବଂ ଅପ୍ କମିଙ୍ଗ ପ୍ଲେୟର ଅଫ୍ ଦି ଇୟର (ମହିଳା) ପାଇଁ ଅସୁନ୍ତା ଲାକ୍ରା ପୁରସ୍କାର ପ୍ରଦାନ କରାଯିବ। ଏହା ବ୍ୟତୀତ ବିଭିନ୍ନ ପୋଜିଶନରେ ଭଲ ପ୍ରଦର୍ଶନ କରିଥିବା ଖେଳାଳି ଯଥା ଗୋଲ୍‌କିପର ଅଫ୍ ଦି ଇୟର ପାଇଁ ବଲ୍‌ଜିତ ସିଂ ପୁରସ୍କାର, ଡିଫେଣ୍ଡର ଅଫ୍ ଦି ଇୟର ପାଇଁ ପରଗତ ସିଂ ପୁରସ୍କାର, ମିଡ୍‌ଫିଲ୍ଡର ଅଫ୍ ଦି ଇୟର ପାଇଁ ଅଜିତ ପାଲ୍ ସିଂ ପୁରସ୍କାର ଏବଂ ଫରୱାର୍ଡ ଅଫ୍ ଦି ଇୟର ପାଇଁ ଧନରାଜ ପିଲ୍ଲେ ପୁରସ୍କାର ପ୍ରଦାନ କରାଯିବ।

ଓଡ଼ିଶାର ଅମିତ ରୋହିଦାସ ପୁରୁଷ ଡିଫେଣ୍ଡର ଅଫ୍ ଦି ଇୟର ପୁରସ୍କାର ଦୌଡ଼ରେ ରହିଛନ୍ତି ମହିଳା ବିଭାଗ ଅପ୍ କମିଙ୍ଗ ପ୍ଲେୟର ଅଫ୍ ଦି ଇୟର ସମ୍ଭାବ୍ୟ ତାଲିକାରେ ଓଡ଼ିଶାର ସୁନେଲିତା ଟପ୍ପୋ ସ୍ଥାନ ପାଇଛନ୍ତି। ୧୯୭୫ରେ ଭାରତୀୟ ପୁରୁଷ ଦଳ ଯେଉଁ ଦିନ ଏହାର ପ୍ରଥମ ଏବଂ ଏକମାତ୍ର ବିଶ୍ୱକପ୍ ହାସଲ କରିଥିଲା, ତାହାର ୫୦ବର୍ଷ ପୂର୍ତ୍ତି ଅବସରରେ ଏଥର ବାର୍ଷିକ ପୁରସ୍କାର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହାଛଡ଼ା ୨୦୨୫ରେ ଭାରତୀୟ ହକିର ୧୦୦ବର୍ଷ ପୂରଣ ହେଉଛି।

# ଚାମ୍ପିଅନ୍ସ ଟ୍ରଫି ବିଶ୍ୱ ଦଳରେ ନାହାଁନ୍ତି ରୋହିତ

## କୋହଲିଙ୍କ ସହ ୫ ଖେଳାଳି ସାମିଲ




ନୂଆଦିଲ୍ଲୀ, ୧୦।୩: ଚାମ୍ପିୟନ୍ସ ଟ୍ରଫି ୨୦୨୫ର ଶ୍ରେଷ୍ଠ ଦଳ ଘୋଷଣା କରିଛି।ଏହି ଦଳରେ ଦ୍ୱାଦଶ ଶ୍ରେଷ୍ଠ ଖେଳାଳିଙ୍କୁ ମଧ୍ୟ ସାମିଲ କରାଯାଇଛି। ମଜାଦାର କଥା ହେଉଛି ଯେ ପାକିସ୍ତାନ, ଅଷ୍ଟ୍ରେଲିଆ। ଏବଂ ଇଂଲଣ୍ଡ ଭଳି ବଡ଼ ଦଳଗୁଡ଼ିକର ଜଣେ ବି ଖେଳାଳି ଶ୍ରେଷ୍ଠ ପ୍ଲେଇଂ ଇଲେଭେନରେ ସ୍ଥାନ ପାଇନାହାଁନ୍ତି। ଚାମ୍ପିୟନ୍ସ ଟ୍ରଫିର ଶ୍ରେଷ୍ଠ ୧୧ ଖେଳାଳିଙ୍କ ମଧ୍ୟରେ ପାଞ୍ଚ ଜଣ ଭାରତୀୟଙ୍କୁ ସାମିଲ କରାଯାଇଛି। ଚାମ୍ପିୟନ୍ସ ଟ୍ରଫିର ଶ୍ରେଷ୍ଠ ପ୍ଲେଇଂ ଏକାଦଶରେ ନ୍ୟୁଜିଲାଣ୍ଡର ଚାରି ଜଣ ଏବଂ ଆଫଗାନିସ୍ତାନର ଦୁଇଜଣ ଖେଳାଳିଙ୍କୁ ମଧ୍ୟ ସାମିଲ କରାଯାଇଛି। ସେହିପରି ଦଳକୁ ଚାମ୍ପିଅନ କରାଇଥିବା ଅଧିନାୟକ ରୋହିତ ଶର୍ମାଙ୍କୁ ଏଥିରେ ସାମିଲ କରାଯାଇନାହିଁ। ତାଙ୍କ ନେତୃତ୍ୱରେ ଭାରତର ଅପରାଜେୟ ସହ ବିଜେତା ହୋଇଥିଲା। ତେବେ ତାଙ୍କ ବ୍ୟାଟିଂ ପ୍ରଭାବୀ ହୋଇନଥିଲା। ଚାମ୍ପିୟନ୍ସ ଟ୍ରଫି ୨୦୨୫ର ଶ୍ରେଷ୍ଠ ଦଳରେ ସାମିଲ ହୋଇଥିବା ପାଞ୍ଚ ଜଣ ଭାରତୀୟ ଖେଳାଳିଙ୍କ ନାମ ହେଉଛି ବିରାଟ କୋହଲି, ଶ୍ରେୟସ ଆୟର, କେ.ଏଲ ରାହୁଲ, ମହମ୍ମଦ ଶାମି ଏବଂ ବରୁଣ ଚକ୍ରବର୍ତ୍ତୀ ଜଣେ ଭାରତୀୟ (ଅକ୍ଷର ପଟେଲ)ଙ୍କୁ ମଧ୍ୟ ଦ୍ୱାଦଶ ଖେଳାଳି ଭାବରେ ସ୍ଥାନ ଦିଆଯାଇଛି। ଏହି ସମଗ୍ର ଟୁର୍ନାମେଣ୍ଟରେ ବିରାଟ କୋହଲି ୨୧୮ ରନ କରିଛନ୍ତି। ସେହିପରି ଶ୍ରେୟସ ଆୟର ୨୪୩ ରନ କରିଛନ୍ତି। ଏଥିସହ ୨୦୨୫ ଚାମ୍ପିୟନ୍ସ ଟ୍ରଫିରେ ଭାରତ ପାଇଁ ସର୍ବାଧିକ ରନ ସ୍କୋରର୍ ମଧ୍ୟ ଥିଲେ ଆୟର। ଚାମ୍ପିୟନ୍ସ ଟ୍ରଫିର ଶ୍ରେଷ୍ଠ ପ୍ଲେଇଂ ଏକାଦଶ: ରଚିନ ରବିନ୍ଦ୍ର, ଇବ୍ରାହିମ ଜାଦ୍ରାନ, ବିରାଟ କୋହଲି, ଶ୍ରେୟସ ଆୟର, କେଏଲ ରାହୁଲ (ଉଇକେଟ୍), ଗ୍ଲେନ ଫିଲିପ୍ସ, ଆଜମତୁଲ୍ଲା ଉମରଜାଇ, ମିଚେଲ ସାଣ୍ଟନର (ଅଧିନାୟକ), ମହମ୍ମଦ ଶାମି, ମ୍ୟାଟ ହେନରୀ, ବରୁଣ ଚକ୍ରବର୍ତ୍ତୀ, ଅକ୍ଷର ପଟେଲ (ଦ୍ୱାଦଶ ଖେଳାଳି)।

# ଚୁକ୍ତିରୁ ଓହରିବା ପଡ଼ିଲା ମହଙ୍ଗା

ଲଣ୍ଡନ, ୧୦।୩: ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବାକୁ ଥିବା ଆଇପିଏଲ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ସହ ହୋଇଥିବା ଚୁକ୍ତିରୁ ଇଂଲଣ୍ଡ ବ୍ୟାଟର ହ୍ୟାରୀ ବ୍ରୁକ ଓହରି ଯାଇଛନ୍ତି ଏଥିଯୋଗୁ ତାଙ୍କୁ ଆଇପିଏଲରୁ ଦୁଇ ବର୍ଷ ଲାଗି ବାସନ୍ଦ କରାଯାଇଛି ଲଗାତର ଦ୍ୱିତୀୟ ସିଜନ ଲାଗି ନିଜକୁ ଅନୁପଲବ୍ଧ କରିଥିବା ବ୍ରୁକ ଦିଲ୍ଲୀ ଫ୍ରାଞ୍ଚାଇଜି ଓ ଏହାର ସମର୍ଥକଙ୍କଠାରୁ କ୍ଷମାପ୍ରାର୍ଥନା କରିଛନ୍ତି।

ଆଗାମୀ ଆଇପିଏଲରୁ ଓହରିବାକୁ କଷ୍ଟକର ନିଷ୍ପତ୍ତି ନେଇଛି ଏଥିଲାଗି ମୁଁ ଦିଲ୍ଲୀ କ୍ୟାପିଟାଲ୍ସ ଓ ଏହାର ସମର୍ଥନଙ୍କଠାରୁ କ୍ଷମାପ୍ରାର୍ଥନା କରୁଛି ଏହା ଇଂଲଣ୍ଡ କ୍ରିକେଟ ଲାଗି ଖୁବ ଗୁରୁତ୍ୱପୂର୍ଣ୍ଣ ସମୟ ଆଗାମୀ ସିରିଜ ପାଇଁ ପ୍ରସ୍ତୁତିରେ ମୁଁ ସମୟ ଦେବାକୁ ଚାହୁଁଛି ମୋତେ ମୋ କ୍ୟାରିୟରର ସବୁଠୁ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଲାଗି ନିଜକୁ ରିଚାର୍ଜ କରିବା ଦରକାର।ମୁଁ ଜାଣିଛି, ଏହାକୁ ସମସ୍ତେ ବୁଝି ପାରିବେ ନାହିଁ ଏବଂ ମୁଁ ଏହା ଆଶା ବି କରୁ ନାହିଁ କିନ୍ତୁ ଯାହା ଉଚିତ ବୋଲି ମୁଁ ବିଶ୍ୱାସ କରେ, ମୋତେ ତାହା କରିବାକୁ ପଡ଼ିବ ମୁଁ ଦେଶ ପାଇଁ ଖେଳିବାକୁ ପ୍ରାଥମିକତା ଦଉଛି ବୋଲି ବ୍ରୁକ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି।

# ୨୦୨୭ ବିଶ୍ୱକପ୍ ଖେଳିବି କି ନାହିଁ ଜାଣିନି : ରୋହିତ




ନୂଆଦିଲ୍ଲୀ, ୧୦।୩: ରବିବାର ଭାରତ ଆଇସିସି ଚାମ୍ପିଅନ୍ସ ଟ୍ରଫି ଜିତିବା ମାତ୍ରେ ସମଗ୍ର ଦେଶରେ ଉତ୍ସବ ପାଳନ କରାଯାଇଥିଲା ଯେମିତି ସାରା ଦେଶରେ ହୋଲି ପୂର୍ବରୁ ଦୀପାବଳି ପାଳନ ଆରମ୍ଭ ହୋଇଗଲା।ଅଧିନାୟକ ରୋହିତ ଶର୍ମା ଏବଂ ବିରାଟ କୋହଲି ଷ୍ଟମ୍ପ ଧରି ଡାଣ୍ଡିଆ। ଆରମ୍ଭ କରିଥିଲେ ରୋହିତ-ବିରାଟଙ୍କ ଉତ୍ସବ ଦେଖି କ୍ରିକେଟ ପ୍ରେମୀଙ୍କ ମନରେ ଏହି ପ୍ରଶ୍ନ ମଧ୍ୟ ଆସିଥିଲା ଯେ ଏହା କଣ ଏହି ଦୁଇଜଣଙ୍କ ପାଇଁ ଶେଷ ଟୁର୍ଣ୍ଣାମେଣ୍ଟ? ଏହି ପ୍ରଶ୍ନଟି ସିଧାସଳଖ ବିରାଟ କୋହଲିଙ୍କୁ ପଚରାଯାଇ ନଥିଲା, କିନ୍ତୁ ରୋହିତ ଶର୍ମାଙ୍କୁ ନିଶ୍ଚିତ ଭାବରେ ୨୦୨୭ ବିଶ୍ୱକପ ପାଇଁ ଯୋଜନା ବିଷୟରେ ପଚରାଯାଇଥିଲା। ଅଧିନାୟକ ରୋହିତ ଏହାର ବିସ୍ତାରିତ ଉତ୍ତର ଦେଇଥିଲେ ଏବଂ ତାଙ୍କ ବକ୍ତବ୍ୟ ଶେଷ କରି କହିଥିଲେ ଯେ ମୁଁ କୌଣସି ସ୍ଥାନକୁ ଯାଉନାହିଁ। ମୁଁ ଏଠାରେ ଅଛି

ଟି-୨୦ ବିଶ୍ୱକପ ଜିତିବା ପରେ ଭାରତୀୟ ଦଳର ପ୍ରଦର୍ଶନ ବହୁତ ଖରାପ ହୋଇଯାଇଥିଲା। ଏହି କାରଣରୁ, ରୋହିତ ଶର୍ମା, ବିରାଟ କୋହଲି ଏବଂ ପ୍ରଶିକ୍ଷକ ଗୌତମ ଗମ୍ଭୀର ସମାଲୋଚକଙ୍କ ଟାର୍ଗେଟରେ ଥିଲେ। ଚାମ୍ପିଅନ୍ସ ଟ୍ରଫିରେ ବିଜୟ ଏହି ତିନି ଜଣଙ୍କୁ ନୂତନ ଜୀବନ ଦେଇଛି। ରବିବାର ରାତିରେ ଟ୍ରଫି ଜିତିବା ପରେ ୩୭ ବର୍ଷୀୟ ରୋହିତ କହିଥିଲେ, ଗତ ତିନୋଟି ଆଇସିସି ଟୁର୍ଣ୍ଣାମେଣ୍ଟରେ ଆମେ କେବଳ ଗୋଟିଏ ମ୍ୟାଚ ହାରିଛୁ। ଏହା ଏକ ବଡ଼ ସଫଳତା। ଏହା ଦର୍ଶାଉଛି ଯେ ଏହି ଦଳ କେତେ ଭଲ ଦଳରେ ବହୁତ ଗଭୀରତା ଅଛି ଏବଂ ଖେଳାଳିମାନଙ୍କ ମଧ୍ୟରେ ବହୁତ ଭଲ ବୁଝାମଣା ଅଛି। ଭାରତୀୟ ଅଧିନାୟକ କହିଛନ୍ତି ଯେ ଦୃଢ଼ ନିଷ୍ଠା ଯୋଗୁଁ ଦଳ ବାହାରୁ ଆସୁଥିବା ଚାପକୁ ମୁକାବିଲା କରିବାରେ ସଫଳ ହୋଇଛି। ସେ କହିଲେ, ବାହାରରୁ ବହୁତ ଚାପ ଥିଲା। ଯଦି ଦଳ ଗୋଟିଏ ମ୍ୟାଚ ହାରିଯାଇଥାନ୍ତା, ତେବେ ଅନେକ ପ୍ରକାରର ଅନୁମାନ ଲଗାଯାଇଥାନ୍ତା। କିନ୍ତୁ ଆମର ଖେଳାଳିମାନେ ଏହାକୁ ଭଲ ଭାବରେ ପରିଚାଳନା କରିଥିଲେ ଏବଂ ଏହାକୁ ଅଣଦେଖା କରି କେବଳ ନିଜ ଖେଳ ଉପରେ ଧ୍ୟାନ ଦେଇଥିଲେ।

ରୋହିତ ଶର୍ମା ତାଙ୍କର ୩୦ ଏବଂ ୪୦ ରନର ସ୍କୋରକୁ ବଡ଼ ଇନିଂସରେ ପରିଣତ କରିପାରି ନଥିଲେ, ଯାହା କାରଣରୁ ତାଙ୍କୁ ବହୁତ ସମାଲୋଚନା କରାଯାଉଥିଲା। ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲରେ ୭୬ ରନ କରିବା ପରେ ସେ କହିଥିଲେ, ଭାରତର ପ୍ରତିନିଧି କରିବା କୌଣସି ମଜାକଥା ନୁହେଁ। ସମସ୍ତେ ଅତ୍ୟନ୍ତ ଆନ୍ତରିକତାର ସହିତ ଭାରତକୁ ପ୍ରତିନିଧି କରିବାକୁ ଚାହାଁନ୍ତି। ୨୦୧୯ ବିଶ୍ୱକପରେ ମୁଁ ବହୁତ ରନ କରିଥିଲି, କିନ୍ତୁ ଆମେ ଜିତିପାରିଲୁ ନାହିଁ। ତେଣୁ, ଏଥିରୁ ବହୁତ ଖୁସି ମିଳିଲା ନାହିଁ ବରଂ, ଯଦି ତୁମେ ୩୦ କିମ୍ବା ୪୦ ରନ କରି ମ୍ୟାଚ ଜିତିଯାଅ, ତେବେ ତୁମେ ଅଧିକ ସନ୍ତୋଷ ଏବଂ ଖୁସି ପାଇବ।

୨୦୨୭ ବିଶ୍ୱକପ ପାଇଁ ଯୋଜନା ବିଷୟରେ ପଚରାଯିବାରୁ, ରୋହିତ ଶର୍ମା କହିଥିଲେ, ଦୁଇ ବର୍ଷ ଯଥେଷ୍ଟ ସମୟ। ମୁଁ ଏତେ ଦୂର ଭାବିବାକୁ ଚାହୁଁନାହିଁ। ମୁଁ ଏବେ କହିବାକୁ ଚାହୁଁନାହିଁ ଯେ ମୁଁ ୨୦୨୭ ବିଶ୍ୱକପ ଖେଳିବାକୁ ଚାହୁଁଛି କି ନାହିଁ। ବରଂ, ମୁଁ ବର୍ତ୍ତମାନରେ ରହି ଖେଳକୁ ଉପଭୋଗ କରିବାକୁ ଚାହୁଁଛି।ସେଥିପାଇଁ ଏବେ କେହି ଏହା ବିଷୟରେ ଅନୁମାନ କରିବାକୁ ଚାହୁଁନାହାଁନ୍ତି।

# ଭାରତର ବିଜୟ ପାଳନବେଳେ ଲାଠି ଚାର୍ଜ?





ହାଇଦ୍ରାବାଦ, ୧୦।୩: ଦୁବାଇରେ ଅନୁଷ୍ଠିତ ଚାମ୍ପିଅନ୍ସ ଟ୍ରଫିର ଫାଇନାଲରେ ଭାରତ ଏକ ବଡ଼ ବିଜୟ ହାସଲ କରିଛି ଏବେ ଭାରତୀୟ କ୍ରିକେଟ ଦଳର ପ୍ରଶଂସକଙ୍କ ମଧ୍ୟରେ ଏକ ଉତ୍ସବର ପରିବେଶ ଥିଲା, କିନ୍ତୁ ଭାରତୀୟ ଜନତା ପାର୍ଟି ଅଭିଯୋଗ କରିଛି ଯେ ତେଲଙ୍ଗାନା ପୋଲିସ ଚାମ୍ପିଅନ୍ସ ଟ୍ରଫିରେ ଭାରତର ବିଜୟ ଉତ୍ସବ ପାଳନ କରୁଥିବା ଲୋକଙ୍କ ଉପରେ ଲାଠିଚାର୍ଜ କରିଥିଲା ଭାଜପା ନେତା ଏହାର ଭିଡିଓ ସୋସିଆଲ ମିଡିଆରେ ଶେୟାର କରି କଂଗ୍ରେସ ସରକାର ଉପରେ ପ୍ରଶ୍ନ ଉଠାଇଛନ୍ତି।

ଭାରତୀୟ ଜନତା ପାର୍ଟିର ଆଇଟି ସେଲ ମୁଖ୍ୟ ଅମିତ ମାଲବ୍ୟ ଲାଠିଚାର୍ଜର ଭିଡିଓ ଶେୟାର କରି ଲେଖିଛନ୍ତି, ହାଇଦ୍ରାବାଦ ପୋଲିସ ଦିଲସୁଖନଗରରେ ନାଗରିକମାନଙ୍କୁ ଭାରତର ଚାମ୍ପିଅନ୍ସ ଟ୍ରଫି ବିଜୟର ଉତ୍ସବ ପାଳନ କରିବାରୁ ରୋକିବା ପାଇଁ ଲାଠିଚାର୍ଜ କରିଥିଲା। କରିମନଗରରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା।ଏହା କଣ କଂଗ୍ରେସ ଶାସିତ ରାଜ୍ୟଗୁଡ଼ିକରେ ଏକ ନୂତନ ଚଳ ବୋଲି ସେ ପ୍ରଶ୍ନ କରିଛନ୍ତି ସେମାନେ ପ୍ରକୃତରେ କାହାକୁ ଖୁସି କରିବାକୁ ଚେଷ୍ଟା କରୁଛନ୍ତି ବୋଲି ମଧ୍ୟ ସେ କହିଛନ୍ତି ଭାରତୀୟମାନେ ସେମାନଙ୍କ ଦେଶର ବିଜୟ କେଉଁଠାରେ ପାଳନ କରିବା ଉଚିତ?

ମଧ୍ୟପ୍ରଦେଶର ଇନ୍ଦୋର ନିକଟସ୍ଥ ମହୁରେ, ଚାମ୍ପିଅନ୍ସ ଟ୍ରଫିରେ ଭାରତର ବିଜୟ ପରେ ଉତ୍ସବ ପାଳନ ସମୟରେ ଦୁଇଟି ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଏହି ସଂଘର୍ଷ ମହୁରେ ଜାମା ମସଜିଦ ନିକଟରେ ଘଟିଥିଲା।ଯେଉଁଠାରେ ବିଜୟ ଶୋଭାଯାତ୍ରା ବାହାର କରୁଥିବା ଲୋକଙ୍କର ଅନ୍ୟ ଏକ ଗୋଷ୍ଠୀ ସହ ଯୁକ୍ତିତର୍କ ହୋଇଥିଲା ଏବଂ କିଛି ସମୟ ମଧ୍ୟରେ ଯୁକ୍ତିତର୍କ ବଢ଼ି ଯାଇଥିଲା ଏବଂ ପଥର ଫିଙ୍ଗିବା ଆରମ୍ଭ ହୋଇଯାଇଥିଲା।ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବାରୁ, ଦୁର୍ବୃତ୍ତମାନେ ଭଙ୍ଗାରୁଜା ଆରମ୍ଭ କରିଦେଲେ ଅଞ୍ଚଳର ଦୁଇଟି ଦୋକାନ ପୋଡ଼ି ଦିଆଯାଇଛି ଏବଂ ଦୁଇଟି ଗାଡ଼ି ନଷ୍ଟ ହୋଇଯାଇଥିବା ମଧ୍ୟ କୁହାଯାଇଛି।

# ଦିନିକିଆ ଫର୍ମାଟରୁ ଅବସରକୁ ନେଇ ମୁହଁ ଖୋଲିଲେ ଜାଡେଜା

ନୂଆଦିଲ୍ଲୀ, ୧୦।୩: ଚାମ୍ପିୟନ୍ସ ଟ୍ରଫି ୨୦୨୫ ଟୁର୍ନାମେଣ୍ଟ ଆରମ୍ଭ ହେବା ପୂର୍ବରୁ ବିରାଟ କୋହଲି, ରୋହିତ ଶର୍ମା ଏବଂ ରବିନ୍ଦ୍ର ଜାଡେଜାଙ୍କ ଫର୍ମାଟରୁ ଅବସର ନେବାର ଗୁଜବ ଶୀର୍ଷରେ ଥିଲା। ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ନିଜର ସ୍ପେଲ ସମାପ୍ତ କରିବା ପରେ ରବିନ୍ଦ୍ର ଜାଡେଜା ଯେତେବେଳେ ବିରାଟ କୋହଲିଙ୍କୁ ଆଲିଙ୍ଗନ କରିଥିଲେ, ଜାଡେଜାଙ୍କ ଅବସର ନେଇ ଗୁଜବ ପୁଣି ଥରେ ଜୋର ଧରିଥିଲା ଏବେ ଜାଡେଜା ନିଜେ ତାଙ୍କ ଅବସର ଖବର ଉପରେ ନୀରବତା ଭାଙ୍ଗିଛନ୍ତି।

ରବିନ୍ଦ୍ର ଜାଡେଜା ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରିଛନ୍ତି, ଯେଉଁଥିରେ ସେ ଅବସର ଗୁଜବକୁ ଅଯଥା ବୋଲି କହିଛନ୍ତି ଏବଂ କହିଛନ୍ତି, ଅଯଥା ଗୁଜବ ପ୍ରସାର କରନ୍ତୁନାହିଁ। ଆପଣଙ୍କୁ ମନେ ପକାଇ ଦେଉଛୁ ଯେ ଗତ ବର୍ଷ ଭାରତର ଟି-୨୦ ବିଶ୍ୱକପ ବିଜୟ ପରେ ଜାଡେଜା ଟି-୨୦ ଫର୍ମାଟକୁ ଅଲବିଦା କହିଥିଲେ। ଏବେ ଲାଗୁଛି ଯେପରି ୩୬ ବର୍ଷୀୟ ଜାଡେଜା ୨୦୨୭ ଦିନିକିଆ। ବିଶ୍ୱକପକୁ ନିଜର ଲକ୍ଷ୍ୟ କରିଛନ୍ତି। ସେହି ବିଶ୍ୱକପ ଆୟୋଜନ ହେବାକୁ ଆହୁରି ଦୁଇ ବର୍ଷ ବାକି ଅଛି ଏବଂ ସେତେବେଳକୁ ଜାଡେଜା ୩୮ ବର୍ଷ ବୟସର ହୋଇସାରିଥିବେ।

# ମୁଁ ବହୁତ ଭାଗ୍ୟବାନ : କୋହଲି

ଦୁବାଇ, ୧୦।୩: ଭାରତ ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଟାଇଟଲ ଜିତିଛି ଫାଇନାଲରେ ଟିମ ଇଣ୍ଡିଆ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା ଭାରତର ଏହି ବିଜୟ ବିରାଟ କୋହଲି ଏବଂ ଅଧିନାୟକ ରୋହିତ ଶର୍ମାଙ୍କ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା ।ଟିମ ଇଣ୍ଡିଆର ବିଜୟ ଉପରେ ପ୍ରତିକ୍ରିୟା ଦେଇ କୋହଲି କହିଛନ୍ତି, ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି ମୁଁ ପରାଜୟରୁ ବହୁତ କିଛି ଶିଖିଛି ସେ ଭାରତର ବିଜୟର ଶ୍ରେୟ ସମଗ୍ର ଦଳକୁ ଦେଇଛନ୍ତି।ବିରାଟ ସେମିଫାଇନାଲରେ ଅଷ୍ଟ୍ରେଲିଆ। ବିପକ୍ଷରେ ୮୪ ରନର ଇନିଂସ ଖେଳିଥିଲେ ସେ ୯୮ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ ଏବଂ ୫ଟି ଚୌକା ମାରିଥିଲେ କିନ୍ତୁ ଫାଇନାଲରେ କୋହଲି କିଛି ବିଶେଷ କରିପାରି ନ ଥିଲେ ସେ ମାତ୍ର ୧ ରନ କରି ଆଉଟ ହୋଇଥିଲେ ଯଦି ଆମେ ବିରାଟଙ୍କ ସାମଗ୍ରିକ ପ୍ରଦର୍ଶନକୁ ଦେଖିବା, ତେବେ ଏହା ଉତ୍କୃଷ୍ଟ ଥିଲା କୋହଲି ଟୁର୍ନାମେଣ୍ଟର ପାଞ୍ଚଟି ମ୍ୟାଚ୍‌ରେ ୨୧୮ ରନ କରିଥିଲେ ଏହି ସମୟ ମଧ୍ୟରେ ସେ ଗୋଟିଏ ଶତକ ଏବଂ ଗୋଟିଏ ଅର୍ଦ୍ଧଶତକ ହାସଲ କରିଥିଲେ। ଅଷ୍ଟ୍ରେଲିଆ। ବିପକ୍ଷ ଟେଷ୍ଟ ସିରିଜରେ ଭାରତକୁ ଏକ ଶୋଚନୀୟ ପରାଜୟର ସାମ୍ନା କରିବାକୁ ପଡିଥିଲା ବିରାଟ ମଧ୍ୟ ଏହି ପରାଜୟ ବିଷୟରେ ଉଲ୍ଲେଖ କରିଥିଲେ। ଚାମ୍ପିଅନ୍ସ ଟ୍ରଫି ଜିତିବା ପରେ ବିରାଟ କହିଥିଲେ, ଆମେ ଚାମ୍ପିଅନ୍ସ ଟ୍ରଫି ଜିତିବାର ଅନେକ ବର୍ଷ ହୋଇଗଲାଣି। ଏବେ ଏହି ଫର୍ମାଟରେ ଟାଇଟଲ ଜିତିବା ପ୍ରକୃତରେ ଭଲ ଲାଗୁଛି। ଏହା ଆମର ଲକ୍ଷ୍ୟ ଥିଲା। ଅଷ୍ଟ୍ରେଲିଆ ଗସ୍ତ ବହୁତ କଷ୍ଟକର ଥିଲା। ଫେରିବା ପରେ ଆମେ ଏକ ବଡ଼ ଟୁର୍ନାମେଣ୍ଟ ଜିତିଛୁ ଏହା ମୋର ଆତ୍ମବିଶ୍ୱାସକୁ ବୃଦ୍ଧି କରିଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ